**ଦିଲ୍ଲୀକୁ ୫୯ ରନ୍‌ରେ ହରାଇ ପ୍ଲେଅଫରେ ମୁମ୍ବାଇ**





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୧୩ ● ୨୨ ମଇ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-113 ● 22th May 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ୧୭ତମ ପୋଲିସ କମିଶନରେଟ୍ ପ୍ରତିଷ୍ଠା ଦିବସ

# ସ୍ମାର୍ଟ ପୋଲିସିଂ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



**ଭୁବନେଶ୍ୱର, ୨୧/୦୫**
**ନ୍ୟୁଜ ବ୍ୟୁରୋ**

କଟକ-ଭୁବନେଶ୍ୱରର ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ଅପରାଧ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ୍ ସମସ୍ୟା ଦୂର କରିବା ଇତ୍ୟାଦିରେ ଆମ କମିଶନରେଟ ପୋଲିସ ଦକ୍ଷତାର ସହ କାର୍ଯ୍ୟ କରୁଛି ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର କଟକ କମିଶନରେଟ ପୋଲିସର ୧୭ତମ ସ୍ଥାପନା ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଏହି ଉପଲକ୍ଷେ ଭୁବନେଶ୍ୱର ୭ମ ବାଟାଲିଅନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶରେ ଥିବା ସମସ୍ତ କମିଶନରେଟ ପୋଲିସ ମଧ୍ୟରେ ଭୁବନେଶ୍ୱର-କଟକ କମିଶନରେଟ ଏକ ଦକ୍ଷ, ଉନ୍ନତ, ଦାୟିତ୍ୱବାନ୍ ଓ ସମ୍ବେଦନଶୀଳ ପୋଲିସ ଭାବରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଗତ ୧୧ ମାସ କମିଶନରେଟ ପୋଲିସ ପାଇଁ ଘଟଣା ବହୁଳ ଥିଲା । ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ଅନେକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଭାବେ ଏସବୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି । ଏ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ (ପୃଷ୍ଠା ୭ରେ)

## ଛତିଶା ନିଯୋଗ ବୈଠକ

# ରଥଯାତ୍ରା ନୀତି ନିର୍ଘଣ୍ଟରେ ବାଜିଲା ମୋହର



**ପୁରୀ, ୨୧/୦୫**
**ନ୍ୟୁଜ ବ୍ୟୁରୋ**

ଗତଥର ମହାପ୍ରଭୁ ବଳଭଦ୍ର ରଥ ଉପରେ ପଡ଼ିଯିବା ଘଟଣା ପରେ ଶ୍ରୀମନ୍ଦିର ପ୍ରଶାସନ ସୁରକ୍ଷାରେ କୌଣସି ବୁଝାମଣା କରିବାକୁ ଚାହୁଁ ନାହାଁନ୍ତି । ଚାରମାଳ ବନ୍ଧା ହେବା ପରେ ବାଡ଼ଗ୍ରାହୀଙ୍କ ସମେତ ଜଣେ ବରିଷ୍ଠ ଅଧିକାରୀ ଚାରମାଳ ଯାଞ୍ଚ କରିବେ । ଏଥି ପାଇଁ ଭୋଇ ସେବକଙ୍କ ସମେତ ଜେଟିପିମାନେ ସହଯୋଗ କରିବେ । ଅଘଟଣର ଯେଭଳି ପୁନରାବୃତ୍ତି ନ ହୁଏ ସେ ନେଇ ନିଶ୍ଚିତ କରିବାକୁ ନିଷ୍ପତ୍ତି ହୋଇଛି । ବୁଧବାର ଭକ୍ତ ନିବାସରେ ବସିଥିବା ଛତିଶା ନିଯୋଗ ବୈଠକରେ ଏଭଳି ନିଷ୍ପତ୍ତି ହେବା ସହ ରଥଯାତ୍ରା ନୀତି ନିର୍ଘଣ୍ଟରେ ମୋହର ବାଜିଛି । ଆସନ୍ତା ଜୁନ୍ ୨୭ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରାଦିନ ସକାଳ ୯ଟାରେ ରଥ ପ୍ରତିଷ୍ଠା ହେବ । ସାଢ଼େ ୯ଟାରେ ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୧୨ଟା ସୁଦ୍ଧା ସରିବ । ସାଢ଼େ ୧୨ଟାରୁ ୧ଟା ମଧ୍ୟରେ ଶ୍ରୀମଦନମୋହନ, ଶ୍ରୀରାମ ଓ ଶ୍ରୀକୃଷ୍ଣ ବିଜେ କରିବେ । ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ରଥ ଛେରାପହଁରା ଓ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ । ଜୁଲାଇ ୧ ତାରିଖ ହେରାପଞ୍ଚମୀରେ ରାତି ସାଢ଼େ ୯ଟାରେ ମହାଲକ୍ଷ୍ମୀ ରଥ ତଳ ନୀତି ସାରି ଜଗମୋହନକୁ ବିଜେ କରିବେ । ରାତି ୯ଟା ୩୫ରେ ମହାଲକ୍ଷ୍ମୀଙ୍କ ଆଜ୍ଞାମାଳ ଲାଗି ହେବାକୁ ସ୍ଥିର କରାଯାଇଛି । ଜୁନ ୧୧ରେ ହେବାକୁ ଥିବା ଦେବସ୍ନାନ ପୂର୍ଣ୍ଣିମାରେ ଦିନ ୧୨ଟା ୨୦ରୁ ୧ଟା ୪୫ ମଧ୍ୟରେ ଜଳ ବିଜେ, ପୂଜା ଓ ସ୍ନାନ ନୀତି ଅନୁଷ୍ଠିତ ହେବ । ସାଢ଼େ ୩ଟାରେ ଛେରା ପହଁରା ଓ ଅପରାହ୍ଣ ସାଢ଼େ ୪ଟାର ହାତୀ ବେଶ ଅନୁଷ୍ଠିତ ହେବ । ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ସାହାଣ ମେଳା ହେବ । ରାତି ୧୧ଟାରେ ହାତୀ ବେଶ ମଇଲମ ତଥା ଓଲାଗି ହେବ । ରାତି ସାଢ଼େ ୧୧ଟାରୁ ୨ଟା ମଧ୍ୟରେ ବାହୁଡ଼ା ପହଣ୍ଡି ହେବ । ରାତି ସାଢ଼େ ୨ଟାରେ ସୁନା ଚିତା ଓ (ପୃଷ୍ଠା ୭ରେ)

## ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନ୍‌ଫରେନ୍ସରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଂଶଗ୍ରହଣ

**ଭୁବନେଶ୍ୱର, ୨୧/୦୫**
**ନ୍ୟୁଜ ବ୍ୟୁରୋ**

ଭୁଟାନ ରାଜସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ଦାଦନ ଶ୍ରମିକ ବିସ୍ଥାପନ ନିମନ୍ତେ ଗଠିତ ଟାସ୍କଫୋର୍ସର ଚେୟାରମ୍ୟାନ କନକ ବର୍ଦ୍ଧନ ସିଂହଦେଓ ଭାରତରୁ ଅଂଶଗ୍ରହଣ କରିଛନ୍ତି । ବିଶ୍ୱବ୍ୟାଙ୍କ ସମେତ ଦକ୍ଷିଣ ଏସିଆର ପ୍ରମୁଖ ଅର୍ଥନୈତିଜ୍ଞମାନେ ଏହି ସମ୍ମିଳନୀରେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମିଳନୀରେ ଯୋଗଦେବା ଅବସରରେ ଉପମୁଖ୍ୟମନ୍ତ୍ରୀ ଭୁଟାନର ପ୍ରଧାନମନ୍ତ୍ରୀ ଲିୟନଚୟେନ ସେରିଙ୍ଗ ଟୋବଗେଙ୍କ ସହିତ ଦୁଇ ଦେଶ ସହଭାଗୀତାର ସହ ସମସ୍ତ କାର୍ଯ୍ୟ କରିବା ପାଇଁ ଆଲୋଚନା କରିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଲୋକଙ୍କ ମଧ୍ୟରେ ସ୍ଥାନାନ୍ତର ବା ମାଇଗ୍ରେସନ ଏକ ବହୁମୁଖୀ ବାସ୍ତବତା ଯାହା ଜୀବନର ଗୁଣବତ୍ତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ବହୁମାତ୍ରାରେ ପ୍ରଭାବିତ କରେ । ଉପମୁଖ୍ୟମନ୍ତ୍ରୀ ବକ୍ତବ୍ୟରେ କହିଥିଲେ, ଭାରତରେ, ପ୍ରାୟ ୧୦ କୋଟି ପ୍ରବାସୀ ଶ୍ରମିକ ପ୍ରତିବର୍ଷ ସାଧାରଣତଃ ଏକ ରୁ ଛଅ ମାସ ନିମନ୍ତେ କାମ ପାଇଁ ସ୍ଥାନାନ୍ତରିତ ହୁଅନ୍ତି । ଜନଗଣନା ତଥ୍ୟ ଅନୁଯାୟୀ ପ୍ରାୟ ୧୩ କୋଟି ୯୦ ଲକ୍ଷ ଭାରତ ଭିତରେ ହିଁ ସ୍ଥାନାନ୍ତର ହୋଇଛନ୍ତି । ପ୍ରବାସ କାରଣରୁ ଅଧିକାଂଶ ନିଜ ଅଞ୍ଚଳର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଏବଂ ପ୍ରବାସ ସ୍ଥାନରେ ମଧ୍ୟ (ପୃଷ୍ଠା ୭ରେ)

# ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶିତ : ପାସ୍ ହାର ୮୨.୭୭%




**ଭୁବନେଶ୍ୱର, ୨୧/୦୫**
**ନ୍ୟୁଜ ବ୍ୟୁରୋ**

ବୁଧବାର ପ୍ରକାଶ ପାଇଛି ଯୁକ୍ତ ଦୁଇ ପରୀକ୍ଷା ଫଳ । ଏକା ସାଙ୍ଗରେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇଛି । ବୁଧବାର ଅପରାହ୍ଣ ୪ଟା ସମୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଚଳିତ ବର୍ଷ ସମୁଦାୟ ପାସ୍ ହାର ୮୨.୭୭ ପ୍ରତିଶତ ରହିଛି । ଏଥିରେ ଛାତ୍ରଙ୍କ ପାସ୍ ହାର ୭୭.୮୮ ପ୍ରତିଶତ ଥିବା ବେଳେ ୮୭.୨୪ ପ୍ରତିଶତରେ ଛାତ୍ରୀ ଆଗୁଆ ରହିଛନ୍ତି । ସେହିପରି ବିଜ୍ଞାନରେ ପାସ୍ ହାର ୮୭.୪୯ ପ୍ରତିଶତ, କଳାରେ ପାସ୍ ହାର ୮୦.୫୧ ପ୍ରତିଶତ, ବାଣିଜ୍ୟରେ ପାସ୍ ହାର ୮୩.୨ ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ପାସ୍ ହାର୍ ୬୦.୫୭ ପ୍ରତିଶତ ରହିଛି । ଛାତ୍ରଛାତ୍ରୀମାନେ ସେମାନଙ୍କ ପରୀକ୍ଷା ଫଳ ଡବ୍ଲୁଡବ୍ଲୁଡବ୍ଲୁ.ସିଏଚଏସଇଓଡିଶା.ଏନଆଇସି.ଇନ୍ ଏବଂ ଏଚଟିଟିପି:// ଓଡିଶାରେଜଲ୍ଟସ୍.ଏନଆଇସି.ଇନ୍ ୱେବସାଇଟରେ ଜାଣିପାରିବେ । ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ବର୍ଗରେ ମୋଟ୍ ୩ ଲକ୍ଷ ୮୨ ହଜାର ୭୨୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୩ ଲକ୍ଷ ୧୬ ହଜାର ୭୮୭ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ୧ ଲକ୍ଷ ୪୨ ହଜାର ୫୧୨ ଜଣ ଛାତ୍ର ପାସ୍ ହୋଇଥିବା ବେଳେ ୧ ଲକ୍ଷ ୭୪ ହଜାର ୨୫୧ ଜଣ ଛାତ୍ରୀ ପାସ୍ ହୋଇଛନ୍ତି । ସେହିପରି ପ୍ରଥମ ଶ୍ରେଣୀରେ ୧ ଲକ୍ଷ ୧ ହଜାର ୯୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୬୭ (ପୃଷ୍ଠା ୭ରେ)

## ମାତୃତ୍ୱ ଛୁଟି ସମସ୍ୟା ଦୂରହେଲା

# ୧୮୦ ଦିନର ଛୁଟି ପାଇଁ ନିର୍ଦ୍ଦିଷ୍ଟ ନିୟମ ସ୍ଥିରୀକୃତ



**ଭୁବନେଶ୍ୱର, ୨୧/୦୫**
**ନ୍ୟୁଜ ବ୍ୟୁରୋ**

ଜଣେ ମହିଳା ସରକାରୀ କର୍ମଚାରୀ ଦୁଇଟିରୁ କମ୍ ଜୀବିତ ପିଲାଙ୍କ ପାଇଁ, ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଛି । କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ, ସେ ବିଷୟରେ କିଛିଟା ଦ୍ୱନ୍ଦ୍ୱ ଥିଲା । ଏବେ ସେହି ଦ୍ୱନ୍ଦ୍ୱ ଦୂର ହୋଇଛି । ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ ସମୟରେ ୧୮୦ ଦିନର ଛୁଟି କେଉଁ ପରିସ୍ଥିତିରେ କିପରି ନେବେ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିୟମ ସ୍ଥିରୀକୃତ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି । ଏହା ଦ୍ୱାରା ମହିଳା ସରକାରୀ କର୍ମଚାରୀମାନେ ମାତୃତ୍ୱ କ୍ଷେତ୍ରରେ ଛୁଟି ପାଇବାରେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ଦୂର ହୋଇଛି । ଏହା ସହିତ, ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ, ପରବର୍ତ୍ତୀ ସମୟରେ ସେବାରେ ଯୋଗ ଦେବା ପରେ, ମାତୃତ୍ୱ ଛୁଟି ଉପଲବ୍ଧ କରିବା ଉପରେ ମଧ୍ୟ ଦ୍ୱନ୍ଦ୍ୱ ଥିଲା । ସେ ସମସ୍ୟା ମଧ୍ୟ ଦୂର ହୋଇ ପାରିଛି । ଏହା ସହିତ ଗର୍ଭପାତ, ଜନ୍ମିତ ଶିଶୁର ମୃତ୍ୟୁ ଓ ମୃତ ଶିଶୁ ଜନ୍ମ କ୍ଷେତ୍ରରେ ମଧ୍ୟ ଛୁଟି ନେବାର ନିର୍ଦ୍ଦିଷ୍ଟ ନିୟମ କରାଯାଇଛି ।

ନୂତନ ନିଷ୍ପତ୍ତି ଅନୁଯାୟୀ- ସମ୍ଭାବ୍ୟ ପ୍ରସବ ତାରିଖର ତିନି ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ଛଅ ମାସ ମଧ୍ୟରେ, ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନର ମାତୃତ୍ୱ ଛୁଟି ନେଇପାରିବେ ।

କିନ୍ତୁ, ଜଣେ (ପୃଷ୍ଠା ୭ରେ)

# ସୁରକ୍ଷା କର୍ମୀ-ମାଓବାଦୀ ଗୁଳି ବିନିମୟ: ୩୦ ନିପାତ

**ମାଲକାନଗିରି, ୨୧/୦୫**
**ନ୍ୟୁଜ ବ୍ୟୁରୋ**

ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ବଡ଼ ଧରଣର ଗୁଳି ବିନିମୟ ହୋଇଛି । ଏଥିରେ ୩୦ ମାଓବାଦୀ ନିପାତ ହୋଇଥିବା ବେଳେ ଜଣେ ଯବାନ ସହିଦ ହୋଇଛନ୍ତି । ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ମାଓନେତା ତଥା ସେଣ୍ଟ୍ରାଲ କମିଟିର ମୁଖ୍ୟ ବାସବରାଜଙ୍କ ମୃତ୍ୟୁ ହୋଇଥିଲା । ତାଙ୍କୁ ଧରାଇ ଦେବାକୁ ଦେଢ଼ କୋଟି ପୁରସ୍କାର ଥିଲା । ବର୍ତ୍ତମାନ ସୁରକ୍ଷା କର୍ମୀ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲ୍ଲାର ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ବଡ଼ ଧରଣର ଗୁଳିବିନିମୟରେ ପ୍ରାୟ ଜଣ ୩୦ ମାଓବାଦୀ ନିପାତ ହୋଇଥିବାବେଳେ ଜଣେ ଯବାନ ସହିଦ ହୋଇଛନ୍ତି । ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ମାଓନେତା ତଥା ସେଣ୍ଟ୍ରାଲ କମିଟିର ମୁଖ୍ୟ ବାସବରାଜ, ଯାହାକୁ ବାଲା କେଶବ ରାଓ ନାମରେ ମଧ୍ୟ ଜଣାଶୁଣା, ୬୫ ବର୍ଷୀୟ ଆନ୍ଧ୍ର ଜୋନ୍ ମୁଖ୍ୟଙ୍କ ମୃତ୍ୟୁ ହୋଇଥିଲା । ତାଙ୍କୁ ଧରାଇ ଦେବାକୁ ଦେଢ଼ (ପୃଷ୍ଠା ୭ରେ)



# ଇସ୍ରୋ ଦେଶର ସୀମା ସୁରକ୍ଷା ସହ ଖାଦ୍ୟ ନିରାପତ୍ତା ପାଇଁ କାମ କରୁଛି

**ଭୁବନେଶ୍ୱର, ୨୧/୦୫**
**ନ୍ୟୁଜ ବ୍ୟୁରୋ**

ବୁଧବାର ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର ପରିଦର୍ଶନ କରିଛନ୍ତି ଇଣ୍ଡିଆନ ସ୍ପେସ ରିସର୍ଚ୍ଚ ଅର୍ଗାନାଇଜେସନ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ୍ । ଏହି ଅବସରରେ ସେ 'ଅପରେସନ ସିନ୍ଦୂର'ରେ ନିର୍ଦ୍ଦିଷ୍ଟ ଭାବେ ଇସ୍ରୋର ଭୂମିକା ଥିଲା ତାହା ଜଣାଇ ନଥିଲେ ମଧ୍ୟ ଏବେ ଇସ୍ରୋର ୫୬ ସାଟେଲାଇଟ ଅପରେସନାଲ ଅଛି, ଯାହା ମଧ୍ୟରୁ ଅନେକ ଦେଶର ସୁରକ୍ଷା ପାଇଁ ବ୍ୟବହାର ହେଉଛି ବୋଲି କହିଛନ୍ତି ଇସ୍ରୋ ଅଧ୍ୟକ୍ଷ । ସେ କହିଛନ୍ତି, ଇସ୍ରୋ ଦେଶର ସୀମା ସୁରକ୍ଷା ସହ ଖାଦ୍ୟ ନିରାପତ୍ତା, ଜଳ ନିରାପତ୍ତା, ଟେଲି ଏଜୁକେଶନ, ପାଣିପାଗଦିଗରେ ମଧ୍ୟ କାମ କରୁଛି । ଏହି ଅବସରରେ ସେ କହିଛନ୍ତି ଯେ, ଏବେ ଇସ୍ରୋ ଚନ୍ଦ୍ରାୟନ ୪ ଓ ଚନ୍ଦ୍ରାୟନ-୫ ଉପରେ କାମ କରୁଛି । ଚନ୍ଦ୍ରାୟନ ୪ ଏକ ସାମ୍ପୁଲ କଲେକ୍ସନ ମିଶନ ଭାବେ ଯିବ । ପ୍ରଥମ ଥର ଲାଗି ଏହି ମିଶନ ଚନ୍ଦ୍ରରୁ ନମୂନା ସଂଗ୍ରହ କରି ଭାରତକୁ ଫେରିବ । ଏହାପରେ ଚନ୍ଦ୍ରାୟନ -୫ ଜାପାନର ଜ୍ୟାକ ସହ ମିଶି ଲଞ୍ଚ କରାଯିବ । ଚନ୍ଦ୍ରାୟନ-୩ ଲ୍ୟାଣ୍ଡର ଓଜନ ଥିଲା ୧୬୦୦ କିଲୋଗ୍ରାମ ଓ ସେଥିରୁ ରୋଭାର ଓଜନ ଥିଲା ୨୫ କିଲୋଗ୍ରାମ । ଚନ୍ଦ୍ରାୟନ ୫ର ଲ୍ୟାଣ୍ଡର ଓଜନ ୬୪୦୦ କିଲୋ ଓ ରୋଭର୍ ଓଜନ ରହିବ ୩୫୦ କିଲୋ । ଚନ୍ଦ୍ରାୟନ ୩ର ଜୀବନ କାଳ ଥିଲା ୧୪ ଦିନ, ଚନ୍ଦ୍ରାୟନ ୫ର ଜୀବନ କାଳ ରହିବ ୧୦୦ ଦିନ । ସେହିପରି ଗଗନୟାନ ଉପରେ ମଧ୍ୟ କାମ କରୁଛି ଇସ୍ରୋ । ପ୍ରଥମ କ୍ରିୟୁଡ ମିଶନ ଏହି ବର୍ଷ ହେବ । ଏହାପରେ ଆଉ ୨ଟି କ୍ରିୟୁଡ ମିଶନ ପରେ ୨୦୨୭ ପ୍ରଥମ ତ୍ରୟମାସରେ ସ୍ପେସ ଯାତ୍ରୀଙ୍କୁ ନେଇ ଯିବ । ନାସା ସହଭାଗିତାରେ (ପୃଷ୍ଠା ୭ରେ)

# ବାଂଲାଦେଶରେ ପୁଣି କ୍ଷମତା ଦଖଲ ବିଦ୍ରୋହ ଆଶଙ୍କା

**ଢାକା, ୨୧/୦୫**

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଏବଂ ଦେଶର ସେନା ମୁଖ୍ୟ ଜେନେରାଲ ୱାକାର ଉଜ-ଜମାନଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ଏହି ସମୟରେ, ସେନା ମୁଖ୍ୟ ଜେନେରାଲ ଜମାନ ତୁରନ୍ତ କମାଣ୍ଡରମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି । ବାଂଲାଦେଶ ସେନା ମୁଖ୍ୟ ନିର୍ବାଚନ ସମ୍ପର୍କରେ ମହମ୍ମଦ ୟୁନୁସଙ୍କୁ ଆଉ ସମୟ ଦେବାକୁ ପ୍ରସ୍ତୁତ ନାହାନ୍ତି ଏବଂ ଯଥାଶୀଘ୍ର ନିର୍ବାଚନ ଘୋଷଣା କରିବାକୁ ଚାହୁଁଛନ୍ତି । ସେମାନଙ୍କର ସବୁଠାରୁ ବଡ଼ ଚିନ୍ତା ହେଉଛି ବିଦେଶୀ ହସ୍ତକ୍ଷେପ ଯୋଗୁ ସୃଷ୍ଟି ହୋଇଥିବା ଅସ୍ଥିରତା । ସୂତ୍ର ଅନୁସାରେ ଜେନେରାଲ ଜମାନ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଦେଶଦ୍ରୋହୀ ଯେତେ ଭାରତେ ଆମର
ଅଛନ୍ତି ହୋଇକି ଭରି
ଯେ ଥାଳେ ଖାଆନ୍ତି ସେଥିରେ ଥୁକନ୍ତି
ପାକ୍‌କୁ ସଙ୍ଗାତ କରି
ଯାଙ୍କୁ ଖୋଜିକି କରି ବାହାରି
ଦଣ୍ଡ ଏମିତି ଦିଅ ଦେଖିକି
ଛାତିହୋଇଯିବ ଚିରି

# ଶୀଘ୍ର ମୌସୁମୀ ପାଇଁ ତ୍ରି-ସ୍ତରୀୟ ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ



**ଭୁବନେଶ୍ୱର, ୨୧/୦୫**
**ନ୍ୟୁଜ ବ୍ୟୁରୋ**

ବହୁ ପ୍ରତୀକ୍ଷିତ ତ୍ରି-ସ୍ତରୀୟ ପଞ୍ଚାୟତ ଉପନିର୍ବାଚନକୁ ରାଜ୍ୟ ସରକାର ସ୍ଥଗିତ ରଖିଛନ୍ତି । ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ ନେଇ ରାଜ୍ୟ ନିର୍ବାଚନ କମିଶନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ଶୀଘ୍ର ମୌସୁମୀ ଆସୁଥିବାରୁ ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ ଘୋଷଣା କରାଯାଇଛି । ଜିଲ୍ଲା ଅଧିକାରୀ ଓ ଆଶାୟୀ ପ୍ରାର୍ଥୀମାନେ ବର୍ଷା ଋତୁ ପାଇଁ ନିର୍ବାଚନ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲେ । ପରବର୍ତ୍ତୀ ତାରିଖ ସମୟ ଦେଖି ଘୋଷଣା କରାଯିବ । ଆସନ୍ତା ଜୁନ୍ ୨୩ରେ ଉପନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରାଜ୍ୟର ୧୧୩୧ଟି ଖାଲି ପଦ ପାଇଁ ଉପନିର୍ବାଚନ ହେବାର ଅଛି । ସୂଚନାଯୋଗ୍ୟ, ଆସନ୍ତା ଜୁନ ୨୩ ତାରିଖରେ ପଞ୍ଚାୟତ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୪୩ ସରପଞ୍ଚ, ୨୭୨ ୱାର୍ଡ ସଭ୍ୟ ପାଇଁ ଉପନିର୍ବାଚନ ହେବାର ଅଛି । ବିଜ୍ଞପ୍ତିରେ କୁହାଯାଇଥିଲା ଯେ, ଜୁନ୍ ୨୩ରେ ପଞ୍ଚାୟତ ଉପନିର୍ବାଚନ ଅନୁଷ୍ଠିତ ହେବ । ୪୩ ସରପଞ୍ଚ, ୨୭୨ ୱାର୍ଡସଭ୍ୟ ପାଇଁ ମତଦାନ ହେବ । ଏନେଇ ମେ' ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବ । ମେ' ୨୬ରୁ ୩୧ ନାମାଙ୍କନ ଦାଖଲ ହେବ । ଦିନ ୧୧ଟାରୁ (ପୃଷ୍ଠା ୭ରେ)

# ପାକିସ୍ତାନ ସହ ମିଶି ନୂଆ ଷଡ଼ଯନ୍ତ୍ର କରୁଛି ଚୀନ୍



**ନୂଆଦିଲ୍ଲୀ, ୨୧/୦୫**

ତାଲିବାନ ସହ ଭାରତର ବଢୁଥିବା ସମ୍ପର୍କ ଦେଖି ନୂଆ ଚାଲ୍ ଆରମ୍ଭ କରିଛି ଚୀନ । ପାକିସ୍ତାନ ଓ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ସହ ହୋଇଥିବା ବୈଠକରେ ଚୀନ ଏକ ବଡ଼ ଘୋଷଣା କରିଛି । ଏହା ଅନୁସାରେ ଏବେ ଚୀନ-ପାକିସ୍ତାନ ଅର୍ଥନୈତିକ କରିଡରକୁ ଆଫଗାନିସ୍ତାନ ଯାଏ ବିସ୍ତାର କରାଯିବ । ଅନୁମାନ କରାଯାଉଛି ଯେ ପାକିସ୍ତାନ ସହ ଆଫଗାନିସ୍ତାନର ସମ୍ପର୍କରେ ସୁଧାର ଆଣିବା ପାଇଁ ଚୀନ ଏହି ରଣନୀତି କରିଛି । ଆଫଗାନିସ୍ତାନରେ ତାଲିବାନ ଶାସନ ସ୍ଥାପନ ହେବା ପରେ ପାକିସ୍ତାନ ନିଜ ପତିଆରା ବଢାଇବ ବୋଲି ଆଶା କରିଥିଲା, କିନ୍ତୁ ତାଲିବାନ ସେପରି କରାଇ ଦେଲାନି । ତେଣୁ ଚୀନ ଏବେ ଏଥିରେ ନିଜ ମୁଣ୍ଡ ଖେଳାଇବା ଆରମ୍ଭ କରିଛି ।

ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇଶାକ ଡାର, ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୱିଙ୍କ ସହ ଆଫଗାନିସ୍ତାନ ସମକକ୍ଷ ଆମିର ଖାନ ମୁତ୍ତାକି ବୈଠକ କରିଛନ୍ତି । (ପୃଷ୍ଠା ୭ରେ)



# ଚିଲିକା ନଳବଣକୁ ଆସିଲେ ବିଦେଶୀ ପକ୍ଷୀ

## ସୁରକ୍ଷା ଲାଗି ବନ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଟିମ୍ ଗଠନ

**ବ୍ରହ୍ମଗିରି/ଅସ୍ତରଙ୍ଗ, ନ୍ୟୁଜ ବ୍ୟୁରୋ**



ଶୀତ ଦିନ ଆରମ୍ଭ ହୋଇନି । ହେଲେ ଏବେଠୁ ଆସିଲେଣି ବିଦେଶୀ ପକ୍ଷୀ । ଚିଲିକା ନଳବଣରେ ହଜାର ହଜାର ରଙ୍ଗବେରଙ୍ଗର ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଛି । ବନ ବିଭାଗ ପକ୍ଷରୁ ପକ୍ଷୀଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସାଧାରଣତଃ ନଭେମ୍ବର ଆରମ୍ଭରେ ଅର୍ଥାତ ଶୀତ ପଡ଼ିବା ପରେ ମରାଳ ମାଳିନୀ ନୀଳାମ୍ବୁ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ଚଳିତ ବର୍ଷ ଶୀତ ଋତୁ ଅବ୍ୟବହିତ ପୂର୍ବରୁ ଚିଲିକାକୁ କିଛି ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ଜଣାପଡ଼ିଛି । ବନ ବିଭାଗ ସୂଚନା ଅନୁଯାୟୀ, ପ୍ରାୟ ୧୦ ହଜାରରୁ ଅଧିକ ପିଣ୍ଟେଲ୍, ଗଡ୍‌ୱିଲ୍ ଓ ସୋଭ୍‌ଲର ଇତ୍ୟାଦି ବିଦେଶୀ ଅତିଥି ପକ୍ଷୀ ଆସି ନଳବଣ ଇଲାକାରେ ପହଞ୍ଚି ଗଲେଣି । ପକ୍ଷୀମାନେ ଆସିବା ସୂଚନା ମିଳିବା କ୍ଷଣି ଶିକାରୀମାନେ ନିଜକୁ ପ୍ରସ୍ତୁତ କଲେଣି । ଏହି ଖବର ଜଣାପଡ଼ିବା ପରେ ଚିଲିକା ୱାଇଲ୍ଡ ଲାଇଫ୍ ଡିଭିଜନ୍‌ର ଡିଏଫ୍‌ଓ ଆମ୍ଲାନ ନାୟକ କହିଛନ୍ତି, ଚଳିତ ବର୍ଷ ଶୀତ ପୂର୍ବରୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି । ସେତେ ପରିମାଣରେ ପକ୍ଷୀ ଆସିନାହାନ୍ତି । ଶୀତ ପଡ଼ିଲା ପରେ ପକ୍ଷୀମାନଙ୍କ ସମୂହ ଆଗମନ ହେବ ବୋଲି ଆଶଙ୍କା କରାଯାଉଛି । ପକ୍ଷୀଙ୍କ ସୁରକ୍ଷା ପାଇଁ ସାତପଡ଼ା, ଚିଲିକା ନୂଆପଡ଼ା, ବାଲୁଗାଁ, ଟାଙ୍ଗି, ରମ୍ଭା ଇତ୍ୟାଦି ରେଞ୍ଜ୍ ଅଧୀନରେ ପ୍ରାୟ ୧୫ରୁ ଅଧିକ ସ୍କ୍ୱାଡ୍ ଟିମ୍ ଗଠନ କରାଯାଇ କ୍ୟାମ୍ପ୍ ହୋଇଛି। ସେମାନେ ଶିକାରୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ପକ୍ଷୀ ସୁରକ୍ଷା ନିମନ୍ତେ କଡ଼ା ନଜର ରଖା ଯାଇଛି । ସେହିପରି ଅସ୍ତରଙ୍ଗରେ ବିଦେଶୀ ପକ୍ଷୀଙ୍କ ଆଗମନ ଦେଖିବାକୁ ମିଳିଛି । ସମୁଦ୍ରର ନୀଳ ଜଳରାଶି ଉପରେ ରଙ୍ଗବେରଙ୍ଗର ବିଦେଶାଗତ ପକ୍ଷୀଙ୍କ କଳରବ ସାଙ୍ଗକୁ ଭଳିକି ଭଳି ଉଡ଼ାଣ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଛ। ପାପିରା, ଗଙ୍ଗାଦେବୀ, କେଳୁଣୀ ମୁହାଣ ଅଞ୍ଚଳରେ ଥିବା ଗଛଗୁଡ଼ିକରେ ବିଦେଶାଗତ ପକ୍ଷୀ ପରିପୂର୍ଣ୍ଣ ହୋଇଗଲଣି । ଗତବର୍ଷ ଏହି ସମୟରେ ଯେତିକି ସଂଖ୍ୟକ ପକ୍ଷୀ ଅସ୍ତରଙ୍ଗକୁ ଆସିଥିଲେ ଏଥର ଏହି ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି । ସମୁଦ୍ର ନିକଟବର୍ତ୍ତୀ ଗାଁ ଗୁଡ଼ିକରେ ଅତିଥି ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ସାଙ୍ଗକୁ ଭଳିକି ଭଳି ଉଡ଼ାଣ ସମଗ୍ର ଅଞ୍ଚଳର ପରିବେଶକୁ ବଦଳାଇ ଦେଇଛି । ପାପିରା ବନ୍ଧ ନିକଟରେ ୨ରୁ ୩ଟି ପକ୍ଷୀ ଦଳ ଓହ୍ଲାଇଛନ୍ତି । ଦିନେ ଦୁଇ ଦିନ ମଧ୍ୟରେ ଏମାନଙ୍କ ପ୍ରଜାତି ଓ ସଂଖ୍ୟା ବୃଦ୍ଧି ହୋଇପାରେ ବୋଲି ଅନୁମାନ କରାଯାଇଛି । ଏନେଇ ପୁରୀ ଜିଲ୍ଲା ଡିଏଫ୍‌ଓ ବିବେକ କୁମାର କହିଛନ୍ତି, ହଜାର ହଜାର ମାଇଲି ଅତିକ୍ରମ କରି ଅସ୍ତରଙ୍ଗ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଅଞ୍ଚଳକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି । ନଭେମ୍ବରରୁ ସ୍ୱତନ୍ତ୍ର କ୍ୟାମ୍ପ ଆରମ୍ଭ ହେବ।

# ସଙ୍କଟରେ ଚିଲିକା: 'ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବଦଳିଛି ରୂପ'




**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ନୀଳାମ୍ବୁ ଚିଲିକାର ରୂପ ବଦଳି ଯାଇଛି। ନଦୀନାଳରେ ଆସୁଥିବା ପଟୁମାଟି ଯୋଗୁଁ ଚିଲିକା ସଂକୁଚିତ ହୋଇଛି। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ପଦାର୍ଥରେ ଏହାର ଜଳ ପ୍ରଦୂଷିତ ହୋଇଛି। ପର୍ଯ୍ୟଟକଙ୍କ ବର୍ଜ୍ୟବସ୍ତୁ ଓ ଚିଙ୍ଗୁଡ଼ି ଘେରି ଜାଲ ଯୋଗୁଁ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ବଢ଼ିଛି। ନଦୀ ଓ ନାଳ ପାଣି ମିଶୁଥିବାରୁ ଚିଲିକା ପାଣିର ଲବଣ ମାତ୍ରା କମିଛି। ଚିଲିକାରେ ଥିବା ବିଭିନ୍ନ ପ୍ରଜାତିର ମାଛ ଲୋପ ପାଉଥିବା ବେଳେ ପ୍ରାକୃତିକ ଭାବେ ବହୁଳ ମାତ୍ରାରେ ମିଳୁଥିବା କଙ୍କଡ଼ା ଆଗ ଭଳି ମିଳୁନାହିଁ। ପରିବେଶ ପରିବର୍ତ୍ତନ ଯୋଗୁଁ ୨ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି କୁହାଯାଉଥିବା ଚିଲିକା ଆଜି ସଙ୍କଟରେ। ହେଲେ ଏସବୁ ସମସ୍ୟାର ସମାଧାନ ବାଟ ଆମ ପାଖରେ ରହିଛି। 'ପୁନଶ୍ଚ ପୃଥିବୀ' କାର୍ଯ୍ୟକ୍ରମରେ 'ସଙ୍କଟରେ ଚିଲିକା' ଶୀର୍ଷକ ଆଲୋଚନାଚକ୍ରରେ ଏଭଳି ମତ ପୋଷଣ କରିଛନ୍ତି ଉପସ୍ଥିତ ପରିବେଶବିତ୍।

ପୂର୍ବରୁ ଚିଲିକାର କ୍ଷେତ୍ରଫଳ ୧୧୬୫ ବର୍ଗ କିଲୋମିଟର ରହିଥିବା ଏବେ ଏହା ସଙ୍କୁଚିତ ହୋଇ ୯୦୬ ବର୍ଗ କିଲୋମିଟର ହୋଇଗଲାଣି। ଜଳବାୟୁ ପରିବର୍ତ୍ତନ ସହ ଚିଲିକାର ବି ପରିବର୍ତ୍ତନ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟା ଚିଲିକାରେ ଲ୍ୟାଣ୍ଡଫଲ୍ କରିବା ପରେ ଏହା ଉପରେ ବେଶ ପ୍ରଭାବ ପଡ଼ିଛି। ଉଭୟ ସମୁଦ୍ରର ଲୁଣି ପାଣି ଓ ନଦୀନାଳର ମଧୁରପାଣି ମିଶି ଚିଲିକା ପାଣିର ଲବଣତା ନିୟନ୍ତ୍ରଣ ହେଉଥିଲା। ଲବଣତା ନିୟନ୍ତ୍ରଣ ଯୋଗୁଁ ଚିଲିକାରେ ୩ଶହରୁ ଅଧିକ ପ୍ରଜାତିର ମାଛ ମିଳୁଥିଲା। ଏହା ଉପରେ ନିର୍ଭର କରି ୨ଲକ୍ଷ ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀ ପରିବାର ଜୀବିକା ନିର୍ବାହ କରୁଥିଲେ। ହେଲେ ଚିଲିକା ସଂକୁଚିତ ହେବା ଫଳରେ ୨ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବିକା ସଙ୍କଟରେ ପଡ଼ିଲାଣି। ତଥାପି ଚଳିତବର୍ଷ ଚିଲିକାକୁ ୨୮ ଲକ୍ଷ ବିଦେଶାଗତ ପକ୍ଷୀ ଆସିଥିବା ବେଳେ ୧୫୯ ଡଲ୍‌ଫିନ୍ ଅଛନ୍ତି। ତେଣୁ ଚିଲିକାର ସୁରକ୍ଷା ପାଇଁ ଏବେଠୁ ମିଳିମିଶି ଉଦ୍ୟମ କଲେ ପୂର୍ବାବସ୍ଥା ବଜାୟ ରହିବ ବୋଲି ଆଲୋଚକ ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ମୁଖ୍ୟ ପ୍ରଫେସର ତମୋଘ୍ନ ଆଚାର୍ଯ୍ୟ, ଚିଲିକା ସୁରକ୍ଷା ଆନ୍ଦୋଳନର ବରିଷ୍ଠ ନେତ୍ରୀ ମୀନା କୁମାରୀ ଟହଲ, ବନ ବିଭାଗର ଉପନିର୍ଦ୍ଦେଶକ ସସ୍ମିତା ଲେଙ୍କା ଓ ସାମୁଦ୍ରିକ ଜୈବବିତ୍ ଶୁଭଶ୍ରୀ ସ୍ୱାଗତିକା ମହାନ୍ତି ମତବ୍ୟକ୍ତ କରିଥିଲେ।

# ସ୍ୱାସ୍ଥ୍ୟ ବିଭାଗର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି : କାର୍ଯ୍ୟରେ ଯୋଗଦେଇ ପାରୁନାହାନ୍ତି ଡାକ୍ତର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ୬୦% ଡାକ୍ତର ପଦବି ଖାଲି ପଡ଼ିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଅନେକ ଡାକ୍ତର କାର୍ଯ୍ୟରେ ଯୋଗଦେଇ ପାରୁନାହାନ୍ତି । ସେମାନଙ୍କୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି । ଏ ପରିସ୍ଥିତିରେ ଛୁଟିରେ ଥିବା ଡାକ୍ତରମାନେ ଅଧିକ ଚିନ୍ତା ବଢ଼ାଉଛନ୍ତି। ବିଭାଗର ଉଦାସୀନତା ଓ ପ୍ରିୟାପ୍ରୀତି ଯୋଗୁ ଡାକ୍ତରମାନେ ଲମ୍ବା ଛୁଟିରେ ରହୁଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗର ହାତ ଯାଉନି। ରାଜ୍ୟରେ ୧୫ହଜାର ୭୭୪ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବି ରହିଛି । ସେଥିରୁ ୯୨୬୮ ପଦବି ଖାଲିପଡ଼ିଛି। ୬୫୦୬ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଡାକ୍ତର ଇଚ୍ଛାକୃତ ଭାବେ କାର୍ଯ୍ୟରେ ଯୋଗଦେଉନାହାନ୍ତି । ଆଉ କେତେକ ଡାକ୍ତର କାମ କରିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ସୁଯୋଗ ଦିଆଯାଉନି । ସ୍ୱାସ୍ଥ୍ୟ ବିଭାଗର ତ୍ରୁଟିପୂର୍ଣ୍ଣ ଆଦେଶନାମା ପାଇଁ ସେମାନେ ମାସ ମାସ ଧରି କାମ କରିବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେମାନେ ନିଯୁକ୍ତି ପାଇଥିବା ସ୍ଥାନରେ ଯୋଗଦେବାକୁ ବାରମ୍ବାର ସ୍ୱାସ୍ଥ୍ୟ ବିଭାଗକୁ ନିବେଦନ କରୁଥିଲେ ସୁଦ୍ଧା ବିଭିନ୍ନ ଅନୁମତି ମିଳୁନାହିଁ । ସୂଚନା ଅନୁଯାୟୀ ନୟାଗଡ଼ା ଜିଲ୍ଲାରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତର ୯ମାସ ତଳେ ଖୋର୍ଦ୍ଧାକୁ ବଦଳି ହୋଇ ଆସିଥିଲେ । ସ୍ୱାସ୍ଥ୍ୟ ବିଭାଗ ଆଦେଶ ପାଇଲା ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମ୍ପୃକ୍ତ ମହିଳା ଡାକ୍ତରଙ୍କୁ ରିଲିଭ୍ କରି ତାଙ୍କ ସ୍ଥାନରେ ବଦଳି ହୋଇ ଆସିଥିବା ଡାକ୍ତରଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅନୁମତି ଦେଇଥିଲେ । ହେଲେ ନୟାଗଡ଼ରୁ ବଦଳି ହୋଇ ଆସିଥିବା ମହିଳା ଡାକ୍ତର ଖୋର୍ଦ୍ଧାରେ ଯୋଗଦାନ କରିବା ବେଳେ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଥିଲା । କାରଣ ସେଠାରେ ପୂର୍ବରୁ ଜଣେ ଡାକ୍ତର ନିଯୁକ୍ତ ଅଛନ୍ତି । ସମ୍ପୃକ୍ତ ମହିଳା ଡାକ୍ତର ଏନେଇ ମାସ ମାସ ଧରି ବିଭାଗୀୟ ଅଧିକାରୀଙ୍କୁ ଗୁହାରୀ କଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନି । ଅନେକ ଡାକ୍ତର ଏଭଳି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ପାଇଁ କାର୍ଯ୍ୟରେ ଯୋଗଦେଇ ପାରୁନାହାନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ଯୋଜନା: ଅନୁକମ୍ପା ନା ବାଧ୍ୟବାଧକତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ୬ ମାସିଆ ବର୍ଦ୍ଧିତ କାର୍ଯ୍ୟକାଳ ଆସନ୍ତା ୨୩ ତାରିଖରେ ସରୁଛି। ଏପର୍ଯ୍ୟନ୍ତ ନୂତନ କୁଳପତି ଚୟନ ଦିଗରେ ପଦକ୍ଷେପ ନିଆଯାଇ ନାହିଁ। ବିଜ୍ଞପ୍ତି ପ୍ରକାଶ ପାଇନି କି ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଆବେଦନପତ୍ର ଆହ୍ୱାନ ହୋଇ ନଥିବା ବେଳେ ରାଜଭବନ ପକ୍ଷରୁ ଚୟନ କମିଟି ପାଇଁ ୟୁଜିସିକୁ ୧୫ ପ୍ରତିନିଧିଙ୍କ ତାଲିକା ମଗାଯିବାକୁ ନେଇ ଶିକ୍ଷାବିତ୍‌ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହାରି ଭିତରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଆଉ ଥରେ ବୃଦ୍ଧି କରିବାକୁ ରାଜଭବନ ପକ୍ଷରୁ ସବୁଜ ସଙ୍କେତ ମିଳିଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୪ର ସେକ୍ସନ-୬ର ସବ୍‌ସେକ୍ସନ(୬) ଅନୁଯାୟୀ କୁଳପତିଙ୍କ କାର୍ଯ୍ୟକାଳ ଆଉ ବର୍ଷେ କିମ୍ବା ଉତ୍ତରାଧିକାରୀ କାର୍ଯ୍ୟରେ ଯୋଗ ଦେବା ପର୍ଯ୍ୟନ୍ତ ବୃଦ୍ଧି ଦିଗରେ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ସଚିବଙ୍କୁ ଅନୁରୋଧ କରାଯାଇଛି। ରାଜ୍ୟପାଳଙ୍କ ସଚିବାଳୟର ଉଚ୍ଚଶିକ୍ଷା ଅଫିସ୍ ଇନ୍ ଚାର୍ଜ ଚିତ୍ତରଞ୍ଜନ ମହାନ୍ତି ମେ' ୧୭ରେ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି ମେ' ୨୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଛି। ନୂତନ କୁଳପତି ଚୟନ ବିଳମ୍ବିତ ହେବ। ତେଣୁ କାର୍ଯ୍ୟକାଳ ବୃଦ୍ଧି ଦିଗରେ ସରକାର ପଦକ୍ଷେପ ନିଅନ୍ତୁ। ରାଜ୍ୟର ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ପ୍ରଫେସର କିମ୍ବା ନିକଟସ୍ଥ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ରାଜଭବନର ଏତେ ଅନୁକମ୍ପାକୁ ନେଇ ପ୍ରଶ୍ନ ଉଠିଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ର ସେକ୍ସନ୍-୬ର ସବ୍‌ସେକ୍ସନ-ଡି ଅନୁଯାୟୀ ଜଣେ କୁଳପତି କାର୍ଯ୍ୟରେ ଯୋଗଦେବା ଦିନରୁ ୪ ବର୍ଷ ନ ହେଲେ ୭୦ ବର୍ଷ ବୟସ ଯାଏଁ ଦାୟିତ୍ୱରେ ରହିବେ। ଅତି ବେଶୀରେ ଗୋଟିଏ ଟର୍ମ ବୃଦ୍ଧି ହୋଇପାରେ। ଯଦି କୌଣସି କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବା ମଧ୍ୟରେ ନୂତନ ନିଯୁକ୍ତି ନ ହୋଇଛି ତେବେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି କୁଳାଧିପତି ତଥା ରାଜ୍ୟପାଳ ସମ୍ପୃକ୍ତ କୁଳପତିଙ୍କ କାର୍ଯ୍ୟକାଳକୁ ଆଉ ବର୍ଷେ ବୃଦ୍ଧି କରିପାରିବେ। କୁଳପତିଙ୍କ କାର୍ଯ୍ୟାଳୟ ଖାଲିପଡ଼େ କିମ୍ବା ଛୁଟିରେ ଯାଆନ୍ତି ତାହା ହେଲେ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସରଙ୍କୁ ଦାୟିତ୍ୱ ଦିଆଯିବ। କୁଳାଧିପତି ଚାହିଁଲେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଯେକୌଣସି ନିକଟସ୍ଥ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦେଇପାରିବେ। ନୂତନ କୁଳପତି ନିଯୁକ୍ତି ହେବା ପର୍ଯ୍ୟନ୍ତ ଅନେକ ବିକଳ୍ପ ବାଟ ରହିଥିଲେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ପୁଣିଥରେ ବୃଦ୍ଧି ଦିଗରେ କାହିଁକି ପଦକ୍ଷେପ ନିଆଯାଉଛି ସେନେଇ ପୂର୍ବତନ କୁଳପତିମାନେ ପ୍ରଶ୍ନ ଉଠାଇଛନ୍ତି। ୨୦୨୪ ନଭେମ୍ବର ମାସରେ ଉତ୍କଳ ସମେତ ଗଙ୍ଗାଧର ମେହେର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି ହୋଇଥିଲା। ୨୦୨୫ ଏପ୍ରିଲ ୧୪ ପର୍ଯ୍ୟନ୍ତ ୨୦୨୦ ଆଇନ ବଳବତ୍ତର ରହିଥିଲା। ତତ୍‌କାଳୀନ ଆଇନକୁ ଅଣଦେଖା କରି ତିନି ଜଣ କୁଳପତିଙ୍କ କାର୍ଯ୍ୟକାଳ ୬ ମାସ ଲେଖାଏଁ ବୃଦ୍ଧି କରାଗଲା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ଅତିରିକ୍ତ ଦାୟିତ୍ୱ ନ ସମ୍ଭାଳି ପଦବି ଛାଡ଼ିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ମଧ୍ୟ ବର୍ଦ୍ଧିତ ସମୟରେ ନ ରହିବାରୁ ବିଶ୍ୱବିଦ୍ୟାଳୟର ଜଣେ ବରିଷ୍ଠ ପ୍ରଫେସରଙ୍କୁ ଦାୟିତ୍ୱ ଦିଆଯାଇଛି। ମାତ୍ର ଉତ୍କଳ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଲଗା ନିୟମ ହେଉଛି। ସୂଚନାଯୋଗ୍ୟ ଯେ ଜଣେ କୁଳପତିଙ୍କ କାର୍ଯ୍ୟକାଳ ସରିଲେ ଯେକୌଣସି ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାୟିତ୍ୱ ଦେବାକୁ ସେକ୍ସନ ୧୦(ଜି)ରେ ବ୍ୟବସ୍ଥା କରି ଆଇନର ପରିସରକୁ ବଢ଼ାଯାଇଥିଲା ବେଳେ କୁଳାଧିପତିଙ୍କ ଦପ୍ତର କେବଳ ଗୋଟିଏ ବ୍ୟବସ୍ଥା ଯଥା ସେକ୍ସନ ୬(ଡି) ଅନୁସାରେ କୁଳପତିଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ ପୂର୍ବକ ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଥିସହ କେଉଁ ଅଦୃଶ୍ୟ ଶକ୍ତି ପ୍ରଭାବରେ କୁଳାଧିପତିଙ୍କ ଦପ୍ତର ଏଭଳି ପକ୍ଷପାତିତା ପ୍ରଦର୍ଶନ କରୁଛି ତାହା ସାଧାରଣରେ ଚର୍ଚ୍ଚା ହେଉଛି। ନିୟମାନୁଯାୟୀ ଦୁଇ ଥର ବର୍ଦ୍ଧିତ କାର୍ଯ୍ୟକାଳ ବ୍ୟବସ୍ଥା ନ ଥିଲେ ମଧ୍ୟ ଏଭଳି ପଦକ୍ଷେପ ଚର୍ଚ୍ଚାର ଖୋରାକ ହୋଇଛି।

## ଓଡ଼ିଶା ପାଲଟୁଛି ଅକ୍ଷୟ ଶକ୍ତି ବିନିର୍ମାଣ ହବ୍

# ମେକ୍ ଇନ୍ ଓଡ଼ିଶାରେ ମିଳିଛି ୪.୪ ଲକ୍ଷ କୋଟିର ନିବେଶ ପ୍ରସ୍ତାବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ରାଜ୍ୟକୁ ଅକ୍ଷୟ ଶକ୍ତି ବିନିର୍ମାଣ ହବ୍ ଭାବେ ବିକଶିତ କରିବା ଦିଗରେ ରାଜ୍ୟରେ ବିଭିନ୍ନ ଯୋଜନା ଏବେ ପ୍ରଣୟନ ହେଉଛି । ରାଜ୍ୟରେ ସୋଲାର ଫଟୋଭୋଲଟିକ ସେଲ୍, ଇଲେକ୍ଟ୍ରୋଲାଇଜର, ବ୍ୟାଟେରୀ ଷ୍ଟୋରେଜ ସିଷ୍ଟମ ଭଳି କ୍ଷେତ୍ରରେ ନିବେଶ ଲାଗି କମ୍ପାନି ଏବେ ଆଗଭର ହେଉଛନ୍ତି । ଓଡ଼ିଶାକୁ ଅକ୍ଷୟ ଶକ୍ତି ଯନ୍ତ୍ରାଂଶ ଉତ୍ପାଦନରେ ଟପ୍ ୧୦ ରାଜ୍ୟରେ ସାମିଲ କରାଇବା ଲକ୍ଷ୍ୟ। ମେକ୍ ଇନ୍ ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ର ୪.୪ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ପାଇଛି । ଏହା ରାଜ୍ୟକୁ ଅକ୍ଷୟ ଶକ୍ତି ବିନିର୍ମାଣ ହବ୍ ଭାବେ ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶିଳ୍ପ ବିଭାଗ ପକ୍ଷରୁ ଆଶା କରାଯାଇଛି । ଶିଳ୍ପ ବିଭାଗ ସୂଚନା ମୁତାବକ ଶିଳ୍ପ କ୍ଷେତ୍ରରେ ୨୫% ଅକ୍ଷୟ ଶକ୍ତି ବ୍ୟବହାର ଯୋଜନା ମଧ୍ୟ ରହିଛି। ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷେତ୍ରରେ ନିଯୁକ୍ତିକୁ ୧.୫ ଗୁଣ ବଢ଼ାଇବେ ରାଜ୍ୟ ସରକାର । ବାର୍ଷିକ ୩ରୁ ୫ ନିୟୁତ ଟନ୍ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ ଦିଗରେ ରାଜ୍ୟ ଅଗ୍ରସର ହେଉଛି । ଏହା ଦ୍ୱାରା ପୂର୍ବ ଏବଂ ଦକ୍ଷିଣ ଭାରତରେ ଗ୍ରୀନ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣରେ ସହାୟକ ହେବ । ରାଜ୍ୟ ଏବେ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ, ଗ୍ରୀନ ହାଇଡ୍ରୋଜେନ ଯାନ ଚଳାଚଳ, ଏନର୍ଜି ଷ୍ଟୋରେଜ, ହାଇଡ୍ରୋଜେନ କ୍ଷେତ୍ରରେ ଗବେଷଣା ପ୍ରତିଷ୍ଠାନ, ହାଇଡ୍ରୋଜେନ ଟେଷ୍ଟିଂ ଲ୍ୟାବ ଏବଂ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଦ୍ୱାରା ନବସୃଜନ ଏବଂ ଟେକ୍ନୋଲୋଜି କ୍ଷମତାକୁ ବଢ଼ାଇବାକୁ ଯୋଜନା ରଖିଛନ୍ତି । ସେହିଭଳି ଉପଯୁକ୍ତ ଭୂମିର ଉପଲବ୍ଧତା ଅଭାବକୁ ନଜରରେ ରଖି ବଡ଼ ଜଳାଶୟ ଗୁଡ଼ିକରେ ଭାସମାନ ସୋଲାର ପିଭି ପ୍ରକଳ୍ପ ଉପରେ ମଧ୍ୟ ରାଜ୍ୟ ଫୋକସ କରୁଛି । ଏ କ୍ଷେତ୍ରରେ ଅକ୍ଷୟ ଶକ୍ତି ଜମି ଲିଜ୍ ନୀତି ଉପରେ କାମ ହେଉଛି। ଏହା ଦ୍ୱାରା ପତିତ ଜମି ଗୁଡ଼ିକୁ ସୌର ପ୍ରକଳ୍ପ ଲାଗି ବ୍ୟବହାର କରାଯାଇପାରିବ । ବିକଶିତ ଭାରତ ୨୦୪୭କୁ ନଜରରେ ରଖି ରାଜ୍ୟ ବିଜୁଳି ରପ୍ତାନି ଭାବେ ଉଭା ହେବାକୁ ଲକ୍ଷ୍ୟ ରଖିଛି । ରାଜ୍ୟ ସରକାରଙ୍କ ଯୋଜନା ଏବଂ ପିଏମ୍ କୁସୁମ ଦ୍ୱାରା କୃଷି କ୍ଷେତ୍ରରେ ୫୦% ଅକ୍ଷୟ ଶକ୍ତି ବ୍ୟବହାର ଯୋଜନା ରହିଛି। ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନୂଆ ଅକ୍ଷୟ ଶକ୍ତି ନୀତି ଦ୍ୱାରା ନିବେଶ, ଶିଳ୍ପ ସହ ଗୋଷ୍ଠୀ ବିକାଶ ଭଳି ଦିଗକୁ ପ୍ରାଥମିକତା ଦିଆଯାଇଛି । ପ୍ରକଳ୍ପ ଗୁଡ଼ିକର ତ୍ୱରୀତ କାର୍ଯ୍ୟାନ୍ୱୟନ, ଅକ୍ଷୟ ଶକ୍ତିକୁ ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ଏବଂ ଭବିଷ୍ୟପନ୍ଥୀ ଗ୍ରୀଡ ଭଳି ବିକାଶ ଉପରେ ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଦେଶର ନେଟ୍ ଜିରୋ ଲକ୍ଷ୍ୟ ଦିଗରେ ଓଡ଼ିଶା ଏକ ମଡେଲ ରାଜ୍ୟ ହେବା ଦିଗରେ ଅଗ୍ରସର । ମେକ୍ ଇନ୍ ଓଡ଼ିଶାରେ ମିଳିଥିବା ୪.୪୦ ଲକ୍ଷ କୋଟିର ଅକ୍ଷୟ ଶକ୍ତି ନିବେଶ ପ୍ରସ୍ତାବ ମଧ୍ୟରେ ୨.୦୬ ଲକ୍ଷ କୋଟିର ୩୫ ଗିଗାୱାଟ୍ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ, ୧.୧୦ ଲକ୍ଷ କୋଟି ଟଙ୍କାର ୨୧ ଗିଗାୱାଟର ସୋଲାର ପ୍ରକଳ୍ପ ରହିଛି । ରାଜ୍ୟ ଅକ୍ଷୟ ଶକ୍ତି ନୀତି ୨୦୨୨ ଲାଗୁ ହେବା ପରେ ୧୨,୩୧୮ କୋଟିର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ରାଜ୍ୟ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ଯୋଡିବାକୁ ଲକ୍ଷ୍ୟ ରଖିଛି । ଏଥିରେ ୭.୫ ଗିଗାୱାଟ ସୋଲାର ଏବଂ ୨ ଗିଗାୱାଟ ପବନ ଶକ୍ତି କ୍ଷମତା ସାମିଲ ରହିବ ।

# ରବି ଧାନ ବିକିବାକୁ ଏଥର ୨୨% ଅଧିକ ଚାଷୀ ପଞ୍ଜୀକରଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ମଣ୍ଡିରେ ରବି ଧାନ ବିକ୍ରି ଆରମ୍ଭ ହୋଇଯାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ୨୨% ଅଧିକ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିଛନ୍ତି। ତେଣୁ ଚଳିତ ବର୍ଷ ୨୦% ଅଧିକ ଧାନ ସଂଗ୍ରହ ସମ୍ଭାବନା ରହିଛି। ସେହି ଅନୁସାରେ ପ୍ରସ୍ତୁତ ହେବାକୁ ପଡ଼ିବ। ଅଧିକ ଧାନ ମହଜୁଦ ରଖିବା ପାଇଁ ଗୋଦାମ ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ନିଷ୍ପତି ହୋଇଛି।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ଚଳିତ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ଲକ୍ଷ୍ୟ ନେଇ ଆଲୋଚନା ହୋଇଥିଲା। ମାତ୍ର ଚାଷୀ ପଞ୍ଜୀକରଣ ଅଧିକ ହୋଇଥିବାରୁ ଅଧିକ ଧାନ ସଂଗ୍ରହ ବାବଦରେ ମଧ୍ୟ ପ୍ରସ୍ତୁତ ହେବାକୁ ଜିଲ୍ଲାପାଳମାନଙ୍କୁ ଅବଗତ କରାଯାଇଛି। ଚଳିତ ରବି ଋତୁରେ ପୂର୍ବ ବର୍ଷ ତୁଳନାରେ ୩ଟି ଅଧିକ ଜିଲ୍ଲା ସାମିଲ କରାଯାଇଛି। ଭଦ୍ରକ, କନ୍ଧମାଳ ଓ ସୁନ୍ଦରଗଡ଼କୁ ସାମିଲ କରାଯାଇଥିବା ବେଳେ କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାରେ ଚାଷୀ ପଞ୍ଜୀକରଣ ସ୍ୱଳ୍ପ ରହିଛି। ଭଦ୍ରକ ଜିଲ୍ଲାରେ ଶତ ପ୍ରତିଶତ ସାଟେଲାଇଟ ମାଧ୍ୟମରେ ଚାଷ ହୋଇଥିବା ପ୍ଲଟ ଯାଞ୍ଚ କରିବାକୁ କୁହାଯାଇଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଚାଷୀ ପଞ୍ଜୀକରଣ ଆବଶ୍ୟକତାଠୁ ଅଧିକ ଥିବାରୁ ଅନିୟମିତତା ରୋକିବା ପାଇଁ ସମସ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟନୀ, ଛଟନୀ ରୋକିବା ସହ ମଣ୍ଡିରେ ଚାଷୀଙ୍କ ପାଇଁ ପିଇବା ପାଣି, ଶୌଚାଳୟ ସମେତ ସବୁ ପ୍ରକାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ମଣ୍ଡିରୁ ଧାନ ପରିବହନ ବେଳେ ଯାନରେ ଟ୍ରାକର ରହିବ ବୋଲି ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସମବାୟ ସମିତି ସମୂହର ନିବନ୍ଧକ ସମସ୍ତ ଉପନିବନ୍ଧକଙ୍କୁ ଚିଠି ଲେଖିଛନ୍ତି।

# ପୁରୀରେ ମହିଳା ଭକ୍ତଙ୍କ ଲାଗି ଆରମ୍ଭ ହେଲା 'ପିଙ୍କ ହେଲ୍ପ ଡେସ୍କ'

**ପୁରୀ, ନ୍ୟୁଜ ବ୍ୟୁରୋ**

ମହିଳା ଭକ୍ତ ହେଲେ ଖୁସି । ଶ୍ରୀଜଗନ୍ନାଥ ମନ୍ଦିରରେ ପୁରୀ ପୋଲିସ ଦ୍ୱାରା ଆରମ୍ଭ ହେଲା 'ପିଙ୍କ ହେଲ୍ପ ଡେସ୍କ' । ମହିଳା ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏକ ନୂତନ ପଦକ୍ଷେପ ନିଆଯାଇଛି । ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ଏହାକୁ ନେଇ ଗଭୀର ଆଶା ବ୍ୟକ୍ତ କରିଛନ୍ତି ଯେ, ଏହା ମାଧ୍ୟମରେ ମହିଳା ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହିତ ସେମାନଙ୍କ ପାଇଁ ଏକ ସ୍ନେହଭରା ସନ୍ଦେଶ ଦେବାରେ ପିଙ୍କ ହେଲ୍ପ ଡେସ୍କ ସହାୟତା ହେବ। ଶ୍ରୀଜଗନ୍ନାଥ ଧାମକୁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ଯାହା ମଧ୍ୟରୁ ବଡ଼ ଅଂଶ ହେଉଛନ୍ତି ମହିଳା ଭକ୍ତ। ସେମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ - 'ପିଙ୍କ ହେଲ୍ପ ଡେସ୍କ' ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ୪ ଧାମ ମଧ୍ୟରେ ଶ୍ରେଷ୍ଠ ଧାମ ପୁରୀ ଶ୍ରୀ ଜଗନ୍ନାଥ ଧାମ । ଆଜି ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ପିଙ୍କ ହେଲ୍ପ ଡେସ୍କକୁ ସକ୍ରିୟ କାର୍ଯ୍ୟକ୍ଷମ କରିବା ପାଇଁ ମୋଟ ୬ଜଣ ମହିଳା କନଷ୍ଟେବଲଙ୍କୁ ନିଯୁକ୍ତ କରିଛନ୍ତି। ଯଦି କୌଣସି ମହିଳା ଅସୁବିଧାର ସମ୍ମୁଖୀନ ହୁଅନ୍ତି, ସେମାନଙ୍କୁ ଦୟାଳୁ ଓ ପେଶାଦାର ଭାବେ ସହଯୋଗ କରିବେ। ଭକ୍ତମାନଙ୍କ ମତାମତ, ଅଭିଯୋଗ ଓ ପ୍ରତିକ୍ରିୟା ସଂଗ୍ରହ କରାଯିବ। ଆବଶ୍ୟକ ପରିସ୍ଥିତିରେ ଥାନା ବା ପିସିଆର ସହ ଯୋଗାଯୋଗ କରିବେ। ଏହି ହେଲ୍ପ ଡେସ୍କ ଦ୍ୱାରା ପୁରୀ ପୋଲିସ ଏକ ଉତ୍ତରଦାୟୀ ଓ ଲୋକମୁଖୀ ପୋଲିସିଂ ବ୍ୟବସ୍ଥା ଉପସ୍ଥାପନ କରିବ। ପ୍ରତିଦିନ ଏଥିରେ ସଂଗ୍ରହ ହେଉଥିବା ଫିଡବ୍ୟାକ ଅନୁସାରେ ମନ୍ଦିର ପରିସରରେ ନିର୍ବିଘ୍ନ ଦର୍ଶନ ଓ ସୁବିଧା ବୃଦ୍ଧି ପାଇଁ କାର୍ଯ୍ୟ ଗ୍ରହଣ କରାଯିବ। ଶ୍ରୀଜଗନ୍ନାଥ ଧାମ ଯାତ୍ରାକୁ ଅଧିକ ନିରାପଦ, ସମ୍ମାନଜନକ ଓ ଆଧାତ୍ମିକ ଅନୁଭବ କରାଇବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପିଙ୍କ ହେଲ୍ପ ଡେସ୍କ ମହିଳା ଓ ପର୍ଯ୍ୟଟକଙ୍କୁ ସ୍ୱାଗତ ଓ ସୁବିଧା ଦେବାରେ ପୁରୀ ପୋଲିସର ଏକ ଅନ୍ତରଙ୍ଗ ପ୍ରୟାସ ହେବ ।

# ୬୦ ଦିନରେ ୪୮ ଲକ୍ଷ ବିବାହ : ୫.୯ ଲକ୍ଷ କୋଟି ଟଙ୍କାର କାରବାର

**ନୂଆଦିଲ୍ଲୀ**



ଗତ ବର୍ଷର ବିବାହ ଋତୁ ଭାରତୀୟ ଅର୍ଥନୀତିର ଉଡାଣକୁ ଏକ ନୂଆ ଗତି ଦେଇଛି । କନ୍‌ଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍) ଦାବି କରିଛି ଯେ ଗତ ବର୍ଷ କେବଳ ୬୦ ଦିନରେ ଅର୍ଥାତ୍ ନଭେମ୍ବର-ଡିସେମ୍ବରରେ ୪୮ ଲକ୍ଷ ବିବାହ ହୋଇଛି । ଏହା ଜରିଆରେ ୫.୯ ଲକ୍ଷ କୋଟି ଟଙ୍କା ବ୍ୟବସାୟ ହୋଇଛି। କେବଳ ଦିଲ୍ଲୀରେ ୪.୫ ଲକ୍ଷ ବିବାହରୁ ୧.୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହୋଇଛି। ବିବାହ ସମାରୋହରେ ବିଦେଶୀ ସାମଗ୍ରୀ ତୁଳନାରେ ଭାରତୀୟ ସାମଗ୍ରୀର ଚାହିଦା ଅଧିକ ରହିଛି । ସାରା ଦେଶର ବ୍ୟବସାୟୀ ବର୍ଗ ଆଗାମୀ ବିବାହ ଋତୁରେ ଅଭୂତପୂର୍ବ ବ୍ୟବସାୟିକ ବୃଦ୍ଧି ଦେଖିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ବିଗ୍ ୱେଡିଂ ସିଜିନ୍ ଆରମ୍ଭ ହେବାକୁ ଯାଉଛି । କ୍ୟାଟ୍‌ର ରାଷ୍ଟ୍ରୀୟ ମହାସଚିବ ଏବଂ ଦିଲ୍ଲୀ ଚାନ୍ଦିନୀ ଚୌକରୁ ସାଂସଦ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି, ଏକ ଅଧ୍ୟୟନ ଅନୁସାରେ ବିବାହ ଋତୁରେ ରିଟେଲ ସେକ୍ଟର (ଯେଉଁଥିରେ ବସ୍ତୁ ଏବଂ ସେବା ଉଭୟ ସାମିଲ ରହିଛି)ରୁ ୫.୯ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହୋଇଛି। ସାରା ଦେଶରେ ଅନୁମାନିକ ୪୮ ଲକ୍ଷ ବିବାହ ସହ ଏହି ସିଜିନ ଏକ ପ୍ରମୁଖ ଆର୍ଥିକ ବୃଦ୍ଧିର ଶୋପାନ ହେବ ବୋଲି ଆକଳନ କରାଯାଇଛି । ଗତ ବର୍ଷ ୩୫ ଲକ୍ଷ ବିବାହ ସହ ମୋଟ ବ୍ୟବସାୟ ୪.୨୫ ଲକ୍ଷ କୋଟି ଟଙ୍କା ରହିଥିଲା । ଚଳିତ ବର୍ଷ ଶୁଭ ବିବାହ ତିଥି ସଂଖ୍ୟାରେ ବୃଦ୍ଧି ଯୋଗୁଁ ବ୍ୟବସାୟ ମଧ୍ୟରେ ଉଲ୍ଲେଖନୀୟ ବୃଦ୍ଧିର ସମ୍ଭାବନା ରହିଛି । ୨୦୨୩ରେ ୧୧ ତୁଳନାରେ ଚଳିତ ବର୍ଷ ଅଧିକ ଶୁଭ ତିଥି କାରଣରୁ ବ୍ୟବସାୟ ଅଧିକ ବଢିବ। ଅନୁମାନ ଅନୁସାରେ ୧୦ ଲକ୍ଷ ବିବାହ ଏପରି ରହିବ, ଯେଉଁଠାରେ ପ୍ରତି ବିବାହ ପାଇଁ ବଜେଟ୍ ପ୍ରାୟ ୩ ଲକ୍ଷ ଟଙ୍କା ରହିଛି। ୧୦ ଲକ୍ଷ ବିବାହ ଏପରି ରହିବ, ଯାହାର ବଜେଟ୍ ୬ ଲକ୍ଷ ଟଙ୍କା ରହିବ । ସେହିପରି ୧୦ ଲକ୍ଷ ବିବାହ ଏପରି ରହିବ, ଯେଉଁଥିରେ ପ୍ରତ୍ୟେକ ବିବାହ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ୭ ଲକ୍ଷ ଏପରି ବିବାହ ହେବ, ଯେଉଁଥିରେ ବଜେଟ୍ ୨୫ ଲକ୍ଷ ଟଙ୍କା ଯାଏ ରହିପାରେ । ସେହିପରି ୫୦ ଲକ୍ଷ ଟଙ୍କା ବଜେଟ୍ ଥିବା ପ୍ରାୟ ୫୦ ହଜାର ବିବାହ ଆୟୋଜନ ହୋଇପାରେ । ଏହା ବ୍ୟତୀତ ୧ କୋଟି ଟଙ୍କା ବଜେଟ୍ ଥିବା ପ୍ରାୟ ୫୦ ହଜାର ବିବାହ ଏହି ୱେଡିଂ ସିଜିନରେ ହୋଇପାରେ । କ୍ୟାଟ୍ ଅନୁସାରେ ବିବାହ ଖର୍ଚ୍ଚରେ ସାଧାରଣତଃ ସାମଗ୍ରୀ ଏବଂ ସେବା ମଧ୍ୟରେ ବିଭାଜିତ ଥାଏ । ସାମଗ୍ରୀ କ୍ଷେତ୍ରରେ ପୋଷାକ ଉପରେ ୧୦%, ଅଳଙ୍କାର ଉପରେ ୧୫%, ଇଲେକ୍ଟ୍ରୋନିକ୍ସ ଏବଂ ଖାଉଟି ସାମଗ୍ରୀ ଉପରେ ୫%, ମିଠେଇ ପାଇଁ ୫%, ତେଜରାତି ଏବଂ ପରିବା ୫%, ଉପହାର ବସ୍ତୁ ୪% ଏବଂ ଅନ୍ୟ ସାମଗ୍ରୀ ଉପରେ ୬% ଖର୍ଚ୍ଚ ହେବ । ବିବାହ ସ୍ଥଳ ପାଇଁ ୫%, ଇଭେଣ୍ଟ ମ୍ୟାନେଜମେଣ୍ଟ ଉପରେ ୫%, ଟେଣ୍ଟ ଡେକୋରେସନ ଉପରେ ୧୨%, ଖାଦ୍ୟପେୟ ଉପରେ ୧୦%, ଫୁଲ ଏବଂ ସାଜସଜ୍ଜା ଉପରେ ୪%, ପରିବହନ ଏବଂ କ୍ୟାବ୍ ଉପରେ ୩%, ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି ଉପରେ ୨%, ବ୍ୟାଣ୍ଡ ଉପରେ ୩%, ଲାଇଟ୍ ଆଣ୍ଡ ସାଉଣ୍ଡ ଉପରେ ୩% ଖର୍ଚ୍ଚ ଅନୁମାନ ରହିଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ମଇ ୨୦୨୫ ଗୁରୁବାର





# ପ୍ରଚାର ପ୍ରସାର ଅଭାବରୁ ଡ୍ରପ୍ ଆଉଟ୍ ଚିହ୍ନଟରେ ସୃଷ୍ଟି ହେଉଛି ସମସ୍ୟା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବିଭିନ୍ନ କାରଣରୁ ବହୁ ଛାତ୍ରଛାତ୍ରୀ ବିଦ୍ୟାଳୟରେ ନାମ ଲେଖାଇ ପାରୁନାହାନ୍ତି ଅଥବା ଅଧାରୁ ପାଠପଢ଼ା ଛାଡୁଛନ୍ତି । ଏ କ୍ଷେତ୍ରରେ ରାଜ୍ୟର ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଚିନ୍ତାଜନକ । ଶିକ୍ଷା ଅଧିକାର ଆଇନ୍ ପ୍ରକାରେ ସମସ୍ତଙ୍କୁ ଶିକ୍ଷା ପ୍ରଦାନ କରିବା ଜରୁରୀ । ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟବ୍ୟାପୀ ଶିଶୁ ଜନଗଣନା ବା ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି । ୨୦୧୧ ଜନଗଣନା ଅନୁଯାୟୀ ଏହି ତଥ୍ୟ ସଂଗ୍ରହ କରାଯାଇଛି । ଗତ ୩୦ ତାରିଖ ଠାରୁ ଆରମ୍ଭ ହୋଇ ୫ ତାରିଖ ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ବିଭିନ୍ନ କାରଣରୁ ଗଞ୍ଜାମ ଜିଲ୍ଲାରେ ଏହା ଶତପ୍ରତିଶତ ହୋଇପାରିନଥିବା ଜଣାପଡ଼ିଛି । ଯାହାକୁ ନେଇ ତଥ୍ୟ ସଂଗ୍ରହ ବା ଅଭିଯାନର ଅବଧିକୁ ବୃଦ୍ଧି କରାଯାଇଛି । ୧୮ ତାରିଖ ସୁଦ୍ଧା ତଥ୍ୟ ସଂଗ୍ରହ କରାଯିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସମଗ୍ର ଜିଲ୍ଲାରେ ୫୪୮୮ ଟି ଜନବସତି ଅଞ୍ଚଳରେ ମୋଟ ୭ ଲକ୍ଷ ୨ ହଜାର ୮୮୨ ଟି ପରିବାର ବସବାସ କରୁଥିବା ବେଳେ ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଶତକଡ଼ା ୯୩ ପ୍ରତିଶତ ପରିବାରରୁ ତଥ୍ୟ ସଂଗ୍ରହ ହୋଇସାରିଛି । ଜିଲ୍ଲାର ମୋଟ ୨୨ଟି ବ୍ଲକ୍ ମଧ୍ୟରୁ ସାନଖେମୁଣ୍ଡି, କୁକୁଡ଼ାଖଣ୍ଡି, ଧରାକୋଟ, ଗଞ୍ଜାମ, ଜଗନ୍ନାଥ ପ୍ରସାଦ, ଶେରଗଡ଼, ଚିକିଟି ଓ ପାତ୍ରପୁର ଆଦି ୮ଟି ବ୍ଲକ୍‌ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଶତ ପ୍ରତିଶତ ତଥ୍ୟ ସଂଗ୍ରହ ହୋଇସାରିଛି । ସେହିଭଳି ଅନ୍ୟ ୧୦ଟି ବ୍ଲକ୍‌ରେ ୯୩ ପ୍ରତିଶତରୁ ଅଧିକ ତଥ୍ୟ ସଂଗ୍ରହ କରାଯାଇଛି । ତେବେ ରଙ୍ଗେଇଲୁଣ୍ଡା, ପୁରୁଷୋତମପୁର, କବିସୂର୍ଯ୍ୟନଗର ଓ ପୋଲସରା ଭଳି ୪ଟି ବ୍ଲକ୍‌ରେ ଏହି କାର୍ଯ୍ୟ ଆଶାନୁରୂପ ହୋଇପାରିନଥିବା ଜଣାପଡ଼ିଛି । ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ମୋଟ ୧ଲକ୍ଷ ୧୦ ହଜାର ୯୮୫ଟି ପରିବାର ତାଲିକାଭୁକ୍ତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ୭୪ ହଜାର ୭୨୦ଟି ପରିବାର ବାସ କରୁଛନ୍ତି । ତେବେ ରଙ୍ଗେଇଲୁଣ୍ଡା ବ୍ଲକ୍‌ର ମୋଟ ପରିବାର ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୮ ହଜାର ୯୮୬ଟି ଆର୍ଥାତ୍ ଶତକଡ଼ା ୬୩ ପ୍ରତିଶତ ପରିବାର ଠାରୁ ତଥ୍ୟ ସଂଗ୍ରହ କରାଯାଇପାରିଛି । ଫଳରେ ଏହି ବ୍ଲକ୍‌ରେ ଅବଶିଷ୍ଟ ପ୍ରାୟ ୫୦ ହଜାର ପରିବାର ଠାରୁ ତଥ୍ୟ ସଂଗ୍ରହ କରିବାକୁ ଥିବାବେଳେ ଏଥିପାଇଁ ୧୮ ତାରିଖ ପର୍ଯ୍ୟନ୍ତ ଅବଧିକୁ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି । ଏନେଇ ରଙ୍ଗେଇଲୁଣ୍ଡା ବ୍ଲକ୍ ସମେତ ଅନ୍ୟ ୩ଟି ବ୍ଲକ୍‌ର ସମସ୍ତ ବିଇଓ, ସିଆରସିସି ଓ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ନିଜେ ଜିଲ୍ଲା ଶିକ୍ଷା ଅଧିକାରୀ ଅଜିତ୍ କୁମାର ପାତ୍ର ଆଭାସୀ ମାଧ୍ୟମରେ ଆଲୋଚନା କରି ତୁରନ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ଅଭିଯାନ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇନଥିବାରୁ ତଥ୍ୟ ସଂଗ୍ରହରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଲୋକଙ୍କ ଠାରୁ ଆବଶ୍ୟକ ସହଯୋଗ ମିଳୁନଥିବା ଦେଖିବାକୁ ମିଳୁଛି । ସେହିଭଳି ଅନ୍ୟ ବିଭାଗ ଭଳି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କର କୌଣସି ନିର୍ଦ୍ଦିଷ୍ଟ ପରିଚୟ ପତ୍ର ନଥିବା ମଧ୍ୟ ତଥ୍ୟ ସଂଗ୍ରହ ବେଳେ ଆଉ ଏକ ସମସ୍ୟା ଭାବେ ଉଭା ହୋଇଛି । ଅନୁରୂପ ଭାବେ ସହରାଞ୍ଚଳରେ ବିଇଏମ୍‌ସି ଓ ସିଡ଼ିପିଓଙ୍କ ସହାୟତା ବିନା ସହରର ଘର ଘର ବୁଲି ତଥ୍ୟ ସଂଗ୍ରହ କରିବା ଏକ ରକମର କଷ୍ଟକର ବ୍ୟାପାର । ସବୁଠାରୁ ବଡ଼କଥା ହେଲା ସହରରେ ଥିବା ବିଭିନ୍ନ ଆପାର୍ଟମେଣ୍ଟ ଗୁଡ଼ିକରେ ମୁଖ୍ୟତଃ ଲୋକଙ୍କ ଅସହଯୋଗ ଚିନ୍ତାର ବିଷୟ ପାଲଟିଛି । ଏଣୁ ଏଭଳି ବିଭିନ୍ନ ସମସ୍ୟା କାରଣରୁ ତଥ୍ୟ ସଂଗ୍ରହରେ ସମସ୍ୟା ସୃଷ୍ଟି ହୋଇଥିବା ଆଲୋଚନା ବେଳେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଗୋଚର ହୋଇଥିବା ଜଣାପଡ଼ିଛି । ତେବେ ଜିଲ୍ଲାରେ ସମସ୍ତଙ୍କ ସହଯୋଗରେ ଶିଶୁ ଜନଗଣନା କାର୍ଯ୍ୟ ଶତ ପ୍ରତିଶତ ସଫଳ ହେବ ଏବଂ ଏଥିରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ଚିଠି ଲେଖିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ଗଞ୍ଜାମ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଧନଞ୍ଜୟ ।



## ଅସରାଏ ବର୍ଷାରେ ନନ୍ଦପୁର-ଲମତାପୁଟ ନୂତନ ରାସ୍ତା ଅବସ୍ଥା ଶୋଚନୀୟ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ଠାରୁ ବନମାଳିପୁଟ ଦେଇ ଲମତାପୁଟକୁ ସଂଯୋଗ କରୁଥିବା ନୂତନ ରାସ୍ତାର ଗେରୁପୁଟ ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ନହେବା ଫଳରେ ବର୍ଷା ଯୋଗୁ ପାର୍ଶ୍ୱ ଜମିରୁ ମାଟି ଧୋଇ ହୋଇ ରାସ୍ତା ଉପରେ ଜମା ହୋଇ ରହୁଛି । ଏଥିସହ ରାସ୍ତା କଡ଼ ମାଟି ଧୋଇ ହୋଇ ଘାଇ ସୃଷ୍ଟି ହୋଇଯାଇଛି । ଏହି ରାସ୍ତା ଅତି ନିମ୍ନମାନର କରିଥିବା ଯୋଗୁଁ ରାସ୍ତା ଉପର ପିଚୁ ଉଠିଯାଇ ରାସ୍ତାଟି ଦୟନୀୟ ଅବସ୍ଥା ହୋଇଯାଇଛି । ସଂପୃକ୍ତ ଠିକାଦାର ଏହି ୨୨ କିମି ରାସ୍ତା ନିର୍ମାଣ କରି ଲକ୍ଷାଧିକ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି । ଏହି ରାସ୍ତା କାମ ୧୨/୧/୨୪ ରୁ ଆରମ୍ଭ ହୋଇଥିଲା । ଏହା ୧୧/୧/୨୦୨୫ ସୁଦ୍ଧା ଶେଷ କରିବାକୁ ପ୍ରାବଧାନ ଥିବା ବେଳେ ଏହାକୁ ତରବରିଆ ଭାବେ ଅବଧି ପୂର୍ବରୁ ଶେଷ କରିଥିବା ଯୋଗୁ ଏବେ ଏହି ରାସ୍ତା ନଷ୍ଟ ହେବାକୁ ବସିଲାଣି । ପ୍ରାୟ ୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ରାସ୍ତାର ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ମଧ୍ୟ କରାଯାଇନାହିଁ । ବର୍ଷା ହେଲେ ରାସ୍ତା ଉପରେ ମାଟି କାଦୁଆ ଧୋଇ ହୋଇ ରାସ୍ତା ନଷ୍ଟ ହେଉଛି । ଏଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ସଂପୃକ୍ତ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ସେ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି ।

## କମିସ କ୍ରିଏଟର୍ସରେ ଓଡ଼ିଆ ଛାତ୍ରଙ୍କ କୃତିତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ମୁମ୍ବାଇ ଠାରେ ଆୟୋଜିତ ଜାତୀୟ ସ୍ତରରେ କମିସ୍ କ୍ରିଏଟର୍ସ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବଡହାଟର ରଣଦିପ ସିଂହଙ୍କୁ ବିଭିନ୍ନ ସଂଗଠନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରେସ୍ ରୁମ୍ ଠାରେ ବରିଷ୍ଠ ଶିକ୍ଷାବିତ୍ ଅଜୟ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ରମଣି ରଞ୍ଜନ ରାଉତରାୟ, ହାଡିବନ୍ଧୁ ସିଂହ, ଭଜହରି ପ୍ରଧାନ, କାନ୍ତିପ୍ରଭା ନାୟକ, ନନ୍ଦିନୀ



ସ୍ୱାଇଁ, ଦମୟନ୍ତୀ କୁଣ୍ଡୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଓ ରାଜ୍ୟକୁ ଗୌରବାନ୍ୱିତ କରିଥିବା ରଣଦିପ ସିଂହଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ଦମୟନ୍ତୀ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ଚଳଚ୍ଚିତ୍ର ନିଗମ ଉନ୍ନତିକରଣ ଓ ସଶକ୍ତିକରଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଓଡ଼ିଆ ଚଳଚ୍ଚିତ୍ରର ବିକାଶ, ପ୍ରଚାର ଓ ପ୍ରସାର ସହିତ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମ୍ପର୍କରେ ଏକ ଆଲୋଚନା ବୈଠକ ହୋଇଥିବା ଖବର ପ୍ରକାଶ ପାଇଛି । ଏଥିରେ ଏଣିକି ଚଳଚ୍ଚିତ୍ର ପୁରସ୍କାର ନିୟମିତ ଭାବରେ ପ୍ରତିବର୍ଷ ଦିଆଯିବା ନିମନ୍ତେ କଥା ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଚଳଚ୍ଚିତ୍ରର ବିକାଶ ନିମନ୍ତେ ବହୁବିଧ ଆଲୋଚନା ହୋଇଥିଲା ଓ ତାହା ସହିତ କଳିଙ୍ଗ ଷ୍ଟୁଡିଓର ବିକାଶ କଥା ମଧ୍ୟ ଆଲୋଚନାକୁ ଆସିଥିଲା । ଏହି ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସଙ୍କ ସମେତ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟେୟ ଓ ଅନ୍ୟାନ୍ୟ ବ୍ୟକ୍ତିଗଣ ଉପସ୍ଥିତ ରହିଥିଲେ । ତେବେ ଏ ସମ୍ପର୍କରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ ଓ ପ୍ରଖ୍ୟାତ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ କହିଛନ୍ତି ଯେ, ବିଗତ ୩୦ ବର୍ଷ ଧରି ଦିଆଯାଉଥିବା ଜୟଦେବଙ୍କ ନାମରେ ପୁରସ୍କାର ଜଣେ ଶ୍ରେଷ୍ଠ ଅଭିନେତାଙ୍କୁ ଦିଆଯାଉଥିଲା ଓ ତାହାକୁ ବନ୍ଦ କରି ତାହା ସ୍ଥାନରେ ମୋହନ ସୁନ୍ଦର ଗୋସ୍ୱାମୀଙ୍କ ନାମ ରଖାଗଲା । କାରଣ ସେ କୁଆଡ଼େ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହର ଉଦ୍ୟୋକ୍ତା ଥିଲେ । ଯେତେବେଳେ ସମଗ୍ର ଓଡ଼ିଶାରେ ବଙ୍ଗାଳିଙ୍କ ଦ୍ୱାରା ଜୟଦେବ ଓଡ଼ିଆ ନୁହନ୍ତି ବୋଲି ସ୍ୱର ଝଙ୍କାର ଉଠିଥିଲା ଏବଂ ଏଥିରେ ଓଡ଼ିଶା ସହ ଓଡ଼ିଶା ବାହାରେ ଥିବା ଓଡ଼ିଆମାନେ ଯେତିକି ବ୍ୟଥିତ ହୋଇଥିଲେ ତାହାର ପରିସମାପ୍ତି ହୋଇଥିଲା ତାଙ୍କ ନାମରେ ଯେତେବେଳେ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟ ଭୂମିକା ନେଇଥିଲେ ବହୁ ନେତୃସ୍ଥାନୀୟ ବ୍ୟକ୍ତିଗଣ । ସେମାନଙ୍କ ମଧ୍ୟରେ ଥିଲେ ଡ. ହରେକୃଷ୍ଣ ମହତାବ, ସତ୍ୟପ୍ରିୟ ମହାନ୍ତି, ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିଶ୍ୱନାଥ ଦାଶ ପ୍ରମୁଖ ମନିଷୀଗଣ । ଏହି ଜୟଦେବ ପୁରସ୍କାର ପ୍ରଚଳନ କରିବାରେ ସେମାନଙ୍କର ଯଥେଷ୍ଟ ଭୂମିକା ଥିଲା । ସେଥିରେ ମୋହନ ସୁନ୍ଦର ଗୋସ୍ୱାମୀଙ୍କର ନାମ ମଧ୍ୟ ଥିଲା ଏବଂ ତାଙ୍କ ନାମରେ ମଧ୍ୟ ଏକ ପୁରସ୍କାର ଦେବାର ନିଷ୍ପତ୍ତି ମଧ୍ୟ ରହିଥିଲା । ହଠାତ୍ କଣ ହେଲା ଓ କାହିଁକି ଜୟଦେବଙ୍କ ନାମକୁ ପରିବର୍ତ୍ତନ କରି କେବଳ ମୋହନ ସୁନ୍ଦର ଗୋସ୍ୱାମୀଙ୍କ ନାମରେ ପୁରସ୍କାର ପ୍ରଦାନ କରାଗଲା ତାହା ବର୍ତ୍ତମାନର ଓଡ଼ିଆ ପ୍ରାଣକୁ ବ୍ୟଥିତ କରୁନାହିଁ କି ? ଚଳଚ୍ଚିତ୍ର ନିଗମ ଗଠନ ବହୁତ ଆଗରୁ ହୋଇଛି ଓ ମୋହନ ସୁନ୍ଦର ଗୋସ୍ୱାମୀ ଜଣେ ବଙ୍ଗାଳୀ । ଖରାଦିନେ ପୁରୀରେ ରହିବା ନିମନ୍ତେ ସମୁଦ୍ର କୂଳରେ ଜାଗା କିଣି ଘର କରିଥିଲେ ଓ ବେଳେବେଳେ ବିଶେଷତଃ ଖରାଦିନେ ପୁରୀ ଆସି ସେହିଠାରେ ଅବସ୍ଥାନ କରୁଥିଲେ । କେତେକ ଓଡ଼ିଆ ତାଙ୍କର ଘରୋଇ ସହାୟକ ଭାବରେ ସେତେବେଳେ କାର୍ଯ୍ୟ କରୁଥିଲେ ଓ ବଙ୍ଗାଳୀମାନଙ୍କର ବେଶ୍ ପ୍ରିୟପାତ୍ର ହୋଇପାରିଥିଲେ । ବର୍ତ୍ତମାନ ଯାହା ଶୁଣାଯାଉଛି ସେହିଥିରୁ ଯେଉଁମାନେ ବଞ୍ଚି ରହିଛନ୍ତି ସେମାନଙ୍କର ମୋହନ ସୁନ୍ଦର ଗୋସ୍ୱାମୀଙ୍କ ପ୍ରତି ଅଶେଷ ଶ୍ରଦ୍ଧା ଏପର୍ଯ୍ୟନ୍ତ ରହିଛି । ଜୟଦେବ କେବଳ ଓଡ଼ିଶାର ନୁହନ୍ତି ବିଶ୍ୱର ସଂସ୍କୃତ ସାହିତ୍ୟ ଜଗତରେ ସେ ବେଶ୍ ପରିଚିତ । ତାଙ୍କୁ ନେଇ ଓଡ଼ିଆମାନେ ଗର୍ବ କରନ୍ତି ଓ ତାଙ୍କର ଶ୍ରୀଗୀତଗୋବିନ୍ଦ ପୁରୀର ଶ୍ରୀଜଗନ୍ନାଥଙ୍କ ସମେତ ଭାରତବର୍ଷର ବହୁ ପ୍ରତିଷ୍ଠିତ ମନ୍ଦିରରେ ପ୍ରଚଳିତ । ଏହା କଣ ଓଡ଼ିଆମାନଙ୍କର ଗୌରବ ଓ ସ୍ୱାଭିମାନ ନୁହେଁ କି ? ତାଙ୍କ ନାମରେ ପ୍ରଚଳିତ ପୁରସ୍କାରଟିକୁ ବନ୍ଦ କରିଦେଲେ ଯେ ଓଡ଼ିଆ ସଂସ୍କୃତି ଜଗତରୁ ତାଙ୍କ ନାମ ଅପସରି ଯିବ ତାହା ମଧ୍ୟ ଭାବିବା ସମ୍ପୂର୍ଣ୍ଣ ଭୁଲ । ଆଜି ବି କେତେକ ବଙ୍ଗାଳୀ ଯୁକ୍ତି କରିଥାନ୍ତି ଜୟଦେବ ବଙ୍ଗଳାରେ ଜନ୍ମଗ୍ରହଣ କରିଥିଲେ । ମାତ୍ର ବର୍ତ୍ତମାନ ଯେଉଁମାନେ ଏଭଳି କାର୍ଯ୍ୟ କରିବାକୁ ପଛାଇ ନାହାନ୍ତି ତାଙ୍କୁ ଧନ୍ୟବାଦ ଦେବାଛଡ଼ା ଆଉ କିଛି କହିବାର ନାହିଁ । ଜୟଦେବ ଓଡ଼ିଆ ସାହିତ୍ୟ, ସଂସ୍କୃତି ସହିତ ଏହିଭଳି ଭାବରେ ଜଡ଼ିତ ହୋଇଛନ୍ତି ସେଥିରୁ ସେ ଆଦୌ ବିଚ୍ୟୁତ ହୋଇପାରିବେ ନାହିଁ । ଯେଉଁମାନଙ୍କ ପ୍ରଚେଷ୍ଟାରେ ଏଭଳି ପୁରସ୍କାରରୁ ତାଙ୍କୁ ବାଦ୍ ଦିଆଗଲା ତାହା ଓଡ଼ିଆମାନେ କେବେହେଲେ ଭୂଲି ପାରିବେ ନାହିଁ ।

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ସାମ୍ବାଦିକ ସୋମନାଥ ଶାସ୍ତ୍ରୀଙ୍କ ରବିବାର ସନ୍ଧ୍ୟାରେ ଆପୋଲୋ ହସ୍ପିଟାଲ୍‌ରେ ଦେହାନ୍ତ ହୋଇଛି । ଗତ ୨୫ ବର୍ଷ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଏକ ବିଶାଳ ଅଭିଜ୍ଞତା ଥିଲା । ସଚ୍ଚୋଟତା ଏବଂ ନିଷ୍ଠା ପାଇଁ ସେ ଜଣାଶୁଣା ଥିଲେ । କ୍ୟାରିୟର ସାରା ସେ ବୃତ୍ତିର ମୂଲ୍ୟବୋଧକୁ ବଜାୟ ରଖିଥିଲେ । ଗତ ଦଶ ବର୍ଷ ଧରି ଦୀର୍ଘକାଳୀନ କିଡ଼ନୀ ରୋଗ ସହିତ ଲଢୁଥିଲେ ଏବଂ ସପ୍ତାହରେ ଦୁଇଥର ଡାଏଲିସିସ୍ କରୁଥିଲେ । ସେ ଓଡ଼ିଶାର ଜଣେ ପ୍ରସିଦ୍ଧ ସାମ୍ବାଦିକ ସ୍ୱର୍ଗତ ରଘୁନାଥ ପାଥି ଶାସ୍ତ୍ରୀଙ୍କ ପୁଅ ଥିଲେ । ସୋମନାଥ ୧୮ ବର୍ଷ ବୟସରେ ତାଙ୍କ ପିତାଙ୍କୁ ସହାୟତା କରି ସାମ୍ବାଦିକତାରେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ । ଦୁର୍ଭାଗ୍ୟବଶତଃ ତାଙ୍କର ଦୀର୍ଘ ଅସୁସ୍ଥତା ଯୋଗୁ ସେ ତାଙ୍କ ପରବର୍ତ୍ତୀ ବର୍ଷ ଗୁଡ଼ିକରେ ଏହି ବୃତ୍ତିରେ ସକ୍ରିୟ ଭାବରେ ଜଡ଼ିତ ରହିପାରିଲେନାହିଁ । ସତ୍ୟନଗର ଶ୍ମଶାନରେ ପୁଅ ସତ୍ୟମଙ୍କ ଦ୍ୱାରା ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତିନି ଭାଇ, ସମ୍ପର୍କୀୟ ଭାଇ, ବନ୍ଧୁ ଏବଂ ଶୁଭେଚ୍ଛୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଏକମାତ୍ର ପୁଅ ଅଛନ୍ତି ।

## ମାଳଦ୍ୱୀପ ସାରସ ୱାର୍ଲ୍ଡ ଏକ୍ସ-ପୋରେ ସ୍ଥାନ ପାଇବ ଓଡ଼ିଶାର ୭ଟି ଏସ୍‌ଏଚ୍‌ଜି ଉତ୍ପାଦ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ମାଳଦ୍ୱୀପ ସାରସ ୱାର୍ଲଡ ଏକ୍ସ-ପୋ ୨୦୨୫ରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ପକ୍ଷରୁ ଏକ ଜିଲ୍ଲା ଏକ ଉତ୍ପାଦ (ଓଡିଓପି) ଅଧୀନରେ ଭାରତର ବିଶେଷ ଉତ୍ପାଦଗୁଡିକ ସ୍ଥାନ ପାଇବାକୁ ଯାଉଛି । ସମଗ୍ର ଦେଶରୁ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଏକ ଜିଲ୍ଲା ଏକ ଉତ୍ପାଦ ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରାଯିବ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପାଞ୍ଚୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଏକ ଜିଲ୍ଲା ଏକ ଉତ୍ପାଦ ଅଧୀନରେ ସାତୋଟି ବିଶେଷ ଉତ୍ପାଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ସ୍ଥାନ ପାଇବା ପାଇଁ ମନୋନୀତ ହୋଇଛି । ଓଡ଼ିଶାର ରଘୁରାଜପୁର ପ୍ରଡୁସର ଗ୍ରୁପର ପଟ୍ଟଚିତ୍ର କେଟଲୀ ଓ ଓଡ଼ିଶା ପଟ୍ଟଚିତ୍ର, ନୟା ପାଟମୟ ସମିତିର ପଟ୍ଟଚିତ୍ର ବୋଟଲ୍, ବରଗଡ ହାଣ୍ଡଲୁମ୍ ଆଣ୍ଡ ଅଗ୍ରୀ ପ୍ରଡୁସର୍ କମ୍ପାନୀ ଲିମିଟେଡର ସମ୍ବଲପୁରୀ ଶାଢ଼ୀ, ମା' ମଙ୍ଗଳା ଏସ୍‌ଏଚ୍‌ଜି, ସୁବର୍ଣ୍ଣପୁରର ଇକତ ଶାଢ଼ୀ, ଉତ୍କଳ ଡୋକ୍ରା କ୍ରାଫ୍ଟ ପ୍ରଡୁସର ଗ୍ରୁପର ଡୋକରା କୋଣାର୍କ ୱିଲ ହାଙ୍ଗିଙ୍ଗ, ଡୋକରା କଳାକୃତୀ ଆଦି ସେଠାରେ ପ୍ରଦର୍ଶିତ କରାଯିବ ଯାହାକି ଓଡ଼ିଶାର ବିଶେଷ କଳାକୃତୀକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ । ଏହା ମଧ୍ୟରୁ ସମ୍ବଲପୁରୀ ଓ ଇକତ ଶାଢ଼ୀ ଭୌଗଳିକ ସୂଚକାଙ୍କ (ଜିଆଇ ଟ୍ୟାଗ୍) ପ୍ରାପ୍ତ କରିଛି । ଚୟନ କରାଯାଇଥିବା ସମସ୍ତ ଉତ୍ପାଦ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅବିରତ ତାଲିମ୍ ଓ ଦକ୍ଷତା ବୃଦ୍ଧି, ଆର୍ଥିକ ସହାୟତା ଏବଂ ସମର୍ପିତ ଆନୁଷ୍ଠାନିକ ସହାୟତା ମାଧ୍ୟମରେ ସଶକ୍ତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ପ୍ୟାକେଜ୍ କରାଯାଇଛି । ଏହି ଅନ୍ତର୍ଜାତୀୟ ପ୍ରଦର୍ଶନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆତ୍ମନିର୍ଭରଶୀଳ ଏବଂ ବିକଶିତ ଓଡ଼ିଶା ପାଇଁ ଦୃଷ୍ଟିକୋଣର ଫଳାଫଳ, ଯେଉଁଠାରେ ଗ୍ରାମୀଣ ମହିଳାମାନେ କେବଳ ଆର୍ଥିକ ଭାବରେ ସଶକ୍ତ ନୁହନ୍ତି ବରଂ ବିଶ୍ୱସ୍ତରୀୟ ପ୍ରତିଯୋଗୀ ମଧ୍ୟ ଅଟନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦୃଢ଼ ନେତୃତ୍ୱ ଓ ତତ୍ତ୍ୱବଧାନ ଫଳରେ ଆଜି ଲକ୍ଷପତି ଦିଦି ପଦକ୍ଷେପ ଅଧୀନରେ ୧୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ବାର୍ଷିକ ୧ ଲକ୍ଷ କିମ୍ବା ଅଧିକ ଆୟ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନକୁ ବିଶ୍ୱ ସ୍ତରୀୟ ମଞ୍ଚ ଯୋଗାଇଦେବା ଏକ ବିଶେଷ ଭୂମିକା ଗ୍ରହଣ କରିବ ।

## ୧୫୦ ଲିଟର ଦେଶୀମଦ ଜବତ:୩ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଓ ଟାଙ୍ଗୀ ଅଞ୍ଚଳରେ ଚୋରା ଦେଶୀ ମଦର ବ୍ୟାପକ କାରବାର ଚାଲିଥିବା ଖବରପାଇ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣାକର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗର ଏକ ଟିମ୍ ଚୌଦ୍ୱାର ଓ ଟଙ୍ଗୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଚଢ଼ଉ କରି ୧୫୦ ଲିଟର ବେଆଇନ୍ ଦେଶୀମଦ ଜବତ କରିବା ସହିତ ୩ ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି । ସେମାନେ ହେଲେ ଟାଙ୍ଗୀ ସପନପୁରର ଜ୍ଞାନ ରଞ୍ଜନ ଜେଠୀ ଓ ଭଟିମୁଣ୍ଡାର ପ୍ରମୋଦ ମଲ୍ଲିକ ଓ ନାରାୟଣ ମଲ୍ଲିକ । ଚୌଦ୍ୱାର ଅବକାରୀ ଥାନାର ଇନିସ୍ପେକ୍ଟର ମାନସୀ ନାୟକ, ଥାନା ଅଧିକାରୀ ବାପି ସାହୁ, ଆଶୁତୋଷ ଜେନା, ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା, ତୃପ୍ତିମୟୀ ପରିଡ଼ା ପ୍ରମୁଖ ଚଢ଼ଉରେ ଅଂଶ ଗ୍ରହଣ କରିଥିଲେ ।

## ଆର୍ମି ଏୟାର୍ ଡିଫେନ୍ସ କଲେଜକୁ ୩୩ କେଭି ବିଦ୍ୟୁତ୍ ଲାଇନ୍‌ର ଉନ୍ନତିକରଣ କଲା ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଟିପିଏସ୍‌ଓଡିଏଲ୍ ପକ୍ଷରୁ ଗୋପାଳପୁର ସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜକୁ ସଂଯୋଗ ହୋଇଥିବା ୩୩ କେଭି ବିଦ୍ୟୁତ୍ ଲାଇନ୍‌ର ଉନ୍ନତିକରଣ କରାଯାଇଛି । ଯାହାଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଅନୁଷ୍ଠାନକୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ । ଓଡ଼ିଶା ଉପକୂଳରେ ଥିବା ଆର୍ମି ଏୟାର ଡିଫେନ୍ସ କଲେଜ ଭାରତୀୟ ପ୍ରତିରକ୍ଷା ବଳର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏଭଳି ଏକ ପ୍ରମୁଖ ଜାତୀୟ ପ୍ରତିଷ୍ଠାନରେ ତାଲିମ୍ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା କାର୍ଯ୍ୟ ସୁରୁଖୁରୁରେ ଚାଲିବା ପାଇଁ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି । ଚଳିତ




ବର୍ଷ ଏହି ଉନ୍ନତିକରଣ ପ୍ରକଳ୍ପ ଶେଷ ହୋଇଛି ଏବଂ ଏଥିରେ ୭.୦ ସର୍କିଟ୍ କିମି ଦୀର୍ଘ ୩୩ କେଭି ବିଜୁଳି ଲାଇନ୍‌କୁ ଉନ୍ନତ କରାଯାଇଛି । ଏହି ପଦକ୍ଷେପରେ ପୁରୁଣା କଣ୍ଡକ୍ଟରଗୁଡ଼ିକୁ ବଦଳାଇବା ସହ ନଷ୍ଟ ହୋଇଯାଇଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ବାହାର କରି ୧୨୦ଟି ନୂଆ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରାଯାଇଛି । ଏହାବ୍ୟତୀତ ୩୩ କେଭି ଲାଇନ୍‌ରେ ବାର୍ଡ ଗାର୍ଡ ଲଗାଯାଇଛି, ଯାହାଫଳରେ ପକ୍ଷୀଙ୍କ ସ୍ପର୍ଶ ଯୋଗୁ ବିଜୁଳି ସେବା ବାଧାପ୍ରାପ୍ତ ହେବାକୁ ରୋକା ଯାଇପାରିବ । ଏହି ଭିତ୍ତିଭୂମି ଉନ୍ନତିକରଣ ପରେ ପୂର୍ବରୁ ଥିବା ସମସ୍ୟା ଦୂର ହେବା ସହ ଆର୍ମି ଏୟାର ଡିଫେନ୍ସ କଲେଜକୁ ସ୍ଥାୟୀ ଏବଂ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛି । ଏହି ପଦକ୍ଷେପ ଦ୍ୱାରା ଏହି ପ୍ରତିରକ୍ଷା ପ୍ରତିଷ୍ଠାନର ବିଜୁଳି ଚାହିଦା ପୂରଣ ହୋଇପାରିବ । ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ସୁଦୃଢ଼ ବିଦ୍ୟୁତ ଭିତ୍ତିଭୂମି ମାଧ୍ୟମରେ ଜାତୀୟ ସ୍ତରର ଅନୁଷ୍ଠାନକୁ ଉନ୍ନତ ସେବା ଯୋଗାଇବା ହେଉଛି ଆମର ଏକ ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରକଳ୍ପ ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି । ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଏବଂ ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ବିଜୁଳି ସେବା ଯୋଗାଣ ଉପରେ ଟିପିଏସ୍‌ଓଡିଏଲ୍‌ର ଗୁରୁତ୍ୱକୁ ଏହା ପ୍ରତିଫଳିତ କରେ । ଉପଭୋକ୍ତା ସନ୍ତୁଷ୍ଟି ଏବଂ ୨୪x୭ ଭରସାଯୋଗ୍ୟ ବିଜୁଳି ସୁନିଶ୍ଚିତ କରିବା ସହ ଟିପିଏସ୍‌ଓଡିଏଲ୍ ପରିସରଭୁକ୍ତ ଅଞ୍ଚଳରେ ବିଦ୍ୟୁତ ବିତରଣ ନେଟ୍‌ୱର୍କକୁ ଉନ୍ନତ କରିବା ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଛି ।




## ଅଦିନିଆ ରଥ ଯାତ୍ରା:ବିପଦରେ ଶ୍ରୀଜଗନ୍ନାଥ ସଂସ୍କୃତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନିଜ ପାଖରେ ଥିବା ଅମୂଲ୍ୟ ଜିନିଷକୁ ମହତ୍ୱ ଦେବା ଆରମ୍ଭ କରନ୍ତୁ, ଆମେ ଓଡ଼ିଆ ଆମ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାରି ବଢିଆ, ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି, ନିତି ନିୟମ ବିଧିକୁ ମାନୁନଥିବା ବିଧର୍ମୀ ମାନଙ୍କୁ ଓଡ଼ିଶାର ଜନସାଧାରଣ ସମ୍ପୂର୍ଣ୍ଣ ବିରୋଧ କରିବ, ଦେଶ, ଧର୍ମ, ସଂସ୍କୃତି ଓ ଅସ୍ମିତ୍ୱକୁ ରକ୍ଷା କରିବା ପୁରୁଷାର୍ଥ ଅଟେ, ସାମ୍ବାଦିକ ସମ୍ମିଳନୀର ଏହା ହିଁ ସର୍ବ ସମତ୍ତ ପ୍ରତକ୍ରିୟା । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଜୟ ଜଗନ୍ନାଥ ପରିବାର ଚାରିଟେବୁଲ ଟ୍ରଷ୍ଟ ଓ ଆଧାତ୍ମିକ ସତ୍‌ସଙ୍ଗ ଚେତନା ସମିତି ମିଳିତ ସହଯୋଗରେ କରାଯାଉଛି । ଏହି କାର୍ଯ୍ୟକ୍ରମ ପ୍ରଭାକର ମଲ୍ଲିକ ଡ଼ ନାରାୟଣ ମହାପାତ୍ର, ଭଗବାନ ଦାଶ, ଅକ୍ଷୟ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀର ସଭାପତି ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଶ୍ରୀ ଜଗନ୍ନାଥ ଚିନ୍ତା ଚେତନା ୱାର୍ଲଡ ୱାଇଡ ଅନୁଷ୍ଠାନର ସଂଗ୍ରାମ ପଟ୍ଟନାୟକ ପୁରୀ ଭକ୍ତ ସମାଜର ଡ଼ ଶଶିକାନ୍ତ ରଥ ଭକ୍ତ ଦାସିଆ ବାଉରୀ ପୀଠର ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଭୁବନେଶ୍ୱର ଦୁର୍ଗାପୂଜା ଓ ଶାନ୍ତି କମିଟିର ପ୍ରମୁଖ ମଧୁ ମାଧବ ଜେନା କର୍ମକର୍ତ୍ତା, କଟକ ମହାନଗର ଶାନ୍ତି କମିଟି ପୂଜାର ଡଃ ଦ୍ୱିପାୟନ ପଟ୍ଟନାୟକ କାର୍ଯ୍ୟକାରୀ ସଭ୍ୟ ଜାତିସଂଘ ସହ ସମ୍ପାଦକ ମହାନଗର ଶାନ୍ତି କମିଟି । ସୁଦୀପ୍ତ ସ୍ୱାଇଁ କାର୍ଯ୍ୟାଳୟ ସମ୍ପାଦକ ମହାନଗର ଶାନ୍ତି କମିଟି ତଥା ଅନନ୍ତ ବଳିଆ ସେବାସଂଘ କଟକର କାର୍ଯ୍ୟକାରୀ ସଭ୍ୟ । ବିଚିତ୍ରାନନ୍ଦ ରାଉତରାୟ ସଭାପତି ମଧୁପାଟଣା ପୂଜା କମିଟି । ରବିନ୍ଦ୍ରନାଥ ବେହେରା ଉପସଭାପତି ମହାନଗର ଶାନ୍ତି କମିଟି । ପୂର୍ବାଞ୍ଚଳ ଶାନ୍ତି କମିଟି କଟକର ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ନିରଞ୍ଜନ ଦାଶ, ସୁରେଶ ଦାଶ, ତ୍ରିଲୋଚନ ନାୟକ, ବଂଶୀଧର ନାୟକ, କମଳ ଲୋଚନ ଜେନା ଓ ଅନ୍ୟାନ୍ୟ ଶ୍ରୀ ଜଗନ୍ନାଥଙ୍କ ପ୍ରଚାର ଓ ପ୍ରସାର କରୁଥିବା ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୫।୨୦୨୫, ଜ୍ୟୈଷ୍ଠ ଦ୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୯।୨୧** **ଚନ୍ଦ୍ରୋଦୟ- ରାଘ ୧।୪୯।୧୨**

**ଦଶମୀ-** ରାଘ ୧।୧୨ ପର୍ଯ୍ୟନ୍ତ । **ପୂର୍ବାଭାଦ୍ର ନକ୍ଷତ୍ର-** ସଂଘ ୫।୪୭ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଦିଘ ୧୨।୦୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । ଦିଘ ୧୨।୦୭ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ଦିଘ ୧୨।୦୭ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧।୧୨ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୩ ଗତେ ଘ ୬।୦୫ ମଧ୍ୟେ । ଦିଘ ୯।୩୩ ଗତେ ଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ବନ୍ଧୁଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କଲେ ସଫଳତା ମିଳିବ । ପାରିବାରିକ ଜୀବନ ସୁଖମୟ ହେବ । ଆୟ ଯୋଗ ରହିଛି । ଦେହ ଓ ମନ ଭଲ ରହିବ ।



**ବୃଷ:** ଦୁଃସାଧ କାର୍ଯ୍ୟ କରି ସଫଳତା ହାସଲ କରିବେ । ଶତ୍ରୁ ନାଶ ହେବେ । ସାମାଜିକ ସ୍ତରରେ ସମ୍ମାନ ବୃଦ୍ଧି ହେବ । ରୋଜଗାର ଭଲ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



**ମିଥୁନ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଆନନ୍ଦଦାୟକ ହେବନାହିଁ । ଖର୍ଚ୍ଚର ପରିମାଣ ଅଧିକ ହେବ । ମାନସିକ ଅଶାନ୍ତି ଦେଖାଦେଇପାରେ । ପାରିବାରିକ ଜୀବନରେ କଳହ ସୃଷ୍ଟି ହେବ ।



**କର୍କଟ:** ମାଲିମୋକଦ୍ଦମା କ୍ଷେତ୍ରରେ ସ୍ଥିତି ଅନୁକୂଳ ହୋଇପାରେ । ବନ୍ଧୁଙ୍କ ସହ କଳହ ସୃଷ୍ଟି ହୋଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ଅଶାନ୍ତି ଦେଖାଦେଇପାରେ ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଦୂରଯାତ୍ରା କରିପାରନ୍ତି । ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଗୃହେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବାର ସୂଚନା ।



**କନ୍ୟା:** ଅଟକି ରହିଥିବା କାମଟି ଆପଣଙ୍କର ହୋଇପାରେ । ଅନେକ ଦିନରୁ ଲାଗି ରହିଥିବା ବିବାଦର ସମାଧାନ ହେବ । ରୋଜଗାର ଭଲ ହେବ । ଘରେ ଖୁସିର ବାତାବରଣ ରହିବ । ଦେହ ସୁସ୍ଥ ରହିବ ।



**ତୁଳା:** ବ୍ୟବସାୟିକ କ୍ଷେତ୍ରରୁ ଲାଭବାନ୍ ହେବେ । ବନ୍ଧୁ ଦର୍ଶନର ସୁଯୋଗ ମଧ୍ୟ ରହିଛି । ଶତ୍ରୁ ପରାଜିତ ହେବେ । ଶୁଭ ଖବର ପାଇପାରନ୍ତି । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ।



**ବିଛା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ପିଲାମାନେ ପାଠପଢ଼ାରେ ମନ ଦେବେ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ ।



**ଧନୁ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିବେ । ମାନସିକ ଅଶାନ୍ତି ଦେଖାଦେବ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଗୃହେ ଅଶାନ୍ତି ଦେଖାଦେବ । ସତ କଥା କହି ବିରୋଧୀ ହୋଇପାରନ୍ତି ।



**ମକର:** ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଭଲ ଅଟେ । ଦେବ ଦର୍ଶନର ସୁଯୋଗ ମଧ୍ୟ ଜୁଟିପାରେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶାନ୍ତି ମିଳିବ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟର ପରିମାଣ ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମନ ଭଲ ରହିବ ।



**ମୀନ:** ସମସ୍ୟାର ସମାଧାନ ହେବ । ବ୍ୟବସାୟରେ ସଫଳତା ହାସଲ କରିବେ । ନିଜର ଜିଦ୍ ପାଇଁ ହଇରାଣରେ ପଡ଼ିପାରନ୍ତି । ବ୍ୟୟର ପରିମାଣ ବଢ଼ିବ । ପାରିବାରିକ ଜୀବନରେ ବିଶୃଙ୍ଖଳା ସୃଷ୍ଟି ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୫।୨୦୨୫, ଜ୍ୟୈଷ୍ଠ ଦ୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୦୯।୦୬** **ଚନ୍ଦ୍ରୋଦୟ- ରାଘ ୨।୨୮।୧୨**

**ଏକାଦଶୀ-** ରାଘ ୧୦।୩୧ ପର୍ଯ୍ୟନ୍ତ । **ଉତ୍ତରଭାଦ୍ର ନକ୍ଷତ୍ର-** ଦିଘ ୪।୦୨ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୧୦।୩୧ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଘ ୬।୫୭ ମଧ୍ୟେ । ଦିଘ ୧୨।୧୦ ଗତେ ଘ ୨।୪୬ ମଧ୍ୟେ । **ପର୍ବୋତ୍ସବ-** ଅପରା ବା ଜଳ କ୍ରୀଡ଼ା ଏକାଦଶୀ (ରାମାନୁଜ ଭିନ୍ନ)

31 YEARS
ସମ୍ବାଦ କଳିକା

# ଗ୍ରୀଷ୍ମ ଲହରି ବଢ଼ାଇଛି ୪୧% ବିଜୁଳି ଚାହିଦା

୨୦୨୩ ଗ୍ରୀଷ୍ମକାଳରେ ଭାରତର କିଛି ଅଞ୍ଚଳରେ ଯେତେବେଳେ ତାପମାତ୍ରା ୫୦ ଡିଗ୍ରି ସେଲସିଅସ ଛୁଇଁଥିଲା, ସେତେବେଳେ ଦେଶର ବିଜୁଳି ବ୍ୟବହାରରେ ଆଶ୍ଚର୍ଯ୍ୟଜନକ ଭାବେ ୪୧ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଅର୍ଥାତ୍ ବାୟୁମଣ୍ଡଳକୁ ଅଧିକ ଦୂଷିତ ବାଷ୍ପ ନିର୍ଗମନ। ସୁତରାଂ ଏଭଳି ମାତ୍ରାଧିକ ତାପମାତ୍ରା ବୃଦ୍ଧି ପରିବେଶର ଏକ ବଡ଼ ଶତ୍ରୁ ବୋଲି 'କ୍ଲାଇମେଟ୍ ଟ୍ରେଣ୍ଡ୍' ରିପୋର୍ଟରେ ପ୍ରକାଶ ପାଇଛି। ଦେଶର ଶକ୍ତି ବ୍ୟବହାରକୁ ବିଶ୍ଳେଷଣ କରି ଉତ୍ତାପ ଓ ସର୍ବାଧିକ ବିଦ୍ୟୁତ୍ ଚାହିଦା ମଧ୍ୟରେ ସିଧାସଳଖ ସମ୍ପର୍କ ରହିଥିବା କଥା 'କ୍ଲାଇମେଟ୍ ଟ୍ରେଣ୍ଡ୍' ଜାଣିବାକୁ ପାଇଛି। ୧୯୦୧ ମସିହା ପରଠାରୁ ଚଳିତବର୍ଷ ଫେବୃୟାରୀ ମାସ ସବୁଠୁ ଅଧିକ ତାପମାତ୍ରା ରେକର୍ଡ କରିଥିବା ବେଳେ ଏହି ଧାରା ଜାରି ରହିବ। ଆବାସିକ ଓ ଶିଳ୍ପ ଉଦ୍ଦେଶ୍ୟରେ ଶୀତଳୀକରଣ ଉପକରଣର ବ୍ୟବହାର ବୃଦ୍ଧି ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଚାହିଦାର ମୁଖ୍ୟ ବାହକ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ୨୦୨୩ରେ ଦେଶରେ ହାରାହାରି ସର୍ବାଧିକ ଗ୍ରୀଷ୍ମ ତାପମାତ୍ରା ୪୪ ଡିଗ୍ରି ସେଲ୍‌ସିଅସରେ ପହଞ୍ଚିଥିବା ବେଳେ କେତେକ ସ୍ଥାନରେ ତାହା ୫୦ ଡିଗ୍ରି ସେଲସିଅସ ମଧ୍ୟ ଟପିଯାଇଥିଲା। ଏଥି ସହିତ ୪୦ ଡିଗ୍ରିରୁ ଅଧିକ ତାପମାତ୍ରା ଥିବା ୫୦ଟି ଏବଂ ୩୭ ଡିଗ୍ରିରୁ ଅଧିକ ଥିବା ୭୩ଟି ଗ୍ରୀଷ୍ମ ଲହରି ରେକର୍ଡ କରାଯାଇଥିଲା। ତେଲେଙ୍ଗାନା, ମଧ୍ୟପ୍ରଦେଶ ଓ ଦିଲ୍ଲୀ-ଏନ୍‌ସିଆରରେ ସର୍ବାଧିକ ଗ୍ରୀଷ୍ମଲହରି ଦେଖିବାକୁ ମିଳିଥିଲା। ସେହି ବର୍ଷ ବିଦ୍ୟୁତ୍ ଚାହିଦାର ସିଂହଭାଗ ଜୀବାଶ୍ମ ଇନ୍ଧନ ଦ୍ୱାରା ପୂରଣ ହୋଇଥିଲା। କେବଳ ଜନସଂଖ୍ୟା ବୃଦ୍ଧି ନୁହେଁ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇଁ ଆଗାମୀ ବର୍ଷମାନଙ୍କରେ ଭାରତରେ ସମ୍ଭାବ୍ୟ ବିଜୁଳି ଚାହିଦା କିପରି ବଢ଼ିବ, ତାହା ମଧ୍ୟ ଏହି ରିପୋର୍ଟରେ ଉଲ୍ଲେଖ କରାଯିବା ସହ ଏଥି ପ୍ରତି ସତର୍କ ରହିବାକୁ ପରାମର୍ଶ କରାଯାଇଛି। ହଠାତ୍ ବିଜୁଳି ଚାହିଦା ବୃଦ୍ଧିକୁ ଆର୍ଥିକ ବିକାଶର ସଂକେତ ଭାବେ ବୁଝି ଆମେ ଭୁଲ୍ କରୁଛନ୍ତି। କାରଣ ତାପମାତ୍ରା ବୃଦ୍ଧି ଯୋଗୁଁ ବିଦ୍ୟୁତ୍ ଚାହିଦାରେ ଅତିରିକ୍ତ ବୃଦ୍ଧି ଘଟୁଛି। ଆମେ ଯେତେ ଜୀବାଶ୍ମ ଉପରେ ନିର୍ଭରଶୀଳତା ବଢ଼ାଇବା, ସେତେ ଅଧିକ ତାତି ବଢ଼ିବ। କାରଣ ତାହାଦ୍ୱାରା ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ଜଳବାୟୁ ପରିବର୍ତ୍ତନକୁ ଆହୁରି ଉତ୍‌ପ୍ରେରିତ କରିବ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ


ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ଭରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# କରୁଣା ଓ କଲ୍ୟାଣ ଗଙ୍ଗାର ନାଉରୀ -ଲୋକନାଥ ଚୌଧୁରୀ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

ସମୟର ବିଚିତ୍ର ଖେଳ। ବିଚିତ୍ର ଏ ବିଶ୍ୱ। ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ସୁନ୍ଦର ପୃଥିବୀ। ବିଶ୍ୱ ନିଅନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କିଟ ପତଙ୍ଗ କାଳର କରାଳ ଗତିରେ ବିଲୀନ। ପ୍ରକୃତିର ଅପୂର୍ବ ସୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହ ମଣ୍ଡଳ। ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣୀ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଇଶ୍ୱରଙ୍କ ପ୍ରଥମ ସୋପାନର ଆମ ମନୁଷ୍ୟ ସମାଜ। ମନୁଷ୍ୟର ଆକୃତି ଓ ପ୍ରକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ। ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ। ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାରରେ କିଏ ଛାଡି ଯାଏ ପାଦ ଚିହ୍ନ, କାହାର ପାଦ ଚିହ୍ନ ଶୀଳାରେ ତ' କାହାର ପାଦ ଚିହ୍ନ ବାଲୁକା ଓ ପାଣିରେ। ଯିଏ ସମାଜ, ରାଷ୍ଟ୍ର, ଦେଶ, ଜଗତ ପାଇଁ କାମକରେ ତା'ର ପାଦ ଚିହ୍ନ ରହିଯାଏ ଶୀଳାରେ, ସେ ଅମର ହୋଇଯାଏ ସମାଜ ପାଇଁ।

ଯେତେବେଳେ ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ। ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ, ସମାଜସେବୀ, ପ୍ରାବନ୍ଧିକ, ବାମପନ୍ଥୀ ରାଜନେତା ୧୯୨୫ ମସିହା ମେ ମାସ ୧୯ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ତାଳଦଣ୍ଡା ଗ୍ରାମରେ ପିତା କୈଳାସ (କେଳୁ) ଚନ୍ଦ୍ର ଚୌଧୁରୀ, ମାତା ଚଂଚଳା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ ଶ୍ରୀଯୁକ୍ତ ଲୋକନାଥ ଚୌଧୁରୀ। ପିଲାବେଳୁ ସେ ସାହାସୀ ଓ ଧୈର୍ଯ୍ୟର ପ୍ରତୀକ ଥିଲେ। ସେ କେବେ ଭାଙ୍ଗିପଡି ନଥିଲେ ଦୁଃଖ ଓ ଯାତନାରେ। ତାଙ୍କ ବୋଉ ପୁରୀ ଲୋକନାଥଙ୍କ ପାଖରେ ସଂକଳ୍ପ କରିଥିବାରୁ ତାଙ୍କ ନାମ ଲୋକନାଥ ରଖା ଗଲା। ତାଙ୍କ ଜନ୍ମପରେ ତିନୋଟି ଭାଇ, ଗୋପିନାଥ, ଶ୍ରୀନାଥ, ସୋମନାଥ ଏବଂ ଦୁଇ ଭଉଣୀ ସାବିତ୍ରୀ ଓ ଭାନୁମତୀ ଜନ୍ମ ଗ୍ରହଣ କରିଥିଲେ। ୫ ବର୍ଷ ବୟସରେ ଏଲ୍.ପି. ସ୍କୁଲ ତାଳଦଣ୍ଡାରେ ତାଙ୍କ ନାମ ଲେଖା ହେଲା। କିନ୍ତୁ ସେ ଘରେ ରହି ପାଠ ପଢୁଥିଲେ। ତା' ପରେ ସେ କୁଜଙ୍ଗ ବିଦ୍ୟାଳୟରେ ୪ ର୍ଥ ଶ୍ରେଣୀ ରେ ପାଠ ପଢିଲେ। ସେ ଭଲ ପାଠ ନ ପଢିବାରୁ ତାଙ୍କ ପିତା କାଦୁଆପଡା ଗାଦିବ୍ରହ୍ମ ବିଦ୍ୟାଳରେ ୫ମ ଶ୍ରେଣୀରେ ନମ ଲେଖାଇଲେ। ଲୋକନାଥ ବାବୁ ତାଙ୍କ ପିଉସା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜଗବନ୍ଧୁ ସାମନ୍ତରାୟଙ୍କ ଘରେ ରହି ପାଠ ପଢିଲେ। ୧୯୩୯ ମସିହାରେ ସେ ରେଭେନ୍‌ସା କଲଜିଏଟ ସ୍କୁଲ୍ କେନ୍ଦ୍ରରେ ପରିକ୍ଷା ଦେଇ ମାଇନର ପାସ୍ କଲେ। କୁଜଙ୍ଗ ସ୍କୁଲର ୮ମ ଶ୍ରେଣୀ ରେ ନାମ ଲେଖାଇ ପାଠ ପଢିଲେ। ମାଟ୍ରିକ୍ ସେକେଣ୍ଡ ଡିଭିଜନରେ ପାସ କରି ରେଭେନ୍ସା କଲେଜରେ ପ୍ରଥମ ବର୍ଷ କଳାରେ ନାମ ଲେଖାଇଲେ। ୧୯୪୬ ମସିହାରେ ଆ.ଏ. ପରିକ୍ଷାରେ ଫେଲ୍ ହୋଇ ରେଭେନ୍ସାରୁ ସାର୍ଟିଫିକେଟ୍ ନେଇ ଖ୍ରୀଷ୍ଟ କଲେଜରେ ପାଠ ପଢିଲେ। ତା'ପରେ ଆ.ଏ. ପାସ କରି ରେଭେନ୍ସା କଲେଜରେ ବି.ଏ. ଇତିହାସ ଅନର୍ସ ପାଠ ପଢିଲେ। ଏଠାରେ ପାଠ ପଢିବା ସମୟରେ ସେ ମହାପାତ୍ର ନିଳମଣି ସାହୁ, ଜାନକୀବଲ୍ଲଭ ପଟ୍ଟନାୟକ, ଉମା ଚରଣ ମହାପାତ୍ର, ରାଧା ମୋହନ ଗଡନାୟକଙ୍କ ସହିତ ମିଶି ସାହିତ୍ୟ ଆଲୋଚନା କରୁଥିଲେ। ସେହି ସମୟରେ ତାଙ୍କର ଲିଖିତ "କାଳି ଦାସ" ପ୍ରକାଶିତ ହୋଇଥିଲା। ପାର୍ଟି କନ୍‌ଭେନସନ କାର୍ଯ୍ୟରେ ବ୍ୟସ୍ତ ରହି ବି.ଏ. ସପ୍ଲିମେଣ୍ଟାରୀ ପରିକ୍ଷା ବିନା ଅନର୍ସରେ ଦେବାକୁ ପଡିଲା। ବାପା ପଠାଉଥିବା ପଇସା ଖର୍ଚ୍ଚ କରିଦେବାରୁ ରାଧା ମୋହନ ଗଡନାୟକଙ୍କ ଠାରୁ ୪୦୦ ଟଙ୍କା ଆଣି ପରିକ୍ଷା ଫିସ୍ ଦେଲେ। ବି.ଏ. ପରିକ୍ଷା ଦେଇ ପାସ୍ କଲେ। ୧୯୪୭ ମସିହା ଏପ୍ରିଲ ମାସରେ ଲୋକନାଥ ବାବୁଙ୍କର ବିଭାଘର ରଙ୍ଗିଆ ଗଡ ନିବାସୀ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କର ଝିଅ "ମାଳତୀ" ଙ୍କ ସହିତ ହୋଇଥିଲା। ତାଙ୍କର ଚାରୋଟି ଝିଅ ବିଜୟାଲକ୍ଷ୍ମୀ, ସଂଯୁକ୍ତା, ମଂଜୁରାଣୀ ଓ ସବିତା।

ସେ ଛାତ୍ର, କୃଷକ, ଶ୍ରମିକ, ଶିକ୍ଷକ, ରେଲ୍ କର୍ମଚାରୀ ଓ ଗଡଜାତ ଆନ୍ଦୋଳନରେ ପାର୍ଟି ତରଫରୁ ଯୋଗ ଦେଇ ବିଭିନ୍ନ ସମୟରେ ଜେଲ୍ ବରଣ କରିଥିଲେ। ପରେ ସେ ସକ୍ରିୟ ରାଜନିତୀରେ ଯୋଗ ଦେଲେ। ପ୍ରଥମ ସଧାରଣ ନିର୍ବାଚନରେ କଂଗ୍ରେସ ଗୌରିଶ୍ୟାମ ନାୟକଙ୍କୁ ପ୍ରାର୍ଥୀ କରିବାରୁ ବିରବର ସାମନ୍ତ ଓ ରତ୍ନମାଳି ଜେମା ଅସନ୍ତୁଷ୍ଟ ହୋଇ ଲୋକନାଥ ଚୌଧୁରୀଙ୍କୁ କମୁନିଷ୍ଟ ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ପ୍ରଭାବିତ କଲେ ଓ ନିର୍ବାଚନରେ ସଂପୂର୍ଣ୍ଣ ସାହାଯ୍ୟ କଲେ। ଲୋକନାଥ ବାବୁଙ୍କ ପରିବାରରେ ଜଳହଂସ ନାମରେ ଏକ ନୌକା ଥିଲା। ଏହି ନୌକାରେ ରତ୍ନମାଳି ଜେମା, ତାଙ୍କ ସାନଭଉଣୀ ଓ ତିନି ମାଉସୀ ନିର୍ବାଚନ ପ୍ରଚାର କଲେ। ଲୋକନାଥ ବାବୁ ତାଙ୍କର ଗୋଟିଏ ସାଇକେଲ କର୍ମୀ ମାନଙ୍କୁ ଦେଇ ନିଜେ ଚାଲି ଚାଲି ନିର୍ବାଚନ ପ୍ରଚାର କଲେ। ନିର୍ବାଚନ ଫଳ ପ୍ରକାଶ ପାଇଲା। ଶ୍ରୀଯୁକ୍ତ ଗୌରୀଶ୍ୟାମ ନାୟକ ୧୨ହଜାର ଭୋଟ ପାଇ ବିଜୟ ଲାଭ କଲେ। ନରେନ୍ଦ୍ର ନାୟକ ୭ ହଜାର ଭୋଟ ପାଇ ୨ୟ ସ୍ଥାନରେ ରହିଲେ। ଲୋକନାଥ ବାବୁ ୬ ହଜାର ୫୦୦ ଭୋଟ ପାଇ ୩ୟ ସ୍ଥାନରେ ରହିଲେ। ସେହି ଦିନଠାରୁ ସେ ଆଉ ପଛକୁ ଅନାଇ ନାହାନ୍ତି। ଖଟିଖିଆ, ଶ୍ରମିକ ସମାଜର ଉନ୍ନତି ପାଇଁ ବାମପନ୍ଥି ଚିନ୍ତାଧାରାରେ ସମାଜର ଉନ୍ନତି ପାଇଁ ଲାଗିପଡିଛନ୍ତି। ଫଳ ସ୍ୱରୂପ ସେ ଜଣେ ଟାଣୁଆ ରାଜନେତା ହିସାବରେ ଜାତୀୟ ସ୍ତରରେ ନିଜ ନାମର ସାର୍ଥକତା ପ୍ରତି ପାଦନ କରିଛନ୍ତି। ଲୋକନାଥ ବାବୁ ନିର୍ବାଚନ ବୈତରଣୀରେ ୩ଥର (୧୯୫୭, ୧୯୬୧, ୧୯୭୪) ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ଦୁଇ ଥର (୧୯୮୯, ୧୯୯୧) ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ତାଙ୍କର ରଣ ହୁଂକାର ଯୋଗୁ ଶିକ୍ଷକ ମାନଙ୍କର ପ୍ରତ୍ୟକ୍ଷ ଦରମା ଓ ପେନ୍‌ସନ୍ ଏବଂ ଭାଗଚାଷୀ ଆଇନ ପ୍ରଣୟନ କରି ଲୋକଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ସେ ସମାଜର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କୁ ଜଣାଉଥିଲେ ଓ ଦାବି ଉପସ୍ଥାପନ କରି ୧୧ ଦିନ, ୨୨ଦିନ ଓ ୪୨ ଦିନ ଅନଶନ କରି ସରକାରଙ୍କୁ ବାଧ୍ୟ କରୁଥିଲେ ସମସ୍ୟା ସମାଧାନ କରିବାକୁ। ପଶ୍ଚିମ ଓଡିଶାର ଦାରୁଣ ଖାଦ୍ୟ ଅଭାବ ଦାରିଦ୍ର୍ୟତା ଦେଖାଇ ଲୋକ ସଭାରେ ଅନଶନ ଧମକ ଦେଇ କେ.ବି.କେ. ଯୋଜନା ପ୍ରଣୟନ କରିଥିଲେ। ସେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ରୂପେ ଜାତି ସଂଘକୁ ପ୍ରତିନିଧିତ୍ୱ କରିଥିଲେ। ଉପକୂଳବର୍ତ୍ତୀ ଅଂଚଳକୁ ଲୁଣା ପାଣିରୁ ରକ୍ଷା ପାଇଁ ସାଲାଇନ୍ ଡିଭିଜନ ସୃଷ୍ଟି ତାଙ୍କର କୃତିତ୍ୱ। ଜଗତସିଂହପୁର ଲୋକସଭା ମଣ୍ଡଳୀରେ ଯେଉଁମାନେ ସାଂସଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆମ କୁଜଙ୍ଗ ମାଟିର ୩ଜଣ ଯଥା- ଲୋକନାଥ ଚୌଧୁରୀ, ବିଭୁପ୍ରସାଦ ତରାଇ, ଡଃ. କୁଳମଣି ସାମଲ। ମହାନ୍ ବିପ୍ଳବି, ବାମପନ୍ଥୀ ଚିନ୍ତା ନାୟକ, ଜାତୀୟ ସ୍ତରର ଜଣେ ରାଜନୈତିକ ନେତା, ଏ ମାଟିର ଗର୍ବ ଓ ଗୌରବଙ୍କର କର୍ମମୟ ଜୀବନର ଅବସାନ ଘଟିଲା। ସେ ଦିନ ଥିଲା ୨୦୦୩ ମସିହା ମେ ମାସ ୧୨ ତାରିଖ। ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ। ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ। ତାଙ୍କ ଅଭାବ ଏ ଅଂଚଳର କୃଷକ, ଖଟିଖିଆ, ଶିକ୍ଷକ, ଶିକ୍ଷିତ ସମାଜ କେବେ ଭୁଲି ପାରିବେ ନାହିଁ। ସେ ସର୍ବଦା ଆମଭିତରେ ବଂଚିରହିବେ।


କମ୍ରେଡ୍ ସ୍ୱର୍ଗତ ଲୋକନାଥ ଚୌଧୁରୀ

# ସଂସ୍କୃତିର ସୁରକ୍ଷାରେ ନାଟକର ଭୂମିକା-୨



ଡ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା,
ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ,
ଛଡିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

୧୯୫୨ ମସିହାରେ ରଚିତ କାଳୀ ଚରଣ ପଟ୍ଟନାୟକଙ୍କ 'ରକ୍ତମାଟି' ନାଟକରେ ବିଜୟ ଚରିତ୍ରଟି ପୁଞ୍ଜିବାଦ ବିରୁଦ୍ଧରେ ଲଢି ସୁସ୍ଥ ସୁନ୍ଦର ମୂଲ୍ୟବୋଧ ସଂଚାର କରିବା ପାଇଁ ଚାହିଁଛି। କନ୍ତୁ ପୁଞ୍ଜିପତିର କାରସାଦି ନିକଟରେ ତାକୁ ହାର ମାନିବାକୁ ପଡିଛି। ତାର ଗାଁ ଜୀବନଧାରା ପୁଞ୍ଜିବାଦର ବିଷ ବଳୟରେ ଆବଦ୍ଧ। ତାର ଆଦର୍ଶ ଓ ମୂଲ୍ୟବୋଧ ପରାହତ। ୧୯୫୮ ପରବର୍ତ୍ତୀ କାଳରେ ଏ ନାଟକଟି ଭିତରେ ଧ୍ୱନିତ ହୋଇଛି ଯୁଗ ଯୁଗ ଧରି କୃଷୀ ଭିତ୍ତିକ ସମାଜ ଜୀବନକୁ ନେଇ ଗଢି ଉଠୁଥିବା ଓଡିଶାର ସାଂସ୍କୃତିକ ଜୀବନର ବିପର୍ଯ୍ୟୟର କାହାଣୀ। ମୋଟାମୋଟି ଭାବରେ ରକ୍ତମାଟିରେ ରହିଛି ପୁଞ୍ଜିବାଦ ସହ ଲଢିଥିବା ଉତ୍କଳୀୟ ଜନଜୀବନର ରକ୍ତପାତ ଜନିତ କରୁଣ କାହାଣୀ।

୧୯୬୦ ପରବର୍ତ୍ତୀ ଓଡିଆ ନାଟକର କେତେଗୋଟି ନାଟକକୁ ଏହି ଧାରାରେ ସାମିଲ କରାଯିବା ଆବଶ୍ୟକ ହୋଇପଡିଛି। ଯେପରି ବିଜୟ ମିଶ୍ରଙ୍କର 'ଅସତ୍ୟ ସହର', ରାମଚନ୍ଦ୍ର ମିଶ୍ରଙ୍କର 'ନରୋତ୍ତମ ଦାସ କହେ'। ପରିବାରରୁ ଆରମ୍ଭ କରି ବ୍ୟାପକ ସମାଜ ବ୍ୟବସ୍ଥା ଯାଏ ପୁଣି ରାଜନୈତିକ ଦିଗନ୍ତ ପର୍ଯ୍ୟନ୍ତ ସବୁଠି କ୍ଷମତାର ଛକାପନ୍ଝା। ସବୁଠି ଧୂମିଳ ପରିବେଶ। ସେହିପରି ଆନନ୍ଦ ଶଙ୍କର ଦାସଙ୍କ 'ଚିଡିଆଖାନା' ନାଟକରେ ସାମଜ ଜୀବନ ଓ ଗୋଷ୍ଠୀବଦ୍ଧ ମଣିଷର ସଂସ୍କୃତି ବିଲୁପ୍ତ। ମଣିଷ ହୋଇଛି ଚିଡିଆଖାନାର ଜନ୍ତୁ। ସେମାନଙ୍କ ଗର୍ଜନରେ ମାନବିକ କୋମଳ ପ୍ରବୃତ୍ତି ନାରଖାର। ଉତ୍ତାଙ୍ଗ ସାଂସ୍କୃତିକ ମୂଲ୍ୟବୋଧ ରସାତଳଗାମୀ। ୧୯୮୦ ମସିହାରେ ରଚିତ ବିଜୟ ଶତପଥୀଙ୍କର 'କଂସର ଆତ୍ମା' ନାଟକରେ ସବୁ ନୈତିକ ମୂଲ୍ୟବୋଧ, ସତ୍ୟ ନିଷ୍ଠତା, ସାଂସ୍କୃତିକ ଚେତନାକୁ ପ୍ରତାପୀ କଂସ ଗିଳିଦିଏ। ହୁଏତ କୃଷ୍ଣ ଜନ୍ମ ନିଅନ୍ତି। କଂସର ନିଧନ ହୁଏ କିନ୍ତୁ କୃଷ୍ଣ ଓ କଂସ ମଧ୍ୟରେ ଅନିବାର୍ଯ୍ୟ ସଂଘର୍ଷଜାରି ରହିଥାଏ ବରାବର।

୧୯୮୦ ମସିହା ହେଉଛି ଆମ ସଂସ୍କୃତିକ ଚେତନାର ଏକ ମୋଡ ପରିବର୍ତ୍ତନର କାଳ। ସ୍ୱାଧୀନତା ପରେ ଏ ଜାତି ଭାବିଥିଲା ସ୍ୱାଧୀନ ଚିନ୍ତା, ସ୍ୱାଧୀନ ମନ ନେଇ ବଞ୍ଚିବ। କିନ୍ତୁ ଦୁର୍ଭାଗ୍ୟ ଯେ ବିଦେଶୀ ମାନଙ୍କର ସାଂସ୍କୃତିକ ଉପନିବେଷବାଦ ବା Culturural colonialism ଆମର ଜନଜୀବନକୁ ଏପରି ଆକ୍ରାନ୍ତ କରିଛି, ତାର ହିସାବ ନାହିଁ। ଭାଗବତ ଘର ଓଷା, ବ୍ରତ, ପର୍ବର ମଉଜ ତଥା ସମୂହ ଜୀବନ ସ୍ରୋତର ଉଚ୍ଛ୍ୱାସକୁ ସାଂସ୍କୃତିକ ଉପନିବେଶବାଦ ଯେମିତି ଗ୍ରାସ କରିଛି, ସେଥିରୁ ନିସ୍ତାର ନାହିଁ। ଆଧୁନିକ ସଭ୍ୟତା ଓ ତାର ଆତ୍ମିକ ପରିଚିତ ହେଉଛି ଆଧୁନିକ ସଂସ୍କୃତି। ଯାହା ଯୁଗ ଯୁଗ ଧରି ପ୍ରଚଳିତ ବିଶ୍ୱର ସାଂସ୍କୃତିକ ଧାରଣା ଗୁଡିକୁ ମୁଳୋତ୍ପାଟନ କରିବା ଦିଗରେ ସମର୍ଥ। ୧୯୮୦ ପରବର୍ତ୍ତି କାଳ କିନ୍ତୁ ଉତ୍ତର ଆଧୁନିକ କାଳ। ଆମର ସମାଜ ଜୀବନ ସାହିତ୍ୟିକ ଓ ସାଂସ୍କୃତିକ ଅଭିରୁଚି ତଥା ମୂଲ୍ୟବୋଧ ଦ୍ରୁତ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିବାରେ ଲାଗିଛି। ସାମଜ ପରିବର୍ତ୍ତନର ଖିଅ ଗୁଡିକୁ ଯଦି ବିଶ୍ଳେଷଣ କରାଯିବ, ଲାଗିବ ଚତୁଃପାର୍ଶ୍ୱରେ ସବୁ ଯେମିତି ଭାଙ୍ଗି ପଡୁଛି। ଭାଙ୍ଗି ପଡୁଛି ସକଳ ମାନବିକ ସମ୍ପର୍କ। ହଜାର ହଜାର ବର୍ଷ ତଳର ସାଂସ୍କୃତିକ ବିକାଶ ଧାରା। ମଣିଷ ଭିତରେ ଓ ବାହାରେ ପରିବର୍ତ୍ତନର ଏ ଘନଘଟା ଦେଖିଲେ ବିସ୍ମିତ ହେବାକୁ ପଡେ। ମଣିଷର ଏ କଣ ଅଗ୍ରଗତି? ପ୍ରତି ମୁହୂର୍ତ୍ତରେ ସୁସ୍ଥ ଜୀବନ ବିରୋଧୀ ଶକ୍ତି ମାନଙ୍କ ସହିତ ମଣିଷ ଯେପରି ମୁକାବିଲା କରୁଛି ବା ସାଲିସ କରୁଛି ତାର ଇୟତ୍ତା ନାହିଁ। ଏକ ପ୍ରକାର ଛିନ୍ନମୂଳ ସଂସ୍କୃତିର ଅବହାଓ୍ୱା ସର୍ବତ୍ର। ଘଟଣା ଏଠି ଦୁର୍ଘଟଣାର ରୂପ ନେଉଛି। ଏହି ପରିସ୍ଥିତିରେ ଏ ଗ୍ଲୋବାଲାଇଜେସନ ଯୁଗରେ ଓଡିଆ ନାଟକ ତାର ନୂତନ ବ୍ୟାକରଣ ପ୍ରସ୍ତୁତ କରିଛି। ସାଂସ୍କୃତିକ ଚେତନା ଆଜିର ଚନ୍ତା ଜଗତରେ ଯେଉଁ ଦ୍ୱନ୍ଦ୍ୱ ଆଣିଛି, ତାର ରୂପାନ୍ତର ହେଉଛି ଏକବିଂଶ ଶତକର ନାଟକ। ସେ ଆଣିଛି ଏକାଧାରାରେ Cyber man ପାଇଁ କରିବାକୁ କପାଚାଷ। ଭିଟାମାଟି ହରେଇ ମଲଟି ନେସନାଲ କମ୍ପାନୀର ଦୟାରେ ବଞ୍ଚୁଛି ମଣିଷ। ଏହି ବିସ୍ଥାପିତ ମଣିଷ ମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଉଚ୍ଚ ଡିଗ୍ରୀଧାରୀ ଥାଇ ଚାକିରିର ମୃଗତୃଷ୍ଣା ପଛରେ ବୁଲି ନିରାଶ ହେଉଥିବା ଯୁବକ ପାଇଁ ପୁଣି କ୍ଷୟିଷ୍ଣୁ ମୂଲ୍ୟବୋଧର ଦାଉରେ ପୀଡିତ ସଂସ୍କୃତି ସଂପନ୍ନ ମଣିଷ ପାଇଁ। ବଞ୍ଚିବାର ବାର୍ତ୍ତା, ଜୀବନର ସମ୍ବାଦ।

ନାଟକ ଅନେକ କ୍ଷେତ୍ରରେ ସଂସ୍କୃତିର ବିଲୁପ୍ତ ଚିନ୍ତାଧାରାକୁ ପରିପ୍ରକାଶ କରିଛି। ନାଟକ ତେଣୁ ପ୍ରତିବାଦର, ଅଙ୍ଗୀକାରର, ସାମାଜିକ ନିଷ୍ଠୁରତାର, ଅଖଣ୍ଡ ଜୀବନବୋଧର କଥାକୁ ଶକ୍ତିଶାଳୀ ଭାବରେ ପ୍ରକାଶ କରିଛି। ସାହିତ୍ୟର ଏହି ଭୂମିକା ବାସ୍ତବିକ ଗ୍ରହଣଯୋଗ୍ୟ। ସଂସ୍କୃତିର ଅବକ୍ଷୟ ମଧ୍ୟରେ ନାଟକ ଏକ ନୂତନ ସୂର୍ଯ୍ୟୋଦୟକୁ ଅପେକ୍ଷା କରିଛି।

# ହସର ପ୍ରକାରଭେଦ



ଡଃ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

ମହାଭାରତରେ ବର୍ଣ୍ଣିତ କାହାଣୀ ଅନୁଯାୟୀ ଥରେ ମହାମାନୀ ଦୁର୍ଯ୍ୟୋଧନ ପରିଶ୍ରା କରିସାରି ଆସିବା ବେଳକୁ ହସିଲେ। ଯାହାକୁ ଦେଖି ତାଙ୍କର ଅମାତ୍ୟ ଜଣକ ମଧ୍ୟ ହସିଲା। ଏକଥା ଦେଖି ଦୁର୍ଯ୍ୟୋଧନ ରାଗିଯାଇ ହସର କାରଣ ପଚାରିଲେ। କିନ୍ତୁ ଅମାତ୍ୟ ଜଣକ ଏହାର ସଠିକ ଉତ୍ତର ଦେଇ ନପାରିବାରୁ ତାକୁ ସିଏ ଉତ୍ତର ଦେବାପାଇଁ ସାତ ଦିନର କଷ୍ଟ ଦେଇଥିଲେ। ତେବେ ବନ୍ଦୀ ଅବସ୍ଥାରେ ଥିବା ଶକୁନି ଉକ୍ତ ଅମାତ୍ୟକୁ ଡାକି ସଠିକ୍ ଉତ୍ତର ଦେଇ କହିଲେ 'ବରଗଛ ଏତେବଡ଼ ହୋଇଥିଲେ ମଧ୍ୟ ତା'ର ଫଳ ଆପଣଙ୍କ ପରିସ୍ରାରେ ଭାସିଯିବାର ଦେଖି ଆପଣ ହସୁଥିଲେ।' ଏକଥା ଶୁଣି ଦୁର୍ଯ୍ୟୋଧନ ତାଜୁବ ହେଲେ ଏବଂ ଏ ବୁଦ୍ଧି ଅମାତ୍ୟକୁ କିଏ ଦେଲା ବୋଲି ଜାଣିବାକୁ ଚାହିଁଲେ। ଶେଷରେ ଉକ୍ତ ପ୍ରଶ୍ନର ସଠିକ ଉତ୍ତରଦାତା ଶକୁନି ବୋଲି ଜାଣିବା ପରେ ତାଙ୍କ ସିଏ ନିଜର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରିଥିଲେ ଯାହା ତାଙ୍କର ବଂଶ ବିନାଶର ମୁଖ୍ୟ କାରଣ ଥିଲା। କାରଣ ନଥାଇ ହସିବା କିମ୍ବା ହସର କାରଣ ଖୋଜିହେବା ଉଭୟ ମଣିଷ ପାଇଁ ଦୁଃଖଦାୟକ ହୋଇଥାଏ। ତେବେ ଅନ୍ୟକୁ ବ୍ୟଙ୍ଗ କରି ହସିବା ଦ୍ୱାରା ତାହା ପ୍ରାଣଘାତକ ହୋଇଥାଏ। କାରଣ ଯାହାକୁ ଲକ୍ଷ୍ୟ କରି କିମ୍ବା ବିଦ୍ରୁପ କରି ମଣିଷ ହସିଥାଏ ସିଏ ପ୍ରତିହିଂସାର ବହ୍ନିରେ ହସିଥିବା ବ୍ୟକ୍ତିକୁ ଜାଳି ପୋଡି ଦେଇଥାଏ। ଥରେ ରାଜା ଦୁର୍ଯ୍ୟୋଧନ ରାଜପ୍ରାସାଦ ମଧ୍ୟରେ ଚାଲୁଚାଲୁ ତାଙ୍କ ପାଦ ଖସିଗଲା ଯାହାକୁ ଦେଖି ରାଣୀ ଦ୍ରୌପଦୀ ହସି ଦେଲେ ଆଉ ତାଙ୍କ ପାଟିରୁ ବାହାରି ଗଲା 'ଅନ୍ଧ ପୁତ୍ର ଅନ୍ଧ' ଯେଉଁଥିପାଇଁ ତାଙ୍କୁ ଭବିଷ୍ୟତରେ ବହୁମୂଲ୍ୟ ଦେବାକୁ ପଡିଥିଲା। ଅନ୍ୟପକ୍ଷରେ ଅନେକ ସମୟରେ ଆମକୁ ଶୁଖିଲା ହସ ହସିବାକୁ ପଡିଥାଏ। କେଉଁଠି ନିଜର ଦୁଃଖକୁ ଚାପି ଅନ୍ୟ ଆଗରେ ନିଜକୁ ଖୁସି ପ୍ରମାଣିତ କରିବା ପାଇଁ ହେଉ କିମ୍ବା ନିଜର ଉପରିସ୍ଥ କର୍ମଚାରୀ ଏବଂ ଉଚ୍ଚପଦସ୍ଥ ବ୍ୟକ୍ତିବିଶେଷକୁ ଖୁସି କରିବା ପାଇଁ ତାଙ୍କ ହସରେ ତାଳ ଦେଇ ହସିବା ପାଇଁ ଅନେକ ଲୋକ ଉଚିତ ମଣିଥାଆନ୍ତି ଯାହାକୁ ନିଜ ଇଚ୍ଛା ବିରୁଦ୍ଧରେ ହସିବା ଭାବେ ଉଲ୍ଲେଖ କରାଯାଇ ଥାଏ। ସବୁଠୁ ବଡ କଷ୍ଟ ହେଉଛି ମାୟାବୀ ହସ। ଯାହାର ଅର୍ଥ ହେଉଛି ଅନ୍ୟମାନଙ୍କ ଖୁସିରେ ଖୁସିହୋଇ ହସି ଖେଳି ସେମାନଙ୍କ ପାଖରୁ ଉକ୍ତ ସୁଖର କାରଣ ଖୋଜିବା। ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଦୁଃଖି କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବା।

କାନ୍ଦିବା ହେଉଛି ମଣିଷର ସହଜାତ ପ୍ରବୃତ୍ତି। ଶିଶୁଟିଏ ଜନ୍ମ ହେଉହେଉ କାନ୍ଦିବା ଆରମ୍ଭ କରିଥାଏ ଆଉ ଯଦି କୌଣସି କାରଣରୁ ଶିଶୁଟି କାନ୍ଦି ନଥାଏ, ତେବେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ପରାମର୍ଶ କରିବା ପାଇଁ କୁହାଯାଇଥାଏ। ଆଧ୍ୟାତ୍ମବାଦୀ ମାନଙ୍କ ମତରେ ସଂସାର ଦୁଃଖମୟ ତେଣୁ ଏହି ଦୁଃଖମୟ ସଂସାରରେ ଅବତରଣ କରୁକରୁ ଶିଶୁ କାନ୍ଦିଥାଏ। ଧିରେଧିରେ ଶିଶୁଟିର ଆତ୍ମଜ୍ଞାନ କମିକମି ସାଂସାରିକ ଜ୍ଞାନ ବଢ଼ି ବଢ଼ି ଚାଲେ। ମା', ବାପା, ପରିବାର, ଆତ୍ମୀୟ-ସ୍ୱଜନଙ୍କ ସ୍ନେହ ଶ୍ରଦ୍ଧାରେ ବାନ୍ଧି ହୋଇଯାଇ ସେମାନଙ୍କୁ ଦେଖିଲେ କିମ୍ବା ସେମାନଙ୍କ କଥା ଶୁଣିଲେ ହସି ପକାଏ। ଅଧିକାଂଶ କ୍ଷେତ୍ରରେ ସେତେବେଳକୁ ଶିଶୁଟିର ଦାନ୍ତ ଉଠିନଥାଏ। ଶିଶୁର ଦରୋଟି ହସ ଦେଖିଲେ ସମସ୍ତଙ୍କର ପେଟ ପୁରିଯାଏ। ତାକୁ କୋଳାଗ୍ରତ କରି ତା' ମୁହଁରେ ହସ ଦେଖିବାକୁ ସଭିଏଁ ଚାହିଁ ଥାଆନ୍ତି। ତେବେ ନିଷ୍ପାପ ଶିଶୁର ହସ ଧିରେଧିରେ କାର୍ଯ୍ୟ-କାରଣ ସମ୍ପର୍କିତ ହୋଇଯାଏ। ଯାହା ବୟସ କ୍ରମେ ସ୍ଥାନ, କାଳ ଓ ପାତ୍ରର ହିସାବ କରାଯାଇ ମାପଚୁପ କରାଯାଏ। କେଉଁଠି ହସିବ, କେତେବେଳେ ଆଉ କେତେ ସମୟ ହସିବ, କେମିତି ହସିବ ତା'ର ବିଚାର କରାଯାଏ। ଯେଉଁମାନେ ଏହାର ଉପଯୁକ୍ତ ବିଚାର କରିପାରନ୍ତି ନାହିଁ ସେମାନଙ୍କୁ ଆମେ ପାଗଳ, ଅହଂକାରୀ, ମାୟାବୀ, ଚୁପ୍ ସଇତାନ ଆଦି ବିଭିନ୍ନ ନାମରେ ନାମିତ କରିଥାଉ। ହସର ସ୍ୱର-ଶଦ୍ଦ ଶୁଣି ଆମେଏହାକୁ ବିଭିନ୍ନ ନାମ ଦେଇ ବର୍ଣ୍ଣନା କରିଥାଉ ଯଥା; ଅଟ୍ଟହାସ୍ୟ, ବିଦ୍ରୁପ ହସ, ଘୋଡାହସ, ସ୍ମିତହାସ୍ୟ, ଶୁଖିଲା ହସ, କୃତଜ୍ଞତା ର ହସ, ଦେଖାଣିଆ ହସ ଇତ୍ୟାଦି। ଦେଖା ହସର ଅର୍ଥ ହେଉଛି ଅନ୍ୟ ଜଣେ ହସୁଥିବାର ଦେଖି କିଛି ନ ବୁଝିଶୁଝି ହସିଦେବା କିମ୍ବା ଅନ୍ୟଜଣେ କାଳେ ଖୁସି ହେବ ସେଥିପାଇଁ ମଧ୍ୟ ନିଜର ଅନ୍ତରର ଦୁଃଖ ଓ କୋହକୁ ଚାପି ଅନ ଆଗରେ ଖୁସି ହେବାର ଅଭିନୟ କରି ହସିବା। ତେବେ ଅନ୍ୟମାନଙ୍କର ହସ ଦେଖି ତା'ର ତାତ୍ପର୍ଯ୍ୟ ନ ବୁଝି ହସିବା ହିଁ ବୋକାମୀ।

ମହାଭାରତରେ ବର୍ଣ୍ଣିତ କାହାଣୀ ଅନୁଯାୟୀ ଥରେ ମହାମାନୀ ଦୁର୍ଯ୍ୟୋଧନ ପରିଶ୍ରା କରିସାରି ଆସିବା ବେଳକୁ ହସିଲେ। ଯାହାକୁ ଦେଖି ତାଙ୍କର ଅମାତ୍ୟ ଜଣକ ମଧ୍ୟ ହସିଲା। ଏକଥା ଦେଖି ଦୁର୍ଯ୍ୟୋଧନ ରାଗିଯାଇ ହସର କାରଣ ପଚାରିଲେ। କିନ୍ତୁ ଅମାତ୍ୟ ଜଣକ ଏହାର ସଠିକ ଉତ୍ତର ଦେଇ ନପାରିବାରୁ ତାକୁ ସିଏ ଉତ୍ତର ଦେବାପାଇଁ ସାତ ଦିନର କଷ୍ଟ ଦେଇଥିଲେ। ତେବେ ବନ୍ଦୀ ଅବସ୍ଥାରେ ଥିବା ଶକୁନି ଉକ୍ତ ଅମାତ୍ୟକୁ ଡାକି ସଠିକ୍ ଉତ୍ତର ଦେଇ କହିଲେ 'ବରଗଛ ଏତେବଡ଼ ହୋଇଥିଲେ ମଧ୍ୟ ତା'ର ଫଳ ଆପଣଙ୍କ ପରିସ୍ରାରେ ଭାସିଯିବାର ଦେଖି ଆପଣ ହସୁଥିଲେ।' ଏକଥା ଶୁଣି ଦୁର୍ଯ୍ୟୋଧନ ତାଜୁବ ହେଲେ ଏବଂ ଏ ବୁଦ୍ଧି ଅମାତ୍ୟକୁ କିଏ ଦେଲା ବୋଲି ଜାଣିବାକୁ ଚାହିଁଲେ। ଶେଷରେ ଉକ୍ତ ପ୍ରଶ୍ନର ସଠିକ ଉତ୍ତରଦାତା ଶକୁନି ବୋଲି ଜାଣିବା ପରେ ତାଙ୍କ ସିଏ ନିଜର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରିଥିଲେ ଯାହା ତାଙ୍କର ବଂଶ ବିନାଶର ମୁଖ୍ୟ କାରଣ ଥିଲା। କାରଣ ନଥାଇ ହସିବା କିମ୍ବା ହସର କାରଣ ଖୋଜିହେବା ଉଭୟ ମଣିଷ ପାଇଁ ଦୁଃଖଦାୟକ ହୋଇଥାଏ।

ତେବେ ଅନ୍ୟକୁ ବ୍ୟଙ୍ଗ କରି ହସିବା ଦ୍ୱାରା ତାହା ପ୍ରାଣଘାତକ ହୋଇଥାଏ। କାରଣ ଯାହାକୁ ଲକ୍ଷ୍ୟ କରି କିମ୍ବା ବିଦ୍ରୁପ କରି ମଣିଷ ହସିଥାଏ ସିଏ ପ୍ରତିହିଂସାର ବହ୍ନିରେ ହସିଥିବା ବ୍ୟକ୍ତିକୁ ଜାଳି ପୋଡି ଦେଇଥାଏ। ଥରେ ରାଜା ଦୁର୍ଯ୍ୟୋଧନ ରାଜପ୍ରାସାଦ ମଧ୍ୟରେ ଚାଲୁଚାଲୁ ତାଙ୍କ ପାଦ ଖସିଗଲା ଯାହାକୁ ଦେଖି ରାଣୀ ଦ୍ରୌପଦୀ ହସି ଦେଲେ ଆଉ ତାଙ୍କ ପାଟିରୁ ବାହାରି ଗଲା 'ଅନ୍ଧ ପୁତ୍ର ଅନ୍ଧ' ଯେଉଁଥିପାଇଁ ତାଙ୍କୁ ଭବିଷ୍ୟତରେ ବହୁମୂଲ୍ୟ ଦେବାକୁ ପଡିଥିଲା।

ଅନ୍ୟପକ୍ଷରେ ଅନେକ ସମୟରେ ଆମକୁ ଶୁଖିଲା ହସ ହସିବାକୁ ପଡିଥାଏ। କେଉଁଠି ନିଜର ଦୁଃଖକୁ ଚାପି ଅନ୍ୟ ଆଗରେ ନିଜକୁ ଖୁସି ପ୍ରମାଣିତ କରିବା ପାଇଁ ହେଉ କିମ୍ବା ନିଜର ଉପରିସ୍ଥ କର୍ମଚାରୀ ଏବଂ ଉଚ୍ଚପଦସ୍ଥ ବ୍ୟକ୍ତିବିଶେଷକୁ ଖୁସି କରିବା ପାଇଁ ତାଙ୍କ ହସରେ ତାଳ ଦେଇ ହସିବା ପାଇଁ ଅନେକ ଲୋକ ଉଚିତ ମଣିଥାଆନ୍ତି ଯାହାକୁ ନିଜ ଇଚ୍ଛା ବିରୁଦ୍ଧରେ ହସିବା ଭାବେ ଉଲ୍ଲେଖ କରାଯାଇ ଥାଏ। ସବୁଠୁ ବଡ କଷ୍ଟ ହେଉଛି ମାୟାବୀ ହସ। ଯାହାର ଅର୍ଥ ହେଉଛି ଅନ୍ୟମାନଙ୍କ ଖୁସିରେ ଖୁସିହୋଇ ହସି ଖେଳି ସେମାନଙ୍କ ପାଖରୁ ଉକ୍ତ ସୁଖର କାରଣ ଖୋଜିବା। ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଦୁଃଖି କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବା। ଯାହାକୁ ସରଳ ଭାବରେ କୁହାଯାଏ ଉପରେ 'ହସି ଭିତରେ ଅସି' ଅର୍ଥାତ୍ ହସହସ ମୁହଁ ପ୍ରଚ୍ଛଦରେ ଥାଏ ଖଣ୍ଡା, ଯାହାଦ୍ୱାରା ଅନ୍ୟର ସୁଖ ସ୍ୱାଚ୍ଛନ୍ଦ୍ୟକୁ ସିଏ ବିନଷ୍ଟ କରିବା ପାଇଁ ପ୍ରୟାସ କରୁଥାଏ। ତେଣୁ ହସ ଯଦି ନିଜର ଖୁସି ସହିତ ଅନ୍ୟମାନଙ୍କ ଖୁସିର ସନ୍ତକ ହୋଇ ପାରିବ ତାହେଲେ ଏହାର ମହତ୍ତ୍ୱ ବହୁଗୁଣିତ ହୋଇ ପାରିବ। ତେବେ ଅନ୍ୟ ଦୁଃଖରେ ହସିବା କିମ୍ବା ହସିବା ଛଳରେ ଅନ୍ୟକୁ ବିଦ୍ରୁପ କରିବା କିମ୍ବା ହସରେ ସାମିଲ ହୋଇ ପରଛିଦ୍ର ଖୋଜିବା ଶାସ୍ତ୍ରାନୁଯାୟୀ ବର୍ଜନୀୟ। ଯେମିତି କାନ୍ଦିଲେ ମଣିଷର ଅନେକ ଦୁଃଖ ଯନ୍ତ୍ରଣା ପରିପ୍ରକାଶ ହେବା ସହିତ ତାହା ଉପଶମ ହୋଇଯାଏ ସେହିଭଳି ହସିଲେ ମଣିଷର ଆୟୁ ବହୁଗୁଣିତ ହୋଇଯାଏ ବୋଲି ଚିକିତ୍ସାବିଜ୍ଞାନୀ ମାନଙ୍କର ମତ। ହସହସ ମୁହଁ ମଧ୍ୟ ଅନ୍ୟମାନଙ୍କୁ ଆକୃଷ୍ଟ କରିବାର ବଳିଷ୍ଠ ମାଧ୍ୟମ। କଂସର ଅଟ୍ଟହାସ୍ୟ ଆଗରେ ଶ୍ରୀକୃଷ୍ଣଙ୍କ ସ୍ମିତହାସ୍ୟ କାଳଜୟୀ ତଥା ଭୟକୁ ସାମ୍ନା କରିବାର ପ୍ରତୀକ ମାତ୍ର ତେଣୁ ଶଠେଶାଠ୍ୟଂ ସମୁହ୍ୟତେ ନ୍ୟାୟରେ ଅପରର ହସକୁ ମଧ୍ୟ ନିଜର ହସ ମାଧ୍ୟମରେ ସାମ୍ନା କରିବା ବଳିଷ୍ଠ ବ୍ୟକ୍ତିର ନମୁନା ମାତ୍ର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ପିଲାଙ୍କ ମହାଭାରତ-୩୪

## ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ପାଣ୍ଡବ ଭାଇ-୩



ନିତ୍ୟାନନ୍ଦ ପଣ୍ଡା



ଦୁର୍ଯ୍ୟୋଧନ କର୍ଣ୍ଣଙ୍କୁ ସାଥିରେ ଧରି ଧୃତରାଷ୍ଟ୍ରଙ୍କ ପାଖକୁ ଗଲେ। କହିଲେ – ପିତାଶ୍ରୀ! ଆମେ ଆମର ଗୁପ୍ତ ଯୋଜନାଟିକୁ କାର୍ଯ୍ୟକାରୀ କରିପାରିଲୁ ନାହିଁ। ସେମାନେ କେମିତି ହେଉ ଆଗରୁ ଜାଣିଗଲେ। ଆମ ଶତ୍ରୁ ଆମ ଅପେକ୍ଷା ବେଶୀ ଚତୁର। ବର୍ତ୍ତମାନ ଆମ ଆଗରେ ପଥ ଗୋଟେ। ଆମେ ସେମାନଙ୍କୁ ଏଇଠି ଶେଷ କରିଦେବୁ। ନୋହିଲେ ଆମେ ଚିରଦିନ ଭୋଗିବୁ। ମହାରାଜ! କ'ଣ କେମିତି କରିବୁ ଆମକୁ ଉପଦେଶ ଦେବା ହୁଅନ୍ତୁ।

ଧୃତରାଷ୍ଟ୍ର କହିଲେ – ତୁମେ ଯାହା କହୁଚ ଅବଶ୍ୟ ସତ, ତେବେ ତୁମେ କ'ଣ କେମିତି ଭାବିଚ, ମୋ ଆଗରେ ପ୍ରଥମେ ପ୍ରକାଶ କର।

ଦୁର୍ଯ୍ୟୋଧନ ହତାଶ ଦିଶିଲେ। କହିଲେ- ବର୍ତ୍ତମାନ ପରିସ୍ଥିତି ଯାହା, କୌଣସି ନୂଆ ଯୋଜନା ମୋ ମୁଣ୍ଡରେ ପଶୁନି। ତେବେ ଗୋଟେ କଥା କରିପାରିବା। ପାଣ୍ଡବ ଭାଇମାନେ ଗୋଟିଏ ମାଆଠୁ ଜନ୍ମ ନେଇନାହାଁନ୍ତି। ସେମାନଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିପାରିବା। ଏବଂ ରାଜା ଦ୍ରୁପଦଙ୍କୁ ଘୁଷ୍‌ଦେଇ ଆମପଟକୁ ଆଣିପାରିବା।

"ସେ ଗୁଡାକ ବେକାର କଥା!" – କହିଲେ କର୍ଣ୍ଣ।

"ବେକାର କଥା! ହଉ! ଆମେ ବ୍ରାହ୍ମଣଙ୍କ ଜରିଆରେ ପାଣ୍ଡବଙ୍କ ପାଖକୁ ଖବର ପଠେଇବା ଯେ ସେମାନେ ହସ୍ତିନାପୁର ନଫେରନ୍ତୁ। କାହିଁକିନା ଏଠାରେ ସେମାନଙ୍କୁ ବିପଦ ଅପେକ୍ଷା କରିଛି।" – କହିଲେ ଦୁର୍ଯ୍ୟୋଧନ।

କର୍ଣ୍ଣ କହିଲେ- ଦୁର୍ଯ୍ୟୋଧନ ଯାହା କହିଲେ ତାକୁ କାର୍ଯ୍ୟକାରୀ କରିହେବ ନାହିଁ। ପାଣ୍ଡବ ଭାଇମାନେ ଏଠାରେ ଥିବାବେଳେ ଦୁର୍ବଳ ଥିଲେ। ସେତେବେଳେ କିଛି କରିପାରିଲ ନାହିଁ! ଏବେ ସେମାନେ ଶକ୍ତିଶାଳୀ। ଶୁଣ ମୁଁ ଯାହା କହୁଛି! ଆମେ ଅଚାନକ୍ ଦ୍ରୁପଦ ଓ ପାଣ୍ଡବମାନଙ୍କୁ ଆକ୍ରମଣ କରିବା। ଏବଂ ଶେଷ କରିଦେବା। ଏହା କ୍ଷତ୍ରିୟଧର୍ମ। ଲୁଚିଛପି ମାରିବା ସପକ୍ଷରେ ମୁଁ ନୁହଁ। ଏବେ ଯଦି ନକର, ପରେ ଶ୍ରୀକୃଷ୍ଣ ସେମାନଙ୍କ ସହ ଯୋଗ ଦେଇପାରନ୍ତି। ସେତେବେଳେ ଆଦୌ ପାରିବାନାହିଁ।

ଧୃତରାଷ୍ଟ୍ର ଶୁଣିଲେ ଅବଶ୍ୟ। ତେବେ କିଛି କହିଲେ ନାହିଁ। କୌଣସି ଯୋଜନା ତାଙ୍କୁ ଠିକ୍ ମନେହେଉନଥିଲା। ଅନ୍ୟ ଉପାୟ ନଦେଖି ସେ ଭୀଷ୍ମ ଓ ଦ୍ରୋଣଙ୍କୁ ଡକେଇପଠେଇଲେ।

ପାଣ୍ଡବ ଭାଇମାନେ ବଞ୍ଚିଥିବା ଓ ପାଞ୍ଚାଳ ରାଜକନ୍ୟାଙ୍କୁ ବିବାହ ହୋଇଥିବା ସମ୍ବାଦ ଶୁଣି ଭୀଷ୍ମ ଖୁସିଥିଲେ। ତାଙ୍କର ପରାମର୍ଶ ପଚରାଯିବାରୁ ସେ କହିଲେ- ସେମାନଙ୍କୁ ହସ୍ତିନାପୁରକୁ ସ୍ୱାଗତ କରାଯାଉ ଏବଂ ରାଜ୍ୟର ଅଧେ ଦିଆଯାଉ। ପ୍ରଜାମାନେ ମଧ୍ୟ ସେଇଆ ଚାହୁଁଛନ୍ତି। ଜଉଘର ଦୁର୍ଘଟଣା ସଂପର୍କରେ ତୁମନାମରେ କଳଙ୍କ ଲାଗିଛି। ସେମାନଙ୍କୁ ରାଜ୍ୟରୁ ଅଧେ ଦାନ କଲେ ସେ କଳଙ୍କ ଅନେକାଂଶରେ ଲୁଚିଯିବ। ଏହା ଛଡ଼ା ଅନ୍ୟ ଉପାୟ ଦିଶୁନାହିଁ।

ଦ୍ରୋଣ କହିଲେ – ଭୀଷ୍ମ ଯାହା କହିଲେ ମୋ ମତ ସେଇଆ। ଜଣେ ଦୂତଙ୍କୁ ପାଞ୍ଚାଳ ପଠାଯାଉ ଏବଂ ସେମାନଙ୍କୁ ସ୍ୱାଗତ କରାଯାଉ। ଯେତେ ଶୀଘ୍ର ହେବ। ସେପରି କଲେ ଭାଇମାନଙ୍କ ମଧ୍ୟରେ ଥିବା କନ୍ଦଳ ସମାଧାନ କରିହେବ।

ଦ୍ରୋଣଙ୍କ କଥା ଶୁଣି ରାଗିଗଲେ କର୍ଣ୍ଣ। ସେ କହିଲେ- ଦ୍ରୋଣ ସମସ୍ତ ସଂପଦ ଓ ସମ୍ମାନ ରାଜାଙ୍କ ଠାରୁ ପାଇଛନ୍ତି। କିନ୍ତୁ ବେକାର ପରାମର୍ଶ ଦେଉଛନ୍ତି। ତାଙ୍କର ପରାମର୍ଶ ଗ୍ରହଣୀୟ ନୁହଁ। ରାଜ୍ୟରୁ ଅଧେଦେବା କଥା ଉପରେ ରାଜା ଆଉଥରେ ଚିନ୍ତା କରନ୍ତୁ।

"ହେ ଦୁଷ୍ଟ! ତୁମେ ରାଜାଙ୍କୁ ଭୁଲ ପଥରେ ଯିବାପାଇଁ ପରାମର୍ଶ ଦେଉଛ। ଦେଖନ୍ତୁ ରାଜା, ସେପରି ନକଲେ ତୁମର ପୁତ୍ରମାନଙ୍କ ଉପରକୁ ବିପଦ ଆସିବା ନିଶ୍ଚିତ।"– କର୍ଣ୍ଣଙ୍କୁ ଉପଲକ୍ଷ୍ୟ କରି କହିଲେ ଦ୍ରୋଣ।

ଧୃତରାଷ୍ଟ୍ର, ବିଦୁରଙ୍କ ମତ କ'ଣ ବୋଲି ପଚାରିଲେ।

ବିଦୁର କହିଲେ – ଭୀଷ୍ମ ଓ ଦ୍ରୋଣଙ୍କର ଉଚିତ୍ ପରାମର୍ଶ ରାଜା ଗ୍ରହଣ କରନ୍ତୁ। ଯେଉଁମାନେ ଯୁଦ୍ଧ ପାଇଁ ପରାମର୍ଶ ଦେଉଛନ୍ତି ସେମାନେ ଭୁଲ୍ କରୁଛନ୍ତି। ରାଜା ଦ୍ରୁପଦ ଓ ତାଙ୍କର ଦୁଇପୁତ୍ର ଏବଂ କୃଷ୍ଣ ଓ ଯାଦବ ବୀରମାନେ ସେମାନଙ୍କର ସମର୍ଥକ। ଯୁଦ୍ଧରେ ସେମାନଙ୍କୁ ହରେଇବା କଷ୍ଟ। ଅତଏବ୍ ପରିବାରର ମୁଖ୍ୟ ଭୀଷ୍ମଙ୍କ ପରାମର୍ଶ ଗ୍ରହଣ କରାଯାଉ।

ପରିଶେଷରେ, ଧୃତରାଷ୍ଟ୍ର ରାଜିହେଲେ। ଏବଂ ବିଦୁରଙ୍କୁ ଦୂତ ଭାବେ ପଠେଇଲେ ପାଞ୍ଚାଳ।

ବିଦୁର ପାଞ୍ଚାଳରେ ପହଞ୍ଚିଲେ ଏବଂ ରାଜା ଦ୍ରୁପଦଙ୍କୁ, ରାଜା ଧୃତରାଷ୍ଟ୍ରଙ୍କ ମନୋଭାବ ସଂପର୍କରେ କହିଲେ।

ରାଜା ଦ୍ରୁପଦ ଧୃତରାଷ୍ଟ୍ରଙ୍କ ମନୋଭାବକୁ ସନ୍ଦେହ କଲେ। ତେବେ କହିଲେ- ତୁମେ ପାଣ୍ଡବ ଭାଇମାନଙ୍କୁ ପଚାର। ସେମାନେ ଯାହା ଚାହିଁବେ ସେଇଆ କର।

ସେଇଠୁ ବିଦୁର କୁନ୍ତୀଙ୍କୁ ଭେଟିଲେ। ସମସ୍ତ ବିଷୟ ତାଙ୍କୁ କହିଲେ।

କୁନ୍ତୀ କହିଲେ- ମହାରାଜାଙ୍କ କଥା ମୁଁ ବିଶ୍ୱାସ କରିପାରୁନି। ତେବେ ତୁମେ ଯେତେବେଳେ କହୁଛ, ମୁଁ ବିଶ୍ୱାସ କରୁଛି। ତୁମେ ମୋର ପୁଅମାନଙ୍କ ଜୀବନ ରକ୍ଷା କରିଛ। ତୁମ କଥାକୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ।

ବିଦୁର ଆଶ୍ୱାସନା ଦେଲେ- ଜଉଘର ଭଳି ଦୁର୍ଘଟଣା ଆଉ ଘଟିବ ନାହିଁ। ତୁମର ପୁଅମାନେ ଶାନ୍ତିରେ ରହିବେ।

ପରିଶେଷରେ, ବିଦୁର ସେମାନଙ୍କୁ ସାଥିରେ ଧରି ହସ୍ତିନାପୁର ଆସିଲେ।

ହସ୍ତିନାପୁରର ପ୍ରଜାମାନେ ପାଣ୍ଡବ ଭାଇମାନଙ୍କୁ ସ୍ୱାଗତ ଜଣେଇଲେ। ଧୃତରାଷ୍ଟ୍ର ନିଜର ନିଷ୍ପତ୍ତି ଅନୁସାରେ ପାଣ୍ଡବ ଭାଇମାନଙ୍କୁ ରାଜ୍ୟର ଅର୍ଦ୍ଧେକ ଦାନ କଲେ ଓ ଯୁଧିଷ୍ଠିରଙ୍କୁ ରାଜା ଭାବେ ଅଭିଷିକ୍ତ କଲେ।

ଯୁଧିଷ୍ଠିରଙ୍କୁ ଆଶୀର୍ବାଦ କରି ଧୃତରାଷ୍ଟ୍ର କହିଲେ – ଶୁଣ ଯୁଧିଷ୍ଠିର! ମୋର ସାନଭାଇ ପଣ୍ଡୁ ଏହି ରାଜ୍ୟକୁ ଉନ୍ନତ ଓ ସମୃଦ୍ଧ କରିଥିଲେ। ତୁମକୁ ରାଜା ଭାବେ ଦେଖି ସେ ସ୍ୱର୍ଗରେ ଖୁସି ହେଉଥିବ। ମୋର ପୁଅମାନେ ଦୁଷ୍ଟ ଓ ଗର୍ବୀ। ତୁମେ ଏକାଠି ରହିପାରିବନାହିଁ। ତେଣୁ ଏହିପରି ସମାଧାନ ମୁଁ କରିଛି। ତୁମେ 'ଖାଣ୍ଡବପ୍ରସ୍ଥ'କୁ ଚାଲିଯାଅ। ତାହାକୁ ରାଜଧାନୀ କରି ଖୁସିରେ ରାଜ୍ୟ ଶାସନକର। ଆମର ପୂର୍ବପୁରୁଷ ପୁରୁରବା, ନହୁଷ ଓ ଯଯାତି ଖାଣ୍ଡବପ୍ରସ୍ଥକୁ ରାଜଧାନୀ କରି ରାଜ୍ୟ ଶାସନ କରୁଥିଲେ। ତୁମେ ମଧ୍ୟ ସେପରି କର ଓ ଖ୍ୟାତି ଅର୍ଜନ କର। ମୋର ଆଶୀର୍ବାଦ ତୁମ ଉପରେ ସର୍ବଦା ରହିଥିବ।

ପାଣ୍ଡବମାନେ ଖାଣ୍ଡବପ୍ରସ୍ଥକୁ ଚାଲିଗଲେ। ସେଠାରେ ପ୍ରାସାଦ ନିର୍ମାଣ କଲେ ଓ ଖାଣ୍ଡବପ୍ରସ୍ଥର ନୂଆ ନାମ ରଖିଲେ ଇନ୍ଦ୍ରପ୍ରସ୍ଥ। ଖୁବ୍‌ଶୀଘ୍ର ଇନ୍ଦ୍ରପ୍ରସ୍ଥ ଏକ ଉନ୍ନତ ରାଜଧାନୀରେ ପରିଣତ ହେଲା। ଏବଂ କୁନ୍ତୀଦେବୀ ଓ ଦ୍ରୌପଦୀଙ୍କ ସହ ସେମାନେ ଖୁବ୍ ଆନନ୍ଦରେ ସମୟ ବିତେଇଥିଲେ।

ଯୁଧିଷ୍ଠିର ଛତିଶ ବର୍ଷ ରାଜୁତି କରିଥିଲେ। ଶାସନକାଳ ମଧ୍ୟରେ କେଉଁେ ଧର୍ମପଥରୁ ବିଚ୍ୟୁତ ହୋଇନଥିଲେ।

(କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

# ଯାହା ବି ହେଉ ଗାଆଁର ନାଆଁ

କୀର୍ତ୍ତନ ସାହୁ



ଯାହାବି ହେଉ ଗାଆଁର ନାଆଁ
ସିଏ ତମର ପ୍ରିୟ
ତାହାରି ଭଲ କାମରେ ସାଥୀ
ମନଟି ତମ ଦିଅ ।

ତାହାରି ପାଣି ପବନ ପିଇ
ହୋଇଛ ତମେ ବଡ
ସେଇ ଗାଆଁର କୋଳରେ ତମେ
ଥିଲଟି ଦିନେ କଡ଼ ।

କେତେ ଯେ କଥା ଶିଖିଛ ତମେ
ତାହାରି କୋଳେ ବଢି
କେତେ ଯେ କାମ କରିଛ ତମେ
ପାଣି କାଦୁଏ ଜଡି ।

ଖେଳିଛ ତମେ ବୁଲିଛ ତମେ
ନାଚିଛ ପୁଣି କେତେ
ହସିଛ ତମେ କାନ୍ଦିଛ ତମେ
ରୁଷିଛ ପୁଣି ଯେତେ ।

ସବୁତ ତମ ଛାତି ଭିତରେ
ରହିଛି ଖୁନ୍ଦି ହେଇ
ଆଖି ଆଗରେ ନାଚି ଉଠିବ
ଭାବିଲେ ମନ ଦେଇ ।

ସଞ୍ଜ ହୋଇଲେ ପିଣ୍ଡାରେ ମାଆ
ପାରି ଦିଅନ୍ତି ସପ
ବୁଢୀମା ଠାରୁ ଶୁଣିଛ ତମେ
କେତେ ବଢିଆ ଗପ ।

ବାପାଙ୍କ ସାଥେ ଯାଇଛ ତମେ
ଜାନି ଯାତରା ବୁଲି
ଖେଳି ଖେଳିକା ମଜା କରିଛ
କାନ୍ଧରେ ତାଙ୍କ ଝୁଲି ।

ମାଆଙ୍କ ସାଥେ ଗାଆଁ ମନ୍ଦିର
ଯାଇଛ କେତେ ଥର
ଟିକେ କଥାରେ ମାଆ କାନିକୁ
ଜାବୁଡ଼ି ତମେ ଧର ।

ଗାଆଁର ନାଆଁ ଯାହା ବି ହେଉ
କେଡ଼େ ଆପଣା ଲାଗେ
ଗାଆଁର କଥା ପଡ଼ିଲେ କାହିଁ
ମନେ ପୁଲକ ଜାଗେ ।

ଗାଆଁ ପାଇଁକି କରିବା କାମ
ଶପଥ ନେବା ଆଜି
ମୋ' କଥାରେ କୁହ ହେ ସାଥୀ
ହେବ କି ନାହିଁ ରାଜି ?

ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ଦୂରଭାଷ-୯୪୩୮୪୧୪୭୦୧

# ଖରାଦିନ ଛୁଟି ଆସିଲା

ରାମଚନ୍ଦ୍ର ବେହେରା

ଖରାର ପ୍ରକୋପ ବଢ଼ିଲା
ଖରାଦିନ ଛୁଟି ଆସିଲା
ଟାଣ ଖରା ଆଉ ଝାଞ୍ଜି ପବନରେ
ଗମ ଗମ ଝାଳ ବୋହିଲା
ଖରାବେଳେ ଆମେ କେହିରେ
ବାହାରେ ବୁଲିବା ନାହିଁରେ
ଘରେ ବସି ଆମେ ନିଜ ପାଠ ବହି
ଅଭ୍ୟାସ କରିବା ଧ୍ୟାନରେ
ପଖାଳ ଭାତକୁ ଖାଇବା
ଦହି ତୋରାଣିକୁ ପିଇବା
ଖରା ନଇଁଗଲେ ପାଖ ପଡ଼ିଆରେ
ସାଙ୍ଗ ସାଥି ହୋଇ ଖେଳିବା
ତରଭୁଜ ଫଳ ଖାଇବା
ମାଠିଆ ପାଣିକୁ ପିଇବା
ଆଖୁରସ ଅବା ବେଲପଣା ପିଇ
ଦେହକୁ ଶୀତଳ ରଖିବା
ଖରାର ଯେତେକ ନିୟମ
କରିବା ତାହାକୁ ପାଳନ
ଗୁରୁ ଦେଇଥିବା ସାରା ବିଷୟକୁ
ଛୁଟିରେ କରିବା ପୂରଣ
ଖରା ନଇଁଗଲେ ସଂଜରେ
ପାଣି ଦେବା ଗଛ ମୂଳରେ
ପରିବାର ସହ ଖରାଦିନ ଛୁଟି
ବିତାଇବା ହସ ଖୁସିରେ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ଛଅ ଋତୁ

ସୁହଂସ ଭୋଇ

ଜ୍ୟେଷ୍ଠ ବଇଶାଖ ଟାଣଖରା ବେଳ
ଦାରୁଣ ନିଦାଘ କାଳ
ଦିବସ ବିଷମ ପରି ଲାଗେ ଗ୍ରୀଷ୍ମ
ଶୁଖିଯାଏ ନଈ ନାଳ

ଆଷାଢ଼ ଶ୍ରାବଣ ବରଷାର ଦିନ
ମେଘ କରେ ଗରଜନ
ଉଜୁଡ଼ା ଜମିରେ ବେଉଷଣ କରି
ଚାଷୀ ବୁଣିଦିଏ ଧାନ

ହରଷେ ମରତେ ଶରତ ପ୍ରବେଶେ
ଭାଦ୍ରବ ଆଶ୍ୱିନ ସାଥେ
ନଈପଠା ଧାରେ କାଶତଣ୍ଡୀ ହସେ
ପୂଜା ପାରବଣ କେତେ

ପବିତ୍ର କାର୍ତ୍ତିକ ପୁଣ୍ୟ ମାର୍ଗଶୀର
ହେମନ୍ତ ନେଇକି ଆସେ
ଆକାଶ ବିମଳ ଜଳ ନିରିମଳ
କାଚକେନ୍ଦୁ ପରି ଦିଶେ

ପୌଷ ମାଘ ମାସ ଓହ୍ଲାଇ ଆସନ୍ତି
ଧରାଧରି ହୋଇ ହାତ
ଶୀତ ସକାଳରେ ଘାସ ଗାଲିଚାରେ
ଝରଇ ତୁଷାରପାତ

ଫାଲ୍‌ଗୁନ ଚଇତ୍ର ସହିତେ ବସନ୍ତ
ଅନ୍ତେ ହେଲେ ବିରାଜିତ
ମିଠା ଲାଗେ ଆମ୍ବ ବଉଳ ବାସନା
ଶୀତଳ ମଳୟ ବାତ ।

ପହଣ୍ଡି, ବିଜେପୁର, ବରଗଡ଼
ମୋ-୯୪୩୭୫୨୨୪୫୫

# ନାତିଆ ଟୋକା

ସୁରମା ମିଶ୍ର



ଆଇ ମା ଡାକେ ଶୁଣରେ ନାତିଆ
ଥଣ୍ଡା ମେସିନଟା ଖୋଲ
ଦେହରୁ ମୋହର ବୋହି ଯାଉଅଛି
ଗମ୍ ଗମ୍ ହୋଇ ଝାଳ ॥

ଥଣ୍ଡାପାଣି ରଖା ବାକସରୁ ଆଣ
ମୋ ପାଇଁ ଗିଲାସେ ପାଣି
ଅସହ୍ୟ ଗରମ ସହି ହେଉନାହିଁ
ତଣ୍ଟିଟା ଶୁଖି ଗଲାଣି ॥

ଆଇ କଥା ଶୁଣି ହସିହସି ନାତି
କହିଲା ଆଇ ଲୋ ଶୁଣ
ଥଣ୍ଡା ମେସିନ ତୁ ଯାହାକୁ କହୁଛୁ
ଏସି ଅଟେ ତାର ନାମ ॥

ଥଣ୍ଡାପାଣି ରଖା ବାକସ କହୁଛୁ
ତା ନାମ ଅଟେ ଲୋ ଫ୍ରିଜ୍
ଯାହା ନାମ ତୁହି ବୁଝି ପାରୁ ନାହୁଁ
ମୋ ପାଖରୁ ଆସି ବୁଝ୍ ॥

ଆଇ କହେ ନାତି ଆମ କାଳେ ପରା
ନଥିଲା ଏ ସବୁ କିଛି
କିପରି ଜାଣିବି ନାଆଁ ମୁଁ ତାହାର
ମୁଣ୍ଡ ମୋ ଘୁରି ଯାଉଛି ॥

ଆମ ବେଳେ ଥିଲା ବେଣା ଚେର ପଙ୍ଖା
ବାସ ପବନ ସେ ଦିଏ
ସେ ପବନ ବାଜି ଦେହରେ ଆମର
ଆଖିପତା ପଡ଼ିଯାଏ ॥

ମାଠିଆରେ ପାଣି ରଖୁଥିଲୁ ଛାଣି
ପିଇ ଦେଲେ ପେଟ ଥଣ୍ଡା
ଖାଇବାକୁ କରୁ ପାଣିରେ ସିଝାଇ
ଛେନାପୁର ଦିଆ ମଣ୍ଡା ॥

ତେଲ ମସଲାଠୁ ଦୂରେଇ ରହୁରେ
ଖାଉ ସିଝା ପୋଡ଼ାପୋଡ଼ି
ଶୁଖୁଆ ପୋଡାକୁ ଟିକେ ଚାଟି ଦେଲେ
ଭାତଗୁଣ୍ଡା ନିଏ ତଡ଼ି ॥

କାହୁଁ ବୁଝିବରେ ତୁମେ ତାର ମଜା
ତୁମେ ତ ଏ ଯୁଗ ପିଲା
ବିଦେଶୀ ଖାଇବା ଖାଇଖାଇ ତୁମ
ଦେହ ହୋଇଲାଣି ପୋଲା ॥

କଥା ମୋର ମାନ ମାନରେ ମୋ କଥା
ଖାଅ ଏବେ ଦେଶୀ ଖାଦ୍ୟ
ଯାହା ହୋଇଲେ ବି ପାଇବାନି ଆମେ
ଆମ ମାଟି ଖାଦ୍ୟ ସ୍ୱାଦ ॥

ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

# ସବୁଜ ଦିଶିବ ଆମ ଧରଣୀ ରାଣୀ

ଜଗଦୀଶ ସାହୁ



ପଳାଶ ଫୁଲର ରୂପ ମନ ଲୁଟିଲା
ଟାଣ ଖରାଖାଇ ମାଟି ମାଆ ଫାଟିଲା
ନର ପଶୁ ପକ୍ଷୀ ସବୁ ଖୋଜିଲେ ଛାଇ
ଛାଇ ଦେଖି ବସିଗଲା ବାଟୋଇ ଭାଇ
ଖସିଗଲା ଜଳସ୍ତର ତଳକୁ ତଳ
ଜଳ ଟୋପେ ପାଇଁ ଜୀବଜନ୍ତୁ ବିକଳ
ଚଉଦିଗରେ ବହିଲା ଝଞ୍ଜାପବନ
ରୋଗୀ ବାଳ ବୃଦ୍ଧ ଅସ୍ତବ୍ୟସ୍ତ ଜୀବନ
ଦୁଆର ମୁହଁରେ ଅଂଶୁଘାତ ଆସିକି
ଗୋଇଠା ମାରିଲା ମଣିଷର ଛାତିକି
କାହିଁ ଗଲା ଶାନ୍ତି କିଏ ନେଲା ଚୋରାଇ
ଜଙ୍ଗଲ କାଟିବା ଫଳ ଦେଲା ଫେରାଇ
ଏବେଠାରୁ ସାବଧାନ ହୋଇବା ଆମେ
ଦଶ ଗଛ ଲଗାଇବା ନିଜର ନାମେ
ବାଡ଼ଦେଇ ତା' ମୂଳରେ ଢାଳିବା ପାଣି
ସବୁଜ ଦିଶିବ ଆମ ଧରଣୀ ରାଣୀ ।

ସଂଜପଡା, ହିନ୍ଦୋଳ,
ଢେଙ୍କାନାଳ-୭୫୯୧୨୮
ମୋ-୯୦୭୮୧୮୫୬୧୬





# ନାହିଁ ଆଉ ତୋଟା

ପ୍ରଶାନ୍ତ କୁମାର ଦାଶ

ତୋଟାର ପବନ ଗଛତଳ ଛାଇ
କି ସୁନ୍ଦର ସତେ ଆହା
ଭୁଲିପାରେ ନାହିଁ ବୁଢ଼ାବାଟୋଇଟି
ପାଏ ଯେଉଁ ସୁଖ ଯାହା ॥

ତୋଟାର ଗଛରେ ପକ୍ଷୀ ବାନ୍ଧେ ବସା
ଦୁଃଖ ଭୁଲି ଗାଏ ଗୀତ
କଟାଏ ସେଇଠି ଗିରିଷମ ଖରା
ବରଷା ବତାସ ଶୀତ ॥

ତୋଟାର ଗଛରେ ମିଠା ଆମ୍ବ ଫଳେ
ସଭିଏଁ ଖାଆନ୍ତି ବସି
ଭାରି ଭଲଲାଗେ ପବନ ପରଶେ
ଆମ୍ବ ଗଛୁ ଗଲେ ଖସି ॥

ଗାଈଜଗା ପିଲା ବଇଁଶୀ ବଜେଇ
ଗଛମୂଳେ ଗାଏ ଗୀତ
ଖେଳନ୍ତି ପିଲାଏ ଖୁସିରେ ତୋଟାରେ
ହେଇ ମେଳି ସାଥୀ ମିତ ॥

ବରଷା ଖସିଲେ ତୋଟା ଗଛସବୁ
ସହନ୍ତି ବରଷା ଦାଉ
ଭାଙ୍ଗିଦିଏ ଗଛ କାଳବଇଶାଖୀ
ଅଦିନେ ଦେଖାଇ ଭାଉ ॥

ଚରାବୁଲା ସାରି ଗୋରୁଗାଈ ଆସି
ତୋଟାରେ ପଡନ୍ତି ଶୋଇ
ଫଗୁଣେ କୋଇଲି ଗାଏ ମିଠା ଗୀତ
ହରଷେ ବିଭୋର ହୋଇ ॥

ଜହ୍ନର ଜୋଛନା ତୋଟା ଗଛ ଫାଙ୍କେ
ପଡିଯାଏ ହେଲେ ରାତି
ଅଜାତ କହନ୍ତି ମଧୁଝରା ଗପ
ପାଖରେ ବସାଇ ନାତି ॥

ଏବେ ସବୁ ତୋଟା ହେଲାଣିତ କଟା
ତିଆରି ହେବାକୁ ଘର
ଅଭାବ ହେଲାଣି ଛାଇ ଓ ପବନ
ଖରାବେଳେ ଲାଗେ ଡର ॥

କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ
ମୋ-୯୬୬୮୮୨୨୧୯୦

# ଜ୍ୟେଷ୍ଠ ମାସ ଆସି ପହଁଚିଲା

ନିରଞ୍ଜନ ସାହୁ



ବଇଶାଖ ମାସ ବିଦା ହେଲା
ଜ୍ୟେଷ୍ଠ ମାସ ଏବେ ଦେଖାଦେଲା
ରସାଳ ଶାଖାରେ କୋଇଲି ଗାଇଲା
ମୌସୁମୀ ଆସିବା ବାଟ ମେଲା ।

ଧୀରେ କମିଯିବ ଖରା ଦାଉ
ଗୁଲୁଗୁଳି ଟିକେ ହେବ ଆଉ
କାଉ କହୁଅଛି ହୋଇ ରାଉରାଉ,
ହେ ସୂର୍ଯ୍ୟ ! ଦେଖାଅ କେତେ ଭାଉ ?





ଉପରଓଳିକୁ ଟିକେ ଡର
ମେଘପବନ ଯେ ଭୟଙ୍କର
ବିଜୁଳି ଓ ଘଡଘଡ଼ି ପରଖର
କରକାପାତରେ ଥରହର ।

ଆମ୍ବ, ପଣସ ଯେ ପାଚିଯିବ
ଚହଟାଇ ମଲ୍ଲୀ ଫୁଟୁଥିବ
ନଦୀ ଗାଧୁଆରେ ଯଦି ପହଁରିବ
କୂଳରେ ସଅଳ ପହଞ୍ଚିବ

ସାବିତ୍ରୀ ବରତ ପୁଣି ରଜ
ଏଥିପାଇଁ ସର୍ବେ ହେବେ ସଜ
ଶୀତଳଷଷ୍ଠୀରେ ଶିବ ନାମ ଭଜ
ଦେବସ୍ନାନେ ପ୍ରଭୁ ବେଶ ଗଜ ।

ନିହଲ ପ୍ରସାଦ, ଗଁଡିଆ ପାଟଣା, ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

# ଶରୀରରେ ସୂର୍ଯ୍ୟୋଦୟ



ବିଜୟଲକ୍ଷ୍ମୀ ପାଣିଗ୍ରାହି



ସମସ୍ତେ ନିରବ ହେଲେ କେମିତି ହେବ? ଭାତ, ଡାଲି, ଭଜା ସହ ଚାଖଣା ପରି ଜୀବନରେ କୋଳାହଳ ଟିକେ ଦରକାର। ନାରଦ ପରି ସେତିକି କରାଇପାରିଲେ ପେଟ ଭୋକରେ ରହେନି। ଏମିତି ଭାବନାର ମଶାଟିଏ। କେତେ ଆଉ ଉଡ଼ିବୁଲୁଥିବ? କେଉଁଠୁ ପିଇବ ରକ୍ତ? ମଣିଷ ବୁଦ୍ଧିଆ ହୋଇ ନାନା ଔଷଧ, ମେସିନ ଆଉ ଧୂପକାଠି ବାହାର କରି ତାଙ୍କ ବଂଶ ଲୋପ କରିବାକୁ ବସିଲାଣି। ଏମିତିବି ଗୃହପାଳିତ ପଶୁ ତ ଆଉ ଘରେ ରଖୁନି, କାରଣ ମଣିଷ ରକ୍ତ ନହେଲେ ବି ଗାଈ ଗୋରୁଙ୍କ ରକ୍ତ ତ ଟିକେ ପାଟିରେ ବାଜନ୍ତା। ତା'ପରେ ଏ ମଣିଷର ହାତକୁ ମାନିବାକୁ ପଡିବ। ମସ୍ତିଷ୍କର କ୍ଷମତା ସାଙ୍ଗକୁ ଶରୀରର ସହଯୋଗିତା ଆଗରେ ସେ ହାର ମାନେ। କେବେ କେମିତି ଦେହରେ ବସିଲେ ଚଟ୍ କରି ଆକ୍ରମଣ କରେ ହାତ। ଯେମିତି ଭାରତ ଆକାଶରେ ସୁଦର୍ଶନ ପାକିସ୍ତାନୀମାନଙ୍କ ହଜାର ହଜାର ଡ୍ରୋନ୍‌କୁ ବିନାଶ କରିଥିଲା।

ଏବେ କିଛି ଗୋଟେ ଉପାୟ ପାଞ୍ଚିବାକୁ ହେବ। କଳେ ବଳେ କୌଶଳେ ତାକୁ ଏ ମଣିଷର ରକ୍ତ ପିଇବାକୁ ପଡିବ। ନହେଲେ ତା' ପ୍ରାଣବାୟୁ ଉଡିଯିବ ଯେ...। ମୁଣ୍ଡକୁ ଏକ ବୁଦ୍ଧି ଜୁଟିଲା। ଧୀରେ ଯାଇ ହାତ ଦେହରେ ଘଷି ହେଲା। ହାତ କହିଲା, 'ଆହା ବିଚରା ! ମୃତ୍ୟୁକୁ କାହିଁକି ଡାକିଲୁ?'

– ବିଚରା! ମୁଁ... ନା ତମେ? ହଁ ତୁମେ ମୋତେ ସବୁଥର ପରି ମାରି ଦେଇପାର। ହେଲେ ତମେ ପାଉଛ କ'ଣ? ଦିନରାତି ପାଦରୁ ମୁଣ୍ଡ ସମସ୍ତଙ୍କର ଯତ୍ନ ନେଉଛ। କିଏ ତମକୁ କାଣିଚାଏ ଗୁରୁତ୍ୱ ଦେଉଛି କହିଲ? କିଏ ପଦେ ପ୍ରଶଂସା କରିଛି ତୁମର?

ହାତ ଆଗରେ ଏବେ ଗୋଟେ ପରେ ଗୋଟେ ଦୃଶ୍ୟ ଭାସି ଉଠିଲା। ପାଟିକୁ ଖୋଇବା, ଦେହକୁ ଘଷିମାଜି ଦେବା, ମୁହଁକୁ ସଜେଇବା, ପିଠି କୁଣ୍ଡାଇବା, ମୁଣ୍ଡ କୁଣ୍ଡାଇବା, ରାତି ରାତି ସଚେତ ପ୍ରହରୀ ହୋଇ ରହିବା। ହେଲେ କେବେ କେହି ଜଣେ ତ ତା'ର କାର୍ଯ୍ୟର ପ୍ରଶଂସା କରିନାହାନ୍ତି। ଛାର ମଶାଟିଏ ହେଲେ କ'ଣ ହେବ। ତା' କାର୍ଯ୍ୟକୁ ଅନୁଧ୍ୟାନ କରିଛି। ମରଣକୁ ଖାତିର ନକରି ମୋତେ ସାହସର ସହିତ କହିପାରିଛି।

ହାତର ଚିନ୍ତା କରିବା ଦେଖି ମଶା ଠଉରେଇ ନେଲା, ଗୁଳି ଠିକ୍ ସ୍ଥାନରେ ବାଜିଛି। ଏହା ଭିତରେ ସେ ପେଟ ଉପରେ ବସିଲା। ଦେଖିଲା ହାତ ଭାବନାରେ ରହିଛି। ତେଣୁ ଆରମ୍ଭ କଲା ତା'ର ରକ୍ତ ଶୋଷିବା ଅଭିଯାନ। ମସ୍ତିଷ୍କ କଥା ନ ଶୁଣି ହାତ ମଶାକୁ ଚାହିଁଲା। ତାକୁ ନମାରି ମୁରୁକି ହସି ଦେଲା। ମଶା ମୁଣ୍ଡରେ ସୁନା ପାଗ। ସେ ଆରାମରେ ପେଟେ ରକ୍ତ ପିଇ ଚାଲିଗଲା। ଆଉ କିଛି ସମୟ ପରେ ଆଉ ଗୋଟେକୁ ସାଥିରେ ଆଣିଲା। ହାତର ମୁରୁକି ହସ ଦେଖି ସେ ଅନ୍ୟ ଭାଇ ବନ୍ଧୁଙ୍କୁ ବି ନିମନ୍ତ୍ରଣ କଲା।

ଏପଟେ ଦେହର ଯନ୍ତ୍ରଣା ଦେଖି ମସ୍ତିଷ୍କର ଚିନ୍ତା ବଢିଗଲା। ହାତକୁ ଯେତେ ବୁଝାଇଲେ ବୁଝୁନାହିଁ। ସବୁକାମ ବନ୍ଦ କରିଦେଇଛି। ଧୀରେ ଧୀରେ ଖାଦ୍ୟ ନପାଇ ଶରୀର ଦୁର୍ବଳ ହେବାକୁ ବସିଲା। ସେପଟେ ମଶାମାନଙ୍କର ପ୍ରାଦୁର୍ଭାବ ବଢ଼ିବାକୁ ଲାଗିଲା। ଏବେ ସେମାନେ ଆଉ ହାତ କଥା ମଧ୍ୟ ଚିନ୍ତା କଲେ ନାହିଁ। ହାତକୁ କାମୁଡ଼ିବା ଆରମ୍ଭ କଲେ। ହାତ ଏବେ ଦେଖିଲା ନିଜ ଉପରୁ ମଶା ମାରିବାକୁ ମଧ୍ୟ ତା' ଦେହରେ ଶକ୍ତି ନାହିଁ। ସେ କରୁଣ ଦୃଷ୍ଟିରେ ମସ୍ତିଷ୍କକୁ ଚାହିଁଲା।

– ଦେଖ ହାତ ! ଆମେ ସମସ୍ତେ ଶରୀରର ଗୋଟେ ଗୋଟେ ଅଙ୍ଗ। ପ୍ରତ୍ୟେକଙ୍କର ନିଜ ନିଜ ଦାୟିତ୍ୱ ରହିଛି। କାହାର ବେଶି ତ କାହାର କମ୍। ସମସ୍ତଙ୍କର ସହଯୋଗରେ ଶରୀର ସୁସ୍ଥ ରୁହେ। ଜଣେ ଅସହଯୋଗ କଲେ ବା ଆମ ଭିତରେ ଲଢେଇ ହେଲେ କ୍ଷତି ଶରୀରର ହୁଏ ଆଉ ଆମର ମଧ୍ୟ। ସହଯୋଗୀ ମନୋଭାବରେ ଉଦାର ହେଲେ ହିଁ ଆମେ ସମସ୍ତେ ସୁସ୍ଥ ରହିବା। ଛାର ମଶାର କଥାରେ ତୁମେ ବାଟ ହୁଡ଼ିବା ଠିକ୍ ହେଲାନି। ଦେଖ ତୁମ ପାଇଁ ଆଜି ଆମ ସମସ୍ତଙ୍କର ଅବସ୍ଥା କ'ଣ?

ହାତ ଆଖି ଖୋଲି ଦେଖିଲା ତା'ର ଡାହାଣ ଡେଣାଟି ମଶାମୟ ହୋଇ ରହିଛି। ସବୁଶକ୍ତି ଠୁଳ କରି ଗୋଟେ ବାଉଁଆଁ ଚାପୁଡ଼ା ଦେଲା ଯେ ହୋଲିପରି ହାତଟା ରଙ୍ଗେଇ ଗଲା। ମଶାମାନଙ୍କର ହଂସା ଉଡ଼ିଗଲା।

'ଚାଲରେ...' କହି ଅନ୍ୟମାନେ ପ୍ରାଣ ବିକଳରେ ଉଡ଼ିଗଲେ। ରାତି ମାଡି ଆସୁଥିଲା ହେଲେ ଶରୀରରେ ଏବେ ଏକ ସୂର୍ଯ୍ୟୋଦୟ ହେଲା।

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

# ଧୋନୀଙ୍କ ପାଦ ଛୁଇଁଲେ ବୈଭବ ସୂର୍ଯ୍ୟବଂଶୀ



**ଜୟପୁର**

ରାଜସ୍ଥାନ ରୟାଲ୍ସର ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ମହେନ୍ଦ୍ର ସିଂହ ଧୋନୀଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇ ଆଇପିଏଲ ୨୦୨୫ ସିଜିନ ଶେଷ କରିଥିଲେ। ନୂଆଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ରାଜସ୍ଥାନ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ମୁହାଁମୁହିଁ ହୋଇଥିଲେ। ଏହା ଚଳିତ ସିଜିନରେ ରାଜସ୍ଥାନର ଶେଷ ମ୍ୟାଚ୍ ଥିଲା ଏବଂ ୧୪ ବର୍ଷୀୟ ବୈଭବ ଏହି ମ୍ୟାଚ୍‌ରେ ମଧ୍ୟ ନିଜର ଛାପ ଛାଡ଼ିବାରେ ସଫଳ ହୋଇଥିଲେ।

ମ୍ୟାଚ୍ ପରେ ଧୋନୀ ଏବଂ ବୈଭବ ପରସ୍ପରକୁ ଭେଟିଥିଲେ। ପରେ ବୈଭବ ମାହିଙ୍କ ପାଦ ଛୁଇଁଥିଲେ। ଧୋନୀତାଙ୍କୁ ଅଟକାଉ ଥିବାର ଦେଖାଯାଇଥିଲା। ବୈଭବ ଆଇପିଏଲରେ ଖେଳିଥିବା ସବୁଠାରୁ ଯୁବ ଖେଳାଳି ଏବଂ ସେ ତାଙ୍କର ପ୍ରଥମ ସିଜିନରେ ଚର୍ଚ୍ଚାରେ ଥିଲେ। ବୈଭବ ଏହି ସିଜିନରେ ୭ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ ଏବଂ ୨୦୬.୫୬ ଷ୍ଟ୍ରାଇକ ରେଟ୍ ଏବଂ ୩୬ ଆଭରେଜରେ ୨୫୨ ରନ କରିଥିଲେ। ମେଗା ନିଲାମରେ ରାଜସ୍ଥାନ ବୈଭବଙ୍କୁ କିଣିଥିଲା ଏବଂ ବ୍ୟାଟ୍‌ସମ୍ୟାନ ଦଳର ଆଶା ପୂରଣ କରିଥିଲେ। ତଥାପି ରାଜସ୍ଥାନ ଦଳ ପ୍ଲେଅଫରେ ପ୍ରବେଶ କରିପାରି ନ ଥିଲା ଏବଂ ଏହାର ଯାତ୍ରା ଗ୍ରୁପ୍ ପର୍ଯ୍ୟାୟରେ ହିଁ ଶେଷ ହୋଇଯାଇଥିଲା।

ବୈଭବ ଏବଂ ସଞ୍ଜୁ ସାମସନଙ୍କ ମଧ୍ୟରେ ୯୦+ ରନର ଭାଗୀଦାରି ବଳରେ, ରାଜସ୍ଥାନ ରୟାଲ୍ସ ଚେନ୍ନାଇ ସୁପର କିଙ୍ଗସକୁ ୬ ୱିକେଟରେ ପରାସ୍ତ କରିଥିଲା।

i-109

OFFICE OF THE PANCHAYAT SAMITI,
CUTTACK SADAR, CUTTACK

IDENTIFICATION No: - BLKCUTTACK SADAR -02/2025-26

**Short Notice**

Tender Call is invited from the intended class D, C or above for 7 nos of Civil Construction projects as mentioned in Bid identification no as above under Panchayat Samiti .Cuttack Sadar .Cuttack,PIN-753004 . For detailed information refer website https://cuttack.odisha.gov.in/ and www.tendersodisha.gov.in.

Sd/- Block Development Officer
Cuttack Sadar, Cuttack
OIPR-19304/11/0004/2526

# ଦିଲ୍ଲୀକୁ ୫୯ ରନ୍‌ରେ ହରାଇ ପ୍ଲେଅଫରେ ମୁମ୍ବାଇ

**ମୁମ୍ବାଇ**

ଆଇପିଏଲ୍ ୨୦୨୫ରେ ବୁଧବାର ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଉଛି। ସିଜିନର ୬୩ତମ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୫ ୱିକେଟ୍ ହରାଇ ୧୮୦ ରନ କରିଥିଲା। ସୂର୍ଯ୍ୟକୁମାର ଯାଦବ ୭୩ ରନର ଚିତ୍ତାକର୍ଷକ ଇନିଂସ ଖେଳିଥିବା ବେଳେ ନମନ ଧୀର ୨୪ ରନର ବିସ୍ଫୋରକ ଇନିଂସ ଖେଳିଛନ୍ତି। ରୋହିତ ଶର୍ମା ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବିଫଳ ହୋଇଥିଲେ।



ମୁମ୍ବାଇର ଆରମ୍ଭ ନିରାଶଜନକ ଥିଲା। ରୋହିତ ଶର୍ମା(୫) ପୁଣି ନିରାଶ କରିଛନ୍ତି। ୱିଲ ଜ୍ୟାକ୍ସ ୨୧ ରନ କରିଥିଲେ ହେଁ କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନଥିଲେ। ରିୟାଲ ରିକଲଟନ ୨୫ ରନ କରି ଆଉଟ୍ ହୋଇଛନ୍ତି। ମୁମ୍ବାଇ ୱିକେଟ୍ ହରାଇ ନ ଥିଲେ ବି ଦିଲ୍ଲୀ ବୋଲର ମାପଚୁପ ବୋଲିଂ କରି ମୁମ୍ବାଇ ବ୍ୟାଟରଙ୍କୁ ବଡ଼ ସଟ୍ ଖେଳିବାକୁ ଦେଇ ନ ଥିଲେ। ତେବେ ସୂର୍ଯ୍ୟକୁମାର ଓ ତିଲକ ବର୍ମା ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଉଭୟ ବ୍ୟାଟର ସତର୍କତାର ସହ ବ୍ୟାଟିଂ କରି ଚତୁର୍ଥ ୱିକେଟ୍ ପାଇଁ ୫୫ ରନ ଯୋଡ଼ି ଦଳର ସ୍କୋରକୁ ୧୧୩ ରନରେ ପହଞ୍ଚାଇଥିଲେ।

ତେବେ ତିଳକ ବର୍ମା ୨୭ ବଲରୁ ୨୭ ରନ ଆଉଟ୍ ହୋଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୫ ରନ କରିଥିଲେ। ଅନ୍ୟପଟେ ସୂର୍ଯ୍ୟକୁମାର ଯାଦବ ଅର୍ଦ୍ଧଶତକୀୟ ଇନିଂସ ଖେଳି ଗୋଟିଏ ପଟେ ମୋର୍ଚ୍ଚା ସମ୍ଭାଳିଥିଲେ। ତେବେ ଶେଷ ଦୁଇ ଓଭରରେ ସୂର୍ଯ୍ୟ ଓ ନମନ ଧୀର ବିସ୍ଫୋରକ ବ୍ୟାଟିଂ କରି ୪୮ ରନ ସଂଗ୍ରହ କରିଥିଲେ। ୧୯ତମ ଓଭରରେ ୨୭ ରନ ଓ ୨୦ତମ ଓଭରରେ ୨୧ ରନ କରି ମୁମ୍ବାଇ ୫ ୱିକେଟ୍ ହରାଇ ୧୮୦ ରନର ଚ୍ୟାଲେଞ୍ଜିଂ ସ୍କୋର କରିପାରିଥିଲା।

ଜବାବରେ ଦିଲ୍ଲୀ ମୁମ୍ବାଇ ବୋଲରଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ୧୮.୨ ଓଭରରେ ୧୨୧ ରନରେ ଅଲଆଉଟ୍ ହୋଇଥିଲା। ବୋଲିଂରେ ମିଚେଲ୍ ସାଣ୍ଟନର ଓ ଯଶପ୍ରୀତ ବୁମ୍‌ରା ୩ଟି ଲେଖାଏଁ ୱିକେଟ୍ ନେଇ ଦଳକୁ ସହଜ ବିଜୟ ଦେଇଛନ୍ତି।

ଫଳରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୫୯ ରନରେ ହରାଇଲା ମୁମ୍ବାଇ ଇଣ୍ଡିଆନ୍ସ। ଅଷ୍ଟମ ମ୍ୟାଚ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ଚତୁର୍ଥ ଦଳ ଭାବେ ଆଇପିଏଲ୍ ୨୦୨୫ର ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ମୁମ୍ବାଇଠୁ ହାରି ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ଏହା ପୂର୍ବରୁ ଗୁଜରାଟ, ବେଙ୍ଗାଲୁରୁ ଓ ପଞ୍ଜାବ ପ୍ଲେ ଅଫ୍‌ରେ ପ୍ରବେଶ କରି ସାରିଛନ୍ତି।

# ବିସିସିଆଇ ଆଣିଲା ନୂଆ ପ୍ଲାନ୍ : ବର୍ଷା ଆସିଲେ ବି ଆଇପିଏଲ୍ ଉପରେ ପଡ଼ିବନି ପ୍ରଭାବ

**ନୂଆଦିଲ୍ଲୀ**

ଶେଷ ଆଡ଼କୁ ମୁହାଁଇଛି ଆଇପିଏଲ୍। ଲିଗ୍ ପର୍ଯ୍ୟାୟର କେବଳ ବାକି ଅଛି କିଛି ମ୍ୟାଚ୍। ଏହାପରେ ଆରମ୍ଭ ହେବ ପ୍ଲେଅଫ୍ ମ୍ୟାଚ୍। କିନ୍ତୁ ମ୍ୟାଚ୍ ସମୟରେ ଅନେକ ସ୍ଥାନରେ ପ୍ରବଳ ବର୍ଷା ହେଉଛି। ଯେଉଁ କାରଣରୁ ଆଇପିଏଲ ମ୍ୟାଚ୍ ହୋଇପାରୁନି। ଚଳିତ ବର୍ଷ ଏପର୍ଯ୍ୟନ୍ତ ଆଇପିଏଲରେ ତିନୋଟି ମ୍ୟାଚ୍ ବର୍ଷା ଯୋଗୁଁ ଧୋଇ ଯାଇଛି। ଯାହା ଟିମ୍ ଉପରେ ପକାଇଛି ବହୁତ ଖରାପ ପ୍ରଭାବ। ଏନେଇ ବିସିସିଆଇ ଏକ ନୂଆ ଯୋଜନା ପ୍ରସ୍ତୁତ କରିଛି। ବିସିସିଆଇ ପ୍ଲାନ୍ ଅନୁଯାୟୀ ବର୍ଷା ହେଲେ ବି ମ୍ୟାଚ୍ ଉପରେ ପଡିବନି କୌଣସି ପ୍ରଭାବ। ଏଥିପାଇଁ ପୂରା ପ୍ରୟାସ କରାଯାଉଛି।

ଆଇପିଏଲ ୨୦୨୫ର ଲିଗ୍ ପର୍ଯ୍ୟାୟ ୨୭ ମଇରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହାପରେ କ୍ୱାଲିଫାୟର, ଏଲିମିନେଟର ଏବଂ ଫାଇନାଲର ମ୍ୟାଚ୍ ଖେଳାଯିବ। ଏହାର ଅର୍ଥ ହେଉଛି ଆଗାମୀ ଦିନରେ ମ୍ୟାଚ୍‌ଗୁଡ଼ିକର ଗୁରୁତ୍ୱ ବୃଦ୍ଧି ପାଇବ। କିନ୍ତୁ ଯଦି ମ୍ୟାଚ୍ ପାଇଁ ବାଧା ସାଜିବ ବର୍ଷା ତେବେ ଟିମ୍‌ଗୁଡିକ ଅସୁବିଧାରେ ପଡ଼ିବେ। ଏପରିସ୍ଥିତିରେ ବିସିସିଆଇ ଏହାକୁ ଏଡ଼ାଇବା ପାଇଁ ଏକ ଉପାୟ ଖୋଜି ପାଇଛି। ଆଇପିଏଲ ନିୟମ ଅନୁଯାୟୀ, ଯଦି ବର୍ଷା ହୁଏ ତେବେ ମ୍ୟାଚ୍ ବନ୍ଦ ହୋଇଯାଉଥିଲା। ଏଥିପାଇଁ ୬୦ ମିନିଟ୍ ଅତିରିକ୍ତ ସମୟ ରଖାଯାଇଥିଲା, କିନ୍ତୁ ଏବେ ଏହାକୁ ୧୨୦ ମିନିଟ୍‌କୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ଅତିରିକ୍ତ ସମୟ ୬୦ ମିନିଟ୍‌କୁ ଦ୍ୱିଗୁଣିତ କରାଯାଇଛି। ପ୍ଲେଅଫ୍ ପୂର୍ବରୁ ୧୨୦ ମିନିଟ୍‌ର ଅତିରିକ୍ତ ସମୟ ସୀମା ରହିଛି । ଯାହା ନୂଆ କାର୍ଯ୍ୟସୂଚୀ ଘୋଷଣା ନ ହେବା ପର୍ଯ୍ୟନ୍ତ ସେହିପରି ରହିବ।

ବିସିସିଆଇ ପକ୍ଷରୁ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଏହି ନିୟମ ୨୦ ମଇ ଅର୍ଥାତ୍ ମଙ୍ଗଳବାର ଠାରୁ କାର୍ଯ୍ୟକାରୀ ହୋଇଛି। ଏପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପାଇଁ କଟଅଫ୍ ସମୟ ରାତି ୧୦:୫୬ ଥିଲା, ଯାହାକୁ ଏବେ ରାତି ୧୧:୫୬ କରାଯାଇଛି। ଅର୍ଥାତ୍ ଯଦି ବର୍ଷା ଯୋଗୁଁ କୌଣସି ମ୍ୟାଚ୍ ବାତିଲ ହୁଏ, ତେବେ ଏହାର ଆନୁଷ୍ଠାନିକ ଘୋଷଣା ସେହି ସମୟରେ ହିଁ କରାଯିବ। ଏହା ପୂର୍ବରୁ ମ୍ୟାଚ୍ ଆୟୋଜନର ସମସ୍ତ ସମ୍ଭାବନା ଅନୁସନ୍ଧାନ କରାଯିବ। ଯଦି ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ମ୍ୟାଚ୍ ଖେଳାଯାଇପାରିବ ନାହିଁ, ତେବେ ପ୍ରତି ଦଳ ଅତିକମ୍‌ରେ ୫ ଓଭର ଖେଳାଯିବା ଉଚିତ ବୋଲି ପୂର୍ବରୁ ନିଷ୍ପତ୍ତି ନିଆଯାଇଛି। ଯଦି ଏତେ ମ୍ୟାଚ୍ ମଧ୍ୟ ସମ୍ଭବ ନହୁଏ ତେବେ କେବଳ ଏହାକୁ ବାତିଲ କରାଯାଏ।

# ଭାରତ ବିରୋଧରେ ପୁଣି ବିଷ ଓଗାଳିଲେ ଶାହିଦି ଆଫ୍ରିଦି

**ଇସଲାମାବାଦ୍**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିନାମା ପରେ ମଧ୍ୟ ପୂର୍ବତନ ପାକିସ୍ତାନୀ କ୍ରିକେଟର ଶାହିଦି ଆଫ୍ରିଦି ଭାରତ ବିରୋଧରେ ନିରନ୍ତର ପ୍ରଚାର ଚଳାଇଛନ୍ତି। ଏହି ସମ୍ପର୍କରେ ଆଫ୍ରିଦ ଏକ ନୂତନ ଭିଡିଓ ସେୟାର କରିଛନ୍ତି, ଏଥିରେ ସେ ଦାବି କରୁଛନ୍ତି, ସେ ଯେଉଁ ସ୍ଥାନରେ ଠିଆ ହୋଇଛନ୍ତି ତାହା ଏକ ହସ୍ପିଟାଲ ଥିଲା ଏବଂ ଭାରତୀୟ ସେନା ଏଠାରେ ଆକ୍ରମଣ କରିଥିଲା। କିନ୍ତୁ ତାଙ୍କର ମିଛ ଏହି ଭିଡିଓରେ ଧରାପଡ଼ିଗଲା।



ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତୀୟ ସେନା ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା ଏବଂ ମେ ୭ରେ ପାକିସ୍ତାନ ଏବଂ ପିଓକେରେ ୯ଟି ଆତଙ୍କବାଦୀ ଶିବିର ଉପରେ ବିମାନ ଆକ୍ରମଣ କରିଥିଲା। ଏହା ପରେ ସେନା ଏହି ସୂଚନା ସମସ୍ତଙ୍କ ସହିତ ଶେୟାର କରିଥିଲା ଏବଂ କହିଥିଲା ଯେ ପାକିସ୍ତାନୀ ସେନା କିମ୍ବା ସେଠାରେ ଥିବା ସାଧାରଣ ଲୋକଙ୍କର କୌଣସି କ୍ଷତି ହୋଇନାହିଁ। କିନ୍ତୁ ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ ପରେ ମଧ୍ୟ ପାକିସ୍ତାନୀ ସେନା ସୀମାରେ ନିରନ୍ତର ଗୁଳିମାଡ଼ ଆରମ୍ଭ କରିଦେଇଥିଲା, ଯାହା ଦର୍ଶାଉଛି ଯେ ପାକିସ୍ତାନ ନିଜ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି। ଏହି ସମୟ ମଧ୍ୟରେ ଶାହିଦ ଆଫ୍ରିଦି ମଧ୍ୟ ଭାରତ ବିରୋଧରେ ବିଷ ଓଗାଳି ଚାଲିଥିଲେ ଏବଂ ମିଥ୍ୟା ପ୍ରଚାର ପ୍ରସାର କରିଥିଲେ।

ଭାଇରାଲ ହେଉଥିବା ଶାହିଦ ଆଫ୍ରିଦିଙ୍କ ଭିଡିଓରେ ସେ ଏକ କୋଠାରେ ପ୍ରବେଶ କରୁଥିବାର ଦେଖାଯାଉଛି। ଏହାକୁ ଦେଖିଲେ, ଏଠାରେ ଆକ୍ରମଣ ହୋଇଥିବା ସ୍ପଷ୍ଟ ହୁଏ। କାନ୍ଥରେ ଗୁଳି ଚିହ୍ନ ମଧ୍ୟ ଦୃଶ୍ୟମାନ। ଜଣେ ବ୍ୟକ୍ତି ସେମାନଙ୍କୁ କହୁଛନ୍ତି, ଏହା ଏକ ହସ୍ପିଟାଲ ଥିଲା ଏବଂ ଦେଖନ୍ତୁ ଆକ୍ରମଣ ପରେ ଏହା କିପରି ନଷ୍ଟ ହୋଇଗଲା। ଏହା ଉପରେ ଆଫ୍ରିଦି କୁହନ୍ତି, ଏଠାରେ ପ୍ରମାଣ ଅଛି। ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ଆମ ହସ୍ପିଟାଲରେ କରାଯାଇଥିଲା।

ଯଦିଓ ପାକିସ୍ତାନ ଏବଂ ସେମାନଙ୍କ ପରି ଲୋକଙ୍କଠାରୁ ସତ୍ୟ ଆଶା କରାଯାଇ ପାରିବ ନାହିଁ, କିନ୍ତୁ ଏହି ଭିଡିଓରେ ଲୋକମାନେ ତାଙ୍କ ମିଛ ଧରିପାରିଲେ। ଭାଇରାଲ ଭିଡିଓରେ ୟୁଜର୍ସ ପଚାରିଛନ୍ତି, ସେଠାରେ ରଖାଯାଇଥିବା ବିଛଣା, ହ୍ୱିଲଚେୟାର ଏବଂ କାନ୍ଥରେ ପୋଷ୍ଟର ନୂଆ କାହିଁକି ? ଏହାର ଅର୍ଥ ହେଉଛି ଯଦି ଆକ୍ରମଣରେ ସବୁକିଛି ନଷ୍ଟ ହୋଇଗଲା ତେବେ ଏସବୁ ନୂଆ କାହିଁକି ?

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ବଡ଼ ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦଶମ ଶ୍ରେଣୀ ମାଟ୍ରିକ ପରୀକ୍ଷାରେ ଏ ୱାନ ଗ୍ରେଡ଼ ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁ ଯୋଗଦେଇ ଶିଶୁ ଭାଇ ଭଉଣୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ଡକ୍ଟର ନିରଞ୍ଜନ ବିଶ୍ୱାଳ ଯୋଗଦେଇ ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ। ପରିଚାଳନା ସମିତିର ସଭାପତି ଈଶ୍ୱର ଚନ୍ଦ୍ର ନନ୍ଦ ସଭାପତିତ୍ୱ କରିଥିଲେ କ୍ଷ ପ୍ରାଣ ନାଥ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ମାନେ ହେଲେ ସ୍ୱୟଂକାନ୍ତ ମିଶ୍ର, ଅନନ୍ୟା ସୁଭଦର୍ଶିନୀ, ନବନୀତା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ବିଦ୍ୟାମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ରାଜ୍ୟ ସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଫାଇନାଲ : ଆୟୁଷ ଚାମ୍ପିଅନ, ଜଗଦିଶ ରନର୍ସ

**ଫୁଲବାଣୀ**

ଫୁଲବାଣୀ କନ୍ଧମାଳ ଷ୍ଟାଡ଼ିଅମ୍ ପରିସରରେ ଥିବା ଇନ୍‌ଡୋର ଷ୍ଟାଡିଅମରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ୟୋନେକ୍ସ ସନରାଇଜ ଓସବା ଅଲ ଓଡ଼ିଶା ସିନିଅର ର୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଫାଇନାଲ ଖେଳ ଶେଷ ହୋଇଯାଇଛି। କନ୍ଧମାଳ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନର ଆୟୋଜନରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଅନୁଗୁଳ ଜିଲ୍ଲାର ଆୟୁଷ ଦାସ୍ ସିଙ୍ଗଲ୍ସ ଚମ୍ପିଅନ ଭାବରେ ବିବେଚିତ ହୋଇଥିବା ବେଳେ ଖୋର୍ଦ୍ଧାର କାଲାଗା ଜଗଦିଶ ରନର୍ସ ବିବେଚିତ ହୋଇଛନ୍ତି।



ସେହିପରି ମହିଳା ସିଙ୍ଗଲ୍ସ ଚାମ୍ପିଅନ ଭାବରେ ସିନ୍ଦରଗଡ଼ ଜିଲ୍ଲାର ଗୀତାଶ୍ରୀ ଦେ ଚାମ୍ପିଅନ ଓ ଖୋର୍ଦ୍ଧାର ହର୍ଷିତା ରାଉତ ରନର୍ସ ହୋଇଛନ୍ତି। ପୁରୁଷ ଡବଲ୍ସରେ ଖୋର୍ଦ୍ଧାର ଡିବିଏସ୍ ଚନ୍ଦ୍ର କୁମାର ଓ ତାଙ୍କ ପାର୍ଟନର କାଲାଗା ଜଗଦିଶ ଚମ୍ପିଅନ ଏବଂ ନିର୍ବାଣ ମଣ୍ଡଳ ଓ ତାଙ୍କ ପାର୍ଟନର ତନ୍ମୟ କୁମାର ସାହୁ ରନର୍ସ ହୋଇଛନ୍ତି। ସେହିପରି ମହିଳା ବର୍ଗର ଡବଲ୍ସରେ ପ୍ରଗତି ପରିଡା ଓ ତାଙ୍କ ପାର୍ଟନର ବିଶାଖା ଟୋପୋ ଚମ୍ପିଅନ ଏବଂ ହର୍ଷିତା ରାଉତ ଓ ତାଙ୍କ ପାର୍ଟନର ପୁର୍ବା ପ୍ରତ୍ୟାଶା ପଣ୍ଡା ରନର୍ସ ବିବେଚିତ ହୋଇଛନ୍ତି ଏବଂ ମିକ୍ସ ଡବଲ୍ସରେ ଚମ୍ପିଅନ ଭାବରେ ତନ୍ମୟ କୁମାର ସାହୁ ଓ ହର୍ଷିତା ରାଉତ ଚାମ୍ପିଅନ ଏବଂ ଆୟୁଷ ଦାସ ଓ ପୁର୍ବା ପ୍ରତ୍ୟାଶା ଜୋଡି ରନର୍ସ ବିବେଚିତ ହୋଇଛନ୍ତି।

ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ କନ୍ଧମାଳ ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦି, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ପ୍ରମୁଖ ଯୋଗ ଦେଇ କୃତି ଖେଳାଳିମାନଙ୍କୁ ପୁରସ୍କାର ରାଶୀ ଏବଂ ଟ୍ରଫି ପ୍ରଦାନ କରିଥିଲେ।

ଏହି ଅବସରରେ ତାଙ୍କ ସହିତ କନ୍ଧମାଳ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସଭାପତି ତଥା ବରିଷ୍ଠ ବ୍ୟାଡ୍‌ମିଣ୍ଟନ ଖେଳାଳି ଅଶୋକ କୁମାର ପଟ୍ଟନାୟକ, ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟର ଅର୍ଗାନାଇଜର ଦୀପକ ରଞ୍ଜନ ମହାନ୍ତି, ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମହାନ୍ତି ଏବଂ ଶୈଳେନ୍ଦ୍ର ଚୌଧୁରୀ, ଟୁର୍ଣ୍ଣାମେଣ୍ଟର କୋଡିନେଟର ପ୍ରଶାନ୍ତ କୁମାର ବେହେରା ଓ ଅସୀମ କୁମାର ନାୟକ, ଆସୋସିଏସନର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ପାତ୍ର, ଉପସଭାପତି ସନ୍ୟାସୀ ବାରିକ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ସଦସ୍ୟ ମାନସ କୁମାର ପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ଏହି ତିନି ଦିନିଆ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ରେଫରୀ ଭାବରେ ସୁଧିର କୁମାର ମିଶ୍ର ଏବଂ ତାଙ୍କର ସହଯୋଗୀ ମାନେ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ତେବେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଏବଂ ରାଷ୍ଟ୍ରୀୟ ସ୍ତରର ଖେଳାଳିମାନେ ଭାଗ ନେଇଥିବା ବେଳେ ସେମାନଙ୍କର ଏହି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କନ୍ଧମାଳ ଜିଲ୍ଲାର ଯୁବ ପୀଢୀର ଖେଳାଳିମାନଙ୍କୁ ଉତ୍ସାହ ଯୋଗାଇବ ବୋଲି ଅତିଥିମାନେ କହିଥିଲେ।

# ଝାରସୁଗୁଡ଼ା ହକି ଷ୍ଟାଡିୟମରେ ଆଷ୍ଟ୍ରୋଟର୍ପ ଠିକା କାମରେ ଅଭିଯୋଗ ଥିବା ଠିକାଦାରମାନଙ୍କୁ ପ୍ରବେଶ ନ କରାଯାଉ

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଉଦ୍ୟମରେ ଝାରସୁଗୁଡ଼ାରେ ବ୍ଲକ ଅଧିନରେ ଥିବା ଏଚ.କଟାପାଲି ଠାରେ ଜାତୀୟ ଖେଳ ହକି ପାଇଁ ଗ୍ରାସ ପଡ଼ିଆ ୧୯୨୩ ମସିହାରେ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଠାରେ ହକି ଖେଳାଳିଙ୍କର ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ଜିଲ୍ଲାର ସଫଳତା ଓ ସଂଗଠକ ମାନଙ୍କର ଆଗ୍ରହକୁ ଦେଖି ଜିଲ୍ଲା ପ୍ରଶାସନ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଉନ୍ନୟନ ପାଣ୍ଠିରୁ ଏଠାରେ ଏକ ଆଷ୍ଟ୍ରୋଟର୍ପ ପଡ଼ିଆ ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ କରାଯାଇଥିଲା। ଏହାର ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପୂର୍ତ୍ତବିଭାଗକୁ ଦାୟିତ୍ୱ ପ୍ରଦାନ କରିଥିଲେ। ବହୁ ବିଳମ୍ବରେ ଝାରସୁଗୁଡ଼ା ହକି ପଡ଼ିଆର ଟ୍ରର୍ପ ନିର୍ମାଣ ପାଇଁ ଟେଣ୍ଡର ନମ୍ବର ୬୧୫ ତା ୨୦-୦୨-୨୫ରେ ପୂର୍ତ୍ତ ବିଭାଗ ନରର୍ଦ୍ଦନ ରେଞ୍ଜ ସମ୍ବଲପୁର ସରକାରୀ ବିଜ୍ଞପ୍ତି କରାଗଲା। ଏହା ୨୭-୦୨-୨୫ରେ ବିଭିନ୍ନ ପତ୍ର ପତ୍ରିକା ମାଧ୍ୟମରେ ପୂର୍ତ୍ତବିଭାଗର (ସମ୍ବଲ ପୁର) ଟେଣ୍ଡର ବିଷୟରେ ପ୍ରକାଶିତ ହେଲା। ସର୍ବଭାରତୀୟ ସ୍ତରରେ ଅନ୍‌ଲାଇନରେ ପରିପ୍ରକାଶରେ ବିଳମ୍ବ ହେବାରୁ ଠିକାଦାର ମାନେ ଅଭିଯୋଗ କରିଲେ। ପୁନଶ୍ଚ ୨୯.୦୩.୨୫ ଅନଲାଇନରେ ପ୍ରକାଶ କରାଯାଇ ତା୧୬.୦୪.୨୫ ସର୍ବଭାରତୀୟ ସ୍ତରରେ ଅନଲାଇନରେ ଟେଣ୍ଡର ଶେଷ ତାରିଖ ପ୍ରକାଶିତ ହୋଇଥିଲା। ଏହି ହକି ପଡ଼ିଆର କାର୍ଯ୍ୟ ପାଇଁ ୬ଟି କମ୍ପାନି କେଶ ଟେଣ୍ଡର ପଦ୍ଧତି ଅନୁସାରେ ଭରିଛନ୍ତି। ଯଥା (୧-ଆର୍ଡଭାନସ୍ ସ୍ପୋର୍ଟ ଏଲ.ଏଲ.ପି ଦିଲ୍ଲି, ୨-ଅଲଟି ଆଇୟୁଏସ (ଦିଲ୍ଲି) ୩-ସିନକଟସ ଇଣ୍ଟରନ୍ୟାସନାଲ (ଦିଲ୍ଲି) ୪-ଶିବନରେଶ ସ୍ପୋର୍ଟସ (ଦିଲ୍ଲି) ୫-ଗ୍ୟାଲନ ସ୍ପୋର୍ଟ(ଦିଲ୍ଲି) ୬-ଚଡାସ୍ପୋର୍ଟ(ଦିଲ୍ଲି) ଏହି କମ୍ପାନୀ ମାନଙ୍କ ମଧ୍ୟରୁ ଆଡଭାନସ୍ ସ୍ପୋର୍ଟ ଓ ଶିବନରେଶ ସ୍ପୋର୍ଟର୍ସଙ୍କ ନାମରେ ସୁନ୍ଦରଗଡ଼ ଜିଲ୍ଲାରେ ନିର୍ମାଣ କରିଥିବା ହକି ଟ୍ରର୍ପ ପଡ଼ିଆ ନିମ୍ନତମ ଧରଣର ବୋଲି ଅଭିଯୋଗ ପରେ ତଦନ୍ତ ଚାଲିଛି। ସେହିପରି କମନୱେଲ୍‌ଥ ଗେମ୍ ୨୦୧୦ରେ କାର୍ଯ୍ୟ କରିଥିବା ଶିବନରେଶ ସ୍ପୋର୍ଟର୍ସ, ଆର୍ଡଭାନସ୍ ସୋର୍ଟ୍ସର ମୁଖ୍ୟ ରାଜୀବ ଶର୍ମାଙ୍କ ନାମରେ ସି.ବି.ଆଇ ଅଭିଯୋଗ ହୋଇ ତଦନ୍ତର ପରିସର ଭୁକ୍ତ ରହିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାରେ ନିର୍ମାଣ ହୋଇଥିବା ବିର୍ସାମୁଣ୍ଡା ଷ୍ଟାଡିୟମରେ ଲାଗିଥିବା ଟ୍ରର୍ପ ବିଶ୍ୱସ୍ତରୀୟ ହେବା କଥା କିନ୍ତୁ ଏହା ହୋଇନାହିଁ ଏବଂ ଏଫ୍.ଆଇ.ଏଚ୍.ର ସ୍ୱୀକୃତି ନଥିବାରୁ ଏହା ନିମ୍ନମାନର ହୋଇଛି ବୋଲି ଅଭିଯୋଗ ହେବାରୁ ତଦନ୍ତ ଚାଲୁଛି। ବର୍ତ୍ତମାନ ଝାରସୁଗଡ଼ାରେ ନିର୍ମାଣ ହେବାକୁ ଯାଉଥିବା ହକି ଟ୍ରର୍ପ ପଡ଼ିଆରେ ଯେପରି ଏହାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ହକି ଆସୋସିଏସନର ସଭ୍ୟମାନେ ଦାବି କରିଛନ୍ତି।

# ବିଏସଏନଏଲ ଓଡ଼ିଶା ପରିମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ

**ଭୁବନେଶ୍ୱର, ପିଆଇବି**

ଭାରତୀୟ ଦୂରସଞ୍ଚାର ସେବା, (ଆଇଟିଏସ୍),୧୯୯୦ ବ୍ୟାଚର ଅଭିଜ୍ଞ ଅଧିକାରୀ ଦୁଷ୍ମନ୍ତ କୁମାର ବେହେରା ବିଏସଏନଏଲ ଓଡ଼ିଶା ଦୂରସଞ୍ଚାର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦୂରସଞ୍ଚାର କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଉତ୍ସର୍ଗୀକୃତ ସେବା ସହିତ ଶ୍ରୀ ବେହେରାଙ୍କ ଅଭିଜ୍ଞତା, ବୈଷୟିକ ବିଶେଷଜ୍ଞତା ଏବଂ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଆଗାମୀ ଦିନରେ ଓଡ଼ିଶାରେ ଦୂରସଞ୍ଚାର ସେବାକୁ ଅଧିକ ଲୋକାଭିମୁଖୀ କରିବ। ମୟୂରଭଞ୍ଜ ଜିଲ୍ଲା ମୂଳ ନିବାସୀ ଶ୍ରୀ ବେହେରା ୧୯୯୦ ମସିହାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିଏସଏସୟୁଟି) ବୁର୍ଲାରୁ ଇଲେକ୍ଟ୍ରୋନିକ୍ସ ଏବଂ ଟେଲି କମ୍ୟୁନିକେସନ୍ ଇଞ୍ଜିନିୟରିଂ ହାସଲ କରିବା ସହ ଆଇଆଇଟି ଦିଲ୍ଲୀରୁ ଏମ୍.ଟେକ୍ ପରେ ଦୂରସଞ୍ଚାର ବିଭାଗ ସହିତ ତାଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ କରିଥିଲେ। ସେବେଠାରୁ ସେ ଦୂରସଞ୍ଚାର ବିଭାଗର ବିଭିନ୍ନ ପଦ ପଦବୀରେ ରହି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି।



୧୯୯୪ ରୁ ୨୦୦୦ ମସିହା ମଧ୍ୟରେ ଶ୍ରୀ ବେହେରା ବମ୍ବେ-କୋଲକାତା ଅପ୍ଟିକାଲ୍ ଫାଇବର୍ କେବୁଲ୍ ଲିଙ୍କ୍ ପ୍ରକଳ୍ପରେ ଡିଭିଜନାଲ୍ ଇଂଜିନିୟର ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ପ୍ରକଳ୍ପ ଆତ୍ମନିର୍ଭର ଭାରତ ଏବଂ ଜାତୀୟ ଟେଲିକମ୍ ଭିତ୍ତିଭୂମିର ଏକ ମାଇଲ ଖୁଣ୍ଟ। ଜିଏମଟିଡି କଟକ ଏବଂ ଜିଏମଟିଡି ଭୁବନେଶ୍ୱର ଭାବରେ କାର୍ଯ୍ୟକରିଥିବା ଶ୍ରୀ ବେହେରା ଗ୍ରାମୀଣ ଏବଂ ଅପହଞ୍ଚ ଅଞ୍ଚଳରେ ଦୂରସଞ୍ଚାର ସେବାର ପ୍ରସାର ପାଇଁ ଦୃଢ ପ୍ରତିବଦ୍ଧ ଅଟନ୍ତି। ତାଙ୍କର ପ୍ରୟାସ ବିଭିନ୍ନ ଅଞ୍ଚଳର ଆଭ୍ୟନ୍ତରୀଣ ଦୂରସଞ୍ଚାର ସେବା ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯାହାଦ୍ୱାରା ଡିଜିଟାଲ୍ ବିଭାଜନକୁ ଦୂର କରାଯାଇପାରିଛି। ସେ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ୪ଜି ସାଚୁରେସନ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି, ଯାହାର ଲକ୍ଷ୍ୟ ଅପହଞ୍ଚ ଗ୍ରାମଗୁଡ଼ିକୁ ନିର୍ବିଘ୍ନ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବା ପ୍ରଦାନ କରିବା। ତାଙ୍କ ତତ୍ତ୍ୱାବଧାନରେ ଆଜି ସୁଦ୍ଧା ପ୍ରାୟ ୧୦୦୦ ମୋବାଇଲ୍ ଟାୱାର ସଫଳତା ପୂର୍ବକ ସ୍ଥାପନା କରାଯାଇପାରିଛି।

ଏଣ୍ଟରପ୍ରାଇଜ୍ ବ୍ୟବସାୟ (ଇବି) କ୍ଷେତ୍ରରେ ଶ୍ରୀ ବେହେରା ସରକାରୀ, ବେସରକାରୀ ତଥା ବିଭିନ୍ନ ସାର୍ବଜନୀନ କ୍ଷେତ୍ର ଏବଂ ବିଶ୍ୱବିଦ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ ପାଇଁ ଉପଯୁକ୍ତ ଦୂରସଞ୍ଚାର ସମାଧାନ ଓ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ରଣନୀତିକ ଆଭିମୁଖ୍ୟ ବିଏସଏନଏଲ୍ ଓଡ଼ିଶାକୁ ପ୍ରତିଯୋଗିତାମୂଳକ ଏଣ୍ଟରପ୍ରାଇଜ୍ ବଜାରରେ ଏହାର ଆଧିପତ୍ୟ ବିସ୍ତାର କରିବାରେ ସାହାଯ୍ୟ କରିବ।

ବିଏସଏନଏଲ ଓଡ଼ିଶା ମଣ୍ଡଳର ନେତୃତ୍ୱ ନେବା ପରେ ଶ୍ରୀ ବେହେରା ସର୍କଲକୁ ଅଧିକ ଦକ୍ଷତା, ନବସୃଜନ ଏବଂ ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ ଦିଗରେ ଆଗେଇ ନେବେ ବୋଲି ଆଶା ପୋଷଣ କରିଛନ୍ତି। ତାଙ୍କର ଦୃଷ୍ଟିକୋଣରେ ଉନ୍ନତ ଗ୍ରାମୀଣ ଦୂରସଞ୍ଚାର ସଂପ୍ରସାରଣ, ଉନ୍ନତମାନର ସେବା ଏବଂ ରାଜ୍ୟର ବଢୁଥିବା ଦୂରସଞ୍ଚାର ଚାହିଦା ପୂରଣ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଅନ୍ତର୍ଭୁକ୍ତ।

# ପି.ଏମ୍. ଜନମନ୍ ଯୋଜନାର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଦୁର୍ଗମ ଅଞ୍ଚଳକୁ ପରିଦର୍ଶନରେ ଯାଇ ପରିସ୍ଥିତି ଅନୁଧ୍ୟାନ କରିବାକୁ ସଚିବମାନଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେଉଥିବା ପି. ଏମ୍. ଜନମନ୍ ଯୋଜନାର ପ୍ରଗତି ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉପସ୍ଥିତ ସମସ୍ତ ସଚିବମାନଙ୍କୁ ରାଜ୍ୟର ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାର ପ୍ରତ୍ୟେକ ଦୁର୍ଗମ ଅଞ୍ଚଳକୁ ପରିଦର୍ଶନରେ ଯାଇ ସେଠାକାର ପରିସ୍ଥିତି ପରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳମାନେ ଓ ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀମାନେ ମଧ୍ୟ ଚିହ୍ନଟ ହୋଇଥିବା ପ୍ରତ୍ୟେକ ଗ୍ରାମ ଓ ଜନବସତିକୁ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଏହି ବୈଠକରେ ନିର୍ଦ୍ଦେଶ ଦେଇ କହିଥିଲେ।



ସୂଚନାଯୋଗ୍ୟ ଯେ, ପି.ଏମ୍. ଜନମନ୍ ଯୋଜନାରେ ଓଡ଼ିଶାର ୧୪ଟି ଜିଲ୍ଲାର ୫୫ଟି ବ୍ଲକ, ୧୭୫୧ଟି ଗ୍ରାମ/ ଜନବସତି, ୨୮୯ଟି ଗ୍ରାମ ପଞ୍ଚାୟତ ଏବଂ ୨ଟି ପୌର ପ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ଥିବା ବେଳେ ସମୁଦାୟ ୬୮,୬୦୫ଟି ପରିବାରର ୩,୧୪,୫୧୪ ଲୋକ ଏହି ଯୋଜନାର ସୁଫଳ ପାଇବେ।

ବୈଠକରୁ ଜଣାଯାଇଛି ଯେ, ୨୦୨୬ ବର୍ଷ ଶେଷ ସୁଦ୍ଧା ୪୫,୪୦୮ଟି ଘର, ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରୁ ପ୍ରାୟ ୨୧୦ କିଲୋମିଟରର ପକ୍କା ସଡ଼କ, ୧୬୪୬ଟି ଗ୍ରାମକୁ ଟ୍ୟାପ୍ ଯୋଗେ ଜଳ ଯୋଗାଣ, ୩୫୧ଟି ଅଞ୍ଚଳରେ ମୋବାଇଲ ଟାୱାର ସଂଯୋଗୀକରଣ, ୪୦୫ଟି ଅଞ୍ଚଳର ଛାତ୍ର ଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣ, ୭୪ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି।

ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ୧୪ଟି ଜିଲ୍ଲାର ଯେଉଁ ଜନ ବସତିର ୫ କିଲୋମିଟର ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ, ସେହିପରି ସମସ୍ତ ଅଞ୍ଚଳରେ ମୋବାଇଲ ମେଡିକାଲ ୟୁନିଟର ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏହିପରି ସମସ୍ତ ୧,୦୫୫ଟି ଜନ ବସତିକୁ ମୋବାଇଲ ମେଡିକାଲ ୟୁନିଟ ଯୋଗାଇ ଦିଆଯାଇଛି ଏବଂ ଏ କ୍ଷେତ୍ରରେ ଶତପ୍ରତିଶତ ସଫଳତା ହାସଲ ହୋଇଛି ବୋଲି ବୈଠକରୁ ଜଣାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ।

ବିଶେଷତଃ ପିଭିଟିଜି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ନିମନ୍ତେ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ମୋବାଇଲ କନେକ୍ସନ ଆଦି କାର୍ଯ୍ୟଗୁଡିକୁ ଯଥାଶୀଘ୍ର ସମାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସଚିବ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଯୋଗାଯୋଗ ହୋଇପାରୁନଥିବା କିମ୍ବା ଦୁର୍ଗମ ଅଞ୍ଚଳଗୁଡିକୁ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ସଚିବମାନେ ପରିଦର୍ଶନରେ ଯାଇ ସେଠାକାର କାମ କିଭଳି ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ ହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶୀଘ୍ର ମୌସୁମୀ ପାଇଁ ...

ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରି ହେବ । ଜୁନ୍ ୨୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ । ପଞ୍ଚାୟତ ନିର୍ବାଚନ ନେଇ ଆସନ୍ତା ୨୨ ତାରିଖ ସକାଳ ୧୦ଟାରେ ବ୍ଲକ, ପଞ୍ଚାୟତ ଓ ନିର୍ଦ୍ଦିଷ୍ଟ ୱାର୍ଡରେ ନୋଟିସ୍ ଜାରି କରାଯିବ। ଆସନ୍ତା ୨୬, ୨୯, ୩୦ ଓ ୩୧ ତାରିଖ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରି ହେବ । ସରପଞ୍ଚ ପାଇଁ ବ୍ଲକ୍ ଅଫିସ ଏବଂ ୱାର୍ଡ ମେମ୍ବର ପ୍ରାର୍ଥୀ ପଞ୍ଚାୟତ ଅଫିସରେ ପ୍ରାର୍ଥିପତ୍ର ଦାଖଲ କରିବେ। ଜୁନ୍ ୨ରେ ନାମାଙ୍କନପତ୍ର ଯାଞ୍ଚ ପରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ଆସନ୍ତା ୪ ତାରିଖ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ତା'ପରେ ପଞ୍ଚାୟତ ଅଫିସରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ଜୁନ୍ ୨୩ ତାରିଖ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ ହେବ । ୨୪ ତାରିଖ ସକାଳ ୮ଟାରୁ ବ୍ଲକ୍ ଅଫିସରେ ଭୋଟ୍ ଗଣତି ହେବ । ଏନେଇ ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିଛନ୍ତି ।

## ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶିତ...

ହଜାର ୮୧୫ ଜଣ ଓ ତୃତୀୟ ଶ୍ରେଣୀରେ ୧ ଲକ୍ଷ ୪୩ ହଜାର ୩୩୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଆଂଶିକ ବର୍ଗ ବା କମ୍ପାର୍ଟମେଣ୍ଟାଲରେ ୩ ହଜାର ୭୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳାରେ ୧ ଲକ୍ଷ ୯୬ ହଜାର ୧୭୧ ଜଣ ପିଲା ଥିବା ବେଳେ ବିଜ୍ଞାନରେ ୯୯ ହଜାର ୭୨୪ , ବାଣିଜ୍ୟରେ ୨୦ ହଜାର ୮୯୨ ଓ ଧନ୍ଦାମୂଳକ ଶିକ୍ଷାରେ ୩ ହଜାର ୩୭୫ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ବରଗଡ଼ ଜିଲ୍ଲା ୮୭.୬୦ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୬୮.୧୩ ପ୍ରତିଶତ ରହିଛି । ବିଜ୍ଞାନରେ ନୟାଗଡ଼ ଜିଲ୍ଲା ୯୭.୫୮ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ ୭୧.୮୫ ପ୍ରତିଶତ ରହିଛି । ବାଣିଜ୍ୟରେ ନୟାଗଡ଼ ଜିଲ୍ଲା ୯୩.୭୧ ପ୍ରତିଶତରେ ସର୍ବାଧିକ ଉତୀର୍ଣ୍ଣ ହାର ଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ସର୍ବନିମ୍ନ ୬୯.୧୯ ପ୍ରତିଶତ ଉତ୍ତୀର୍ଣ୍ଣ ହାର ରହିଛି । ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲ୍ଲା ୮୩.୮୩ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ମାଲକାନଗିରି ଜିଲ୍ଲା ସର୍ବନିମ୍ନ ରହିଛି । ସୂଚନାନୁସାରେ, ପରୀକ୍ଷା ଫଳ, ମାର୍କସିଟ୍ ସମ୍ପର୍କିତ କୌଣସି ସମସ୍ୟା କିମ୍ବା ଦ୍ୱନ୍ଦ୍ୱ ଉପୁଜିଲେ ସହାୟତା ନମ୍ବର ୦୬୭୪-୨୩୦୦୯୦୭ରେ ଛାତ୍ରଛାତ୍ରୀ ସମ୍ପର୍କ କରିପାରିବେ । ତେବେ ଖାତା ରିଚେକିଂ ପାଇଁ ଆସନ୍ତା ୭ ଦିନ ମଧ୍ୟରେ ତାରିଖ ଘୋଷଣା କରାଯିବ । ୱେବସାଇଟ୍ ମାଧ୍ୟମରେ ରୋଲ୍ ନମ୍ବର ଓ ପଞ୍ଜୀକରଣ ନମ୍ବର ଦେଇ ମାର୍କସିଟ୍ ଡାଉନଲୋଡ୍ କରିପାରିବେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଚଳିତ ବର୍ଷର ପରୀକ୍ଷା ଫଳ ସମ୍ପର୍କରେ ଖୁସି ବ୍ୟକ୍ତ କରିବା ସହ ପିଲାମାନଙ୍କର ସଫଳ ଭବିଷ୍ୟତର କାମନା କରିଛନ୍ତି । ଚଳିତ ବର୍ଷ ଉତ୍କୃଷ୍ଟ ପରୀକ୍ଷା ଫଳ ହୋଇଥିବା ସେ ମଧ୍ୟ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ଡ଼ ପ୍ରଶାନ୍ତ କୁମାର ପରିଡ଼ା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ସ୍ମାର୍ଟ ପୋଲିସିଂ ଉପରେ ମୁଖ୍ୟମନ୍ତ୍ରୀଙ୍କ...

ଏବଂ ଶୃଙ୍ଖଳାର ସହିତ ପାଳନ କରିବା ନିମନ୍ତେ ପୋଲିସବାହିନୀ ଅକ୍ଲାନ୍ତ ପରିଶ୍ରମ କରି ଓଡ଼ିଶାକୁ ଏକ ସୁଦକ୍ଷ ଓ ଆଦର୍ଶ ଆୟୋଜକର ମାନ୍ୟତା ଦେଇଛନ୍ତି । ସେ ପୁଣି କହିଥିଲେ ଯେ, ଆଜି ଭାରତ ମାନଚିତ୍ରରେ ଆମ ରାଜ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ବିକଶିତ ଭାରତ ଗଠନରେ ଓଡ଼ିଶାର ଅଗ୍ରଣୀ ଭୂମିକା ରହିବ ଏବଂ ଏଥିପାଇଁ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିବ । ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଡିଜିପି-ଆଇଜିପି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାଉଣ୍ଟର ଟେରରିଜିମ, କୋଷ୍ଟାଲ ସିକ୍ୟୁରିଟି, ସାଇବର କ୍ରାଇମ୍ ଓ ଅର୍ବାନ୍ ପୋଲିସଂରେ ଉନ୍ନତି ଆଣିବା ନିମନ୍ତେ ଗୁରୁତ୍ୱ ଦେଇଛନ୍ତି । ଏହା ଆମ କମିଶନରେଟ ପୋଲିସ ପାଇଁ ଏକ ବଡ଼ ଆହ୍ୱାନ । ଆମ ସରକାରଙ୍କ ପୂର୍ଣ୍ଣ ସହଯୋଗରେ ଓଡ଼ିଶା ପୋଲିସ ସେ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର, ଲୋକଙ୍କ ସରକାର । ପୋଲିସ ନିଜକୁ ଲୋକମାନଙ୍କ ବନ୍ଧୁ ଭାବେ ଭାବିବା ଉଚିତ । ଲୋକଙ୍କ ସୁବିଧା ଅସୁବିଧାରେ ରହି ସେମାନଙ୍କ ପାଇଁ ଆସୁଥିବା ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରି ଲୋକଙ୍କ ଧନ, ଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ଦରକାର। ଆପଣମାନେ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ଅସୁବିଧାକୁ ସମ୍ବେଦନଶୀଳ ଭାବେ ବିବେଚନା କରି ନ୍ୟାୟ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମାଜର ସବୁ ସ୍ତରର, ସବୁ ବର୍ଗର ଲୋକଙ୍କୁ ଓ ସବୁ ଶ୍ରେଣୀର ଲୋକ ଯେପରି ପୋଲିସ ପାଖରୁ ଉପଯୁକ୍ତ ନ୍ୟାୟ ପାଇବେ ସେ ଦିଗରେ ପରାମର୍ଶ ଦେଇଥିଲେ । ସାଇବର ଅପରାଧକୁ ମୁକାବିଲା କରିବା ପାଇଁ ଟେକିନିକାଲ କାଡ୍‌ଜେଟ୍ ଇକ୍ୟୁପମେଣ୍ଟସ୍ ଇତ୍ୟାଦି ଯୋଗାଇ ଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ସବୁ ଜିଲ୍ଲାରେ ସାଇବର ପୋଲିସ ଷ୍ଟେସନ ସ୍ଥାପନା ହୋଇଛି । ଆଗାମୀ ଦିନରେ ଏ ଗୁଡ଼ିକୁ ଆହୁରି ସଶକ୍ତ ଓ ସୁଦକ୍ଷ କରାଯିବ । ବସ୍ତି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଓ ଉତ୍ତମ ପରିବେଶ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ସେ ଆହୁରି କହିଥିଲେ ଆମ ସରକାର ପୋଲିସ ବାହିନୀର ମାନବ ସମ୍ବଳ, ଭିତ୍ତିଭୂମି ଇତ୍ୟାଦିର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି । ପୋଲିସ ଆଧୁନିକୀକରଣ ନିମନ୍ତେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଭିଜନ ସ୍ମାର୍ଟ ପୋଲିସିଂ ଉପରେ ଗୁରୁତ୍ୱ ଦେଇ ସ୍ମାର୍ଟ ପୋଲିସର ଗଠନର ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଆମ ସରକାର ବଦ୍ଧପରିକର । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ରିଜର୍ଭ ପୋଲିସ ଲାଇନର ନବନିର୍ମିତ ୮୪ଟି ଏଫ୍ ଟାଇପ୍ କ୍ୱାଟର୍ସ, ବଡ଼ଗଡ଼ ଥାନା ଅଞ୍ଚଳରେ ୨୮ଟି ଡି ଟାଇପ୍ କ୍ୱାଟର୍ସ ଉଦ୍‌ଘାଟନ କରିବା ସହିତ କାର୍ଯ୍ୟକ୍ଷେତ୍ରରେ ନିଷ୍ଠା ଓ ଦକ୍ଷତା ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଥିଲା । ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଥିଲେ ଯେ, କମିଶନରେଟ ପୋଲିସର ଏହି ୧୭ ବର୍ଷ ଯାତ୍ରା ଭିତରେ ଅନେକ ଆହ୍ୱାନର ସଫଳତାର ସହ ମୁକାବିଲା କରି ଦେଶର ଅନ୍ୟତମ ଶ୍ରେଷ୍ଠ କମିଶନରେଟ ଭାବେ ଏହା ପ୍ରତିଷ୍ଠିତ ହୋଇଛି । ଅପରାଧ ନିରାକରଣ, ଅପରାଧର ଅନୁସନ୍ଧାନ ଏବଂ ଦୋଷୀକୁ ନ୍ୟାୟିକ ଦଣ୍ଡ ଦେବା ବ୍ୟବସ୍ଥାରେ କମିଶନରେଟ ପୋଲିସ ପ୍ରଶଂସାଯୋଗ୍ୟ ସଫଳତା ପାଇଛି । ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତା ତଥା ଜନସାଧାରଣଙ୍କୁ ଉଚିତ ଏବଂ ଉନ୍ନତ ସେବା ଯୋଗାଇବାର ଆହ୍ୱାନକୁ ପାଳନ କରି ଆଜି ପୋଲିସ ନିଜର କାର୍ଯ୍ୟଦକ୍ଷତା ମାଧ୍ୟମରେ ଜନସାଧାରଣଙ୍କ ନିକଟତର ହୋଇଛି । ନିକଟରେ ଏକ ଅନ୍ଧୁଣୀ ମା'କୋଳକୁ ଅପହରଣ ହୋଇଥିବା ତା'ର ଶିଶୁକୁ ଉଦ୍ଧାର କରି ହସ୍ତାନ୍ତର କରାଯାଇଥିଲା । ଏହି ଘଟଣା ପରେ ଜନସାଧାରଣ ଆଗରେ ପୋଲିସର ଭାବମୂର୍ତ୍ତି ଆହୁରି ଉଜ୍ଜ୍ୱଳ ହୋଇପାରିଛି । ଏକ ସୁରକ୍ଷିତ ସମାଜ ଏବଂ ପ୍ରେରଣାଦାୟୀ ପୋଲିସ ବ୍ୟବସ୍ଥା ପାଇଁ କମିଶନରେଟ ପୋଲିସର ପ୍ରତ୍ୟେକ କର୍ମଚାରୀ ନିଃସ୍ୱାର୍ଥପର ଭାବେ ଜନସାଧାରଣଙ୍କ ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର-କଟକ ପୋଲିସ କମିଶନର ଡ. ଏସ୍. ଦେବଦତ୍ତ ସିଂ ସ୍ୱାଗତ ଭାଷଣ ଦେଇଥିଲେ । ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ବରିଷ୍ଠ ପୋଲିସ ଅଧିକାରୀଗଣ ଏବଂ ଅବସରପ୍ରାପ୍ତ ପୋଲିସ ଅଧିକାରୀଗଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

## ରଥଯାତ୍ରା ନୀତି ନିର୍ଘଣ୍ଟରେ...

ରାହୁ ରେଖା ମଇଲମ ଅନୁଷ୍ଠିତ ହେବ। ସ୍ନାନ ପୂର୍ଣ୍ଣିମାରେ ମଙ୍ଗଳାର୍ପଣ ସମୟରେ କେବଳ ନୀତି ସମ୍ପୃକ୍ତ ସେବକ, ପରିଚାଳନା କମିଟି ସଦସ୍ୟ ଓ ଅଧିକୃତ ଅଧିକାରୀମାନେ ଭିତର କାଠ ନିକଟରେ ଉପସ୍ଥିତ ରହିବେ। ସାତ ପାହାଚ ଉପରେ ଟାହିଆ ବନ୍ଧା ଯିବା ପରେ ବିଜେଡ଼ୋରି ବନ୍ଧାଯିବ। ସମ୍ପୃକ୍ତ ବାଡ଼ଗ୍ରାହୀମାନେ ପ୍ରତ୍ୟକ୍ଷଭାବେ କିମ୍ବା ତାଙ୍କ ପ୍ରତିନିଧିଙ୍କ ଜରିଆରେ ପହଣ୍ଡି ପାଇଁ ଦିଗ୍‌ଦର୍ଶନ ଦେବେ ଓ ଟାହିଆ ସୁରକ୍ଷିତ ରହିବା ନିଶ୍ଚିତ କରିବେ। ଶ୍ରୀଜୀଉ ସ୍ନାନବେଦୀକୁ ଉଠିବା ପରେ ସମ୍ମାନର ସହ ଟାହିଆ ଖୋଲାଯିବ। ଧାଡ଼ି ପହଣ୍ଡିରେ ଆସିବା ବେଳେ କୌଣସି ପ୍ରକାରର ନୃତ୍ୟକୁ ସ୍ୱୀକୃତି ଦିଆଯିବ ନାହିଁ। ସ୍ନାନମଣ୍ଡପକୁ ଶ୍ରୀଜୀଉ ବିଜେ କଲାବେଳେ ପହଣ୍ଡି ଦର୍ଶନ କରିବାକୁ ୧୫୦ ଟଙ୍କା ଟିକେଟ୍ ବ୍ୟବସ୍ଥା କରାଯାଇଛି। ୫ ହଜାର ଭକ୍ତ ଏହି ସୁବିଧା ନେଇ ପାରିବେ। ବଡଦାଣ୍ଡ ଭକ୍ତ ନିବାସରେ ଏହି ଟିକେଟ୍ ଉପଲବ୍ଧ ହେବ। ସ୍ନାନଯାତ୍ରା ସମୟରେ ସୀମିତ ସଂଖ୍ୟକ ଘଣ୍ଟୁଆଙ୍କୁ ମଣ୍ଡପ ଉପରକୁ ଛଡ଼ାଯିବ। ଅନ୍ୟ ଘଣ୍ଟୁଆମାନେ ପାହାଚ ତଳେ ରହି ସମତାଳରେ ଘଣ୍ଟ ବଜାଇବେ। ଠାକୁରଙ୍କ ସାମନାରେ କୌଣସି ସେବାୟତ ରହିବେ ନାହିଁ।

## ୧୮୦ ଦିନର ଛୁଟି ପାଇଁ ନିର୍ଦ୍ଦେଷ...

ମହିଳା ସରକାରୀ କର୍ମଚାରୀ ଯିଏ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନଥିଲେ, ସେ ସରକାରୀ ସେବାରେ ଯୋଗ ଦେବା ପରେ, ତାଙ୍କର ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ । ତେଣୁ ଏହି କ୍ଷେତ୍ରରେ, ମାତୃତ୍ୱ ଛୁଟି ୧୮୦ ଦିନରୁ କମ୍ ହେବ । ଉଦାହରଣ- ଜଣେ ମହିଳାଙ୍କ ପ୍ରସବ ତାରିଖ ହେଉଛି ୦୧.୦୪.୨୦୨୫ । ତାଙ୍କର ଶିଶୁକୁ ୨୭.୦୯.୨୦୨୫ରେ ଛଅ ମାସ ପୂର୍ଣ୍ଣ ହେବ । ଯଦି ସେ ୧୯.୦୬.୨୦୨୫ ତାରିଖରେ ସରକାରୀ ସେବାରେ ଯୋଗ ଦେଇ ମାତୃତ୍ୱ ଛୁଟି ପାଇଁ ଆବେଦନ କରନ୍ତି, ତେବେ ସେ ୨୦.୦୬.୨୦୨୫ ରୁ ୨୭.୦୯.୨୦୨୫ ତାରିଖ ପର୍ଯ୍ୟନ୍ତ (ଅର୍ଥାତ୍ କେବଳ ୧୦୦ ଦିନ) ମାତୃତ୍ୱ ଛୁଟି ପାଇଁ ଯୋଗ୍ୟ ହେବେ । ଜଣେ ମହିଳା ସରକାରୀ କର୍ମଚାରୀ ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ (ଜନ୍ମର ୨୮ ଦିନ ମଧ୍ୟରେ) କିମ୍ବା ମୃତ ଶିଶୁ ଜନ୍ମ (୨୮ ସପ୍ତାହ କିମ୍ବା ତଦୁର୍ଦ୍ଧ୍ୱ ସମୟର ଗର୍ଭଧାରଣ ପରେ ଯଦି ନିର୍ଜୀବ ଶିଶୁର ଜନ୍ମ ହୁଏ), ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ତାରିଖରୁ ୪୨ ଦିନ ପର୍ଯ୍ୟନ୍ତ ରହିବ । କିନ୍ତୁ ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସମ୍ପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କ ମାତୃତ୍ୱ ଛୁଟି ସେହି ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ରହିବ । ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଶେଷ ହୋଇଯାଇଥିବ, ତେବେ ସେ ୧୪ ଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପାଇବେ କିମ୍ବା ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଉଥିବ, ତେବେ ସେ ୧୪ ଦିନରୁ ଯେତିକି ଦିନ ବଳକା ରହିଯାଉଥିବ, ସେତିକିଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପାଇବେ । ଉଦାହରଣ-୧: ଜଣେ ମହିଳା ସରକାରୀ କର୍ମଚାରୀଙ୍କ ସମ୍ଭାବ୍ୟ ପ୍ରସବ ତାରିଖ ହେଉଛି ୩୦.୦୬.୨୦୨୫ ଏବଂ ସେ ଚିକିତ୍ସାଜନିତ ଜଟିଳତା ହେତୁ ଉପରୋକ୍ତ ଇଡିଡିର ତିନି ମାସ ପୂର୍ବରୁ ଯଥା ୦୧.୦୪.୨୦୨୫ ତାରିଖରୁ ମାତୃତ୍ୱ ଛୁଟି ନେଇଛନ୍ତି । ଯଦି ତାଙ୍କର ୦୧.୦୬.୨୦୨୫ ତାରିଖରେ ମୃତ ଶିଶୁ ଜନ୍ମ୦୦ ହୁଏ, ତେବେ ସେହି ତାରିଖରୁ ୪୨ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ୧୨.୦୭ ୨୦୨୫ ତାରିଖ ପର୍ଯ୍ୟନ୍ତ ସେ ମାତୃତ୍ୱ ଛୁଟି ନେଇପାରିବେ। ଉଦାହରଣ-୨: ଜଣେ ମହିଳା ସରକାରୀ କର୍ମଚାରୀଙ୍କ ପ୍ରସବ ତାରିଖ ହେଉଛି ୦୧.୦୪.୨୦୨୫ । ଯଦି ୨୮.୦୪.୨୦୨୫ ତାରିଖରେ ତାଙ୍କର ଜନ୍ମିତ ଶିଶୁର ମୃତ୍ୟୁ ହୁଏ, ତେବେ ସେହି ତାରିଖରୁ ୪୨ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ୦୮.୦୬.୨୦୨୫ ତାରିଖ ପର୍ଯ୍ୟନ୍ତ ସେ ମାତୃତ୍ୱ ଛୁଟି ନେଇପାରିବେ । ଉଦାହରଣ-୩: ଜଣେ ମହିଳା ସରକାରୀ କର୍ମଚାରୀଙ୍କ ପ୍ରସବ ତାରିଖ ହେଉଛି ୦୧.୦୪.୨୦୨୫ । ଯଦି ୦୧.୦୫.୨୦୨୫ ତାରିଖରେ ତାଙ୍କର ଜନ୍ମିତ ଶିଶୁର ମୃତ୍ୟୁ ହୁଏ, (ଅର୍ଥାତ୍, ଜନ୍ମର ୨୮ ଦିନ ପରେ ଶିଶୁର ମୃତ୍ୟୁ ହୁଏ) ତେବେ ସେହି ତାରିଖରୁ ୧୪ ପର୍ଯ୍ୟନ୍ତ ଅର୍ଥାତ୍ ୧୪.୦୫.୨୦୨୫ ତାରିଖ ପର୍ଯ୍ୟନ୍ତ ସେ ମାତୃତ୍ୱ ଛୁଟି ନେଇପାରିବେ । ଉଦାହରଣ-୪: ଜଣେ ମହିଳା ସରକାରୀ କର୍ମଚାରୀ ୩୧.୦୧.୨୦୨୫ ତାରିଖରୁ ମାତୃତ୍ୱ ଛୁଟି ନେଇଛନ୍ତି ଏବଂ ତାଙ୍କର ପ୍ରସବ ତାରିଖ ହେଉଛି ୦୧.୦୪.୨୦୨୫ । ଯଦି ୨୯.୦୭.୨୦୨୫ ତାରିଖରେ ତାଙ୍କର ଜନ୍ମିତ ଶିଶୁର ମୃତ୍ୟୁ ହୁଏ, (ଅର୍ଥାତ୍, ଜନ୍ମର ୧୨୦ ଦିନରେ ଏବଂ ମାତୃତ୍ୱ ଛୁଟି ଅବଧିର ଶେଷ ଦିନରେ) ତେବେ ସେହି ତାରିଖରୁ ୧୪ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ୧୨.୦୭.୨୦୨୫ ତାରିଖ ପର୍ଯ୍ୟନ୍ତ ସେ ମାତୃତ୍ୱ ଛୁଟି ନେଇପାରିବେ । ଉଦାହରଣ-୫: ଜଣେ ମହିଳା ସରକାରୀ କର୍ମଚାରୀ ୦୭.୦୨.୨୦୨୫ ତାରିଖରୁ ୦୫.୦୮.୨୦୨୫ ତାରିଖ ପର୍ଯ୍ୟନ୍ତ (ଛଅ ମାସ) ମାତୃତ୍ୱ ଛୁଟି ନେଇଛନ୍ତି ଏବଂ ତାଙ୍କର ପ୍ରସବ ତାରିଖ ହେଉଛି ୦୧.୦୪.୨୦୨୫ । ଯଦି ୨୯.୦୭.୨୦୨୫ ତାରିଖରେ ତାଙ୍କର ଜନ୍ମିତ ଶିଶୁର ମୃତ୍ୟୁ ହୁଏ, (ଅର୍ଥାତ୍, ଜନ୍ମର ୧୨୦ ଦିନରେ ଏବଂ ମାତୃତ୍ୱ ଛୁଟି ଅବଧିର ୧୭୩ ଦିନରେ ) ତେବେ ସେ ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଅର୍ଥାତ୍ ୧୨.୦୮.୨୦୨୫ ତାରିଖ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ । ଏହି କ୍ଷେତ୍ରରେ, ତାଙ୍କର ମାତୃତ୍ୱ ଛୁଟିର ଅବଧି ୧୮୭ ଦିନ (୦୭.୦୨.୨୦୨୫ ଠାରୁ ୧୨.୦୮.୨୦୨୫ ପର୍ଯ୍ୟନ୍ତ) ହେବ । ଦୁଇଟିରୁ କମ୍ ଜୀବିତ ପିଲା ଥିବା ମହିଳା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ, ଏହି ମାତୃତ୍ୱ ଛୁଟି ପ୍ରଦାନ କରାଯିବ । ଶିଶୁ ପ୍ରସବ ଯେକୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ। ଯଦି ମାତୃତ୍ୱ ଛୁଟି ସମୟରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ତାଙ୍କର ସେହି ଉଚ୍ଚ ପଦବୀରେ ଯୋଗଦାନ ରିପୋର୍ଟ (ହାର୍ଡ କିମ୍ବା ସଫ୍ଟ କପି ) ଯେଉଁଦିନ ଉପଯୁକ୍ତ କର୍ତ୍ତୃପକ୍ଷ ପାଇବେ, ସେହିଦିନ ସେ ସେହି ଉଚ୍ଚ ପଦବୀରେ ଯୋଗ ଦେଲେ ବୋଲି ଧରାଯିବ। ସେ ତାଙ୍କର ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଛିନ୍ନ ଭାବେ ନେଇପାରିବେ । ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ମାତୃତ୍ୱ ଛୁଟି ଏକକାଳୀନ ନିରବଚ୍ଛିନ୍ନ ଭାବେ ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ।

## ସୁରକ୍ଷା କର୍ମୀ-ମାଓବାଦୀ ଗୁଳି ବିନିମୟ...

କୋଟି ପୁରସ୍କାର ଥିଲା ବୋଲି ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ସୂଚନା ଦେଇଛନ୍ତି । ବିଶେଷ ସୂତ୍ରରୁ ଖବର ପାଇ ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀମାନେ ଅଚାନକ ଚଢ଼ଉ ସହ ଅନେକ ମାଓ ଶିବର ଧ୍ୱଂଶ କରିଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ସମୟରେ ଅତି କମରେ ବର୍ତ୍ତମାନ ପର୍ଯ୍ୟନ୍ତ ୩୦ଜଣ ମାଓବାଦୀ ନିହତ ହୋଇଥିବା ଜଣାଯାଇଛି।

## ଇସ୍ରୋ ଦେଶର ସୀମା ସୁରକ୍ଷା ସହ...

ଦୁଇଟି ମିଶନ ହେବ । ଇସ୍ରୋରେ ତୃତୀୟ ଲଞ୍ଚପ୍ୟାଡ ଓ ଦ୍ୱିତୀୟ ଲଞ୍ଚ କମ୍ପ୍ଲେକ୍ସ ବି ବିକାଶ ହେଉଛି । ମହାକାଶରେ ନିଜସ୍ୱ ସ୍ପେସ ଷ୍ଟେସନ୍ ବିକାଶ କରୁଛି ଇସ୍ରୋ । ସ୍ପେସ ଷ୍ଟେସନ୍‌ର ଓଜନ୍ ୫୨ ଟନ୍ ରହିବ । ୫ ଥରରେ ପଠାଯିବ ସ୍ପେସ ଷ୍ଟେସନ୍‌ର ମଡ୍ୟୁଲ୍। ୨୦୨୮ରେ ପ୍ରତିଷ୍ଠା ହେବ ପ୍ରଥମ ଭାରତ ସ୍ପେସ ଷ୍ଟେସନ। ସିଟିଟିସି ସମେତ ପ୍ରାୟ ୪୫୦ ଶିଳ୍ପ ସହ ସହଭାଗିତା କରିଛି ଇସ୍ରୋ । ସିଟିଟିସିରେ ସାଟେଲାଇଟର ପ୍ରପଲସନ୍ ତିଆରି ହୁଏ ବୋଲି କହିଛନ୍ତି ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି.ନରାୟଣନ।

## ପାକିସ୍ତାନ ସହ ମିଶି ନୂଆ ଷଡ଼ଯନ୍ତ୍ର ...

ଏହି ବୈଠକରେ ସିପିଓସିକୁ ଆଫଗାନିସ୍ତାନ ଯାଏ ବଢାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଏବେ ତିନି ଦେଶର ପରବର୍ତ୍ତୀ ବୈଠକ ଆଫଗାନିସ୍ତାନରେ ହେବା ନେଇ ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ଇଶାକ୍ ଡାର ଚୀନ ଓ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ସହ ଏକ ଫଟୋ ସେୟାର କରିଛନ୍ତି । ଏଥିରେ ସେ ଲେଖିଛନ୍ତି, ଚୀନ, ଆଫଗାନିସ୍ତାନ ଓ ପାକିସ୍ତାନ କ୍ଷେତ୍ରୀୟ ଶାନ୍ତି, ସ୍ଥିରତା ଓ ବିକାଶ ସହ ଅଛନ୍ତି । ଅନୁମାନ କରାଯାଉଛି ଯେ ସିପିଓସି ବିସ୍ତାର ପଛରେ ଅନ୍ୟ ଏକ କାରଣ ହେଉଛି ଚାହବାର ପୋର୍ଟକୁ ନେଇ ଆଫଗାନିସ୍ତାନ ଅଧିକ ଆଗ୍ରହ ଦେଖାଉଥିଲା । ଉଲ୍ଲେଖଯୋଗ୍ୟ ଯେ ଏହି ବନ୍ଦରକୁ ଭାରତ ଓ ଇରାନ ମିଳିତ ଭାବେ ବିକଶିତ କରିଛନ୍ତି । ତେଣୁ ଭାରତ ସହ ଆଫଗାନିସ୍ତାନର ବଢୁଥିବା ଘନିଷ୍ଠତାକୁ ରୋକିବା ପାଇଁ ଚୀନ ନୂଆ ଚାଲ୍ ଚଲାଇଛି । ଉଲ୍ଲେଖଯୋଗ୍ୟ ଯେ ଆଫଗାନିସ୍ତାନରେ ତାଲିବାନ ଶାସନକୁ ମାନ୍ୟତା ଦେଇଥିବା ଦେଶ ମଧ୍ୟରେ ଚୀନ ପ୍ରଥମ ଥିଲା । କିନ୍ତୁ ପରେ ଭାରତ ସହ ତାଲିବାନର ସମ୍ପର୍କରେ ସୁଧାର ଆସିବା ଦେଖି ଚୀନ ନିଜ ସମ୍ପର୍କକୁ ମଜଭୁତ କରୁଛି । ଉଲ୍ଲେଖଯୋଗ୍ୟ ଯେ ସିପିଇସିର ଗୋଟିଏ ଅଂଶ ପାକିସ୍ତାନ ଅଧିକୃତ କଶ୍ମୀର ଦେଇ ଯିବ, ଯାହାକୁ ନେଇ ଭାରତ ପୂର୍ବରୁ ଆପତ୍ତି ଉଠାଇ ସାରିଛି । ଏହି କାରଣରୁ ଭାରତ, ଚୀନର ବେଲ୍ଟ ରୋଡ୍ ଇନିସିଏଟିଭରେ ସାମିଲ ହେବାକୁ ମନା କରିଥିଲା। ଚୀନର ବିଆରଆଇ ଯୋଜନାର ଗୋଟିଏ ଅଂଶ ହେଉଛି ସିପିଇସି।

## ଦକ୍ଷିଣ ଏସିଆ ଲେବର୍ ମୋବିଲିଟି ...

ସମ୍ମୁଖୀନ ହେଉଥିବା ଅସୁବିଧାର ନିରାକରଣ ନିମନ୍ତେ ୧୯୭୯ ମସିହାରୁ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ ତିଆରି ହୋଇ କାର୍ଯ୍ୟକାରୀ ହେଉଛି । ଓଡିଶାର ୧୪ଟି ଜିଲ୍ଲାକୁ ବିଶେଷ ଭାବରେ ପ୍ରବାସୀ-ପ୍ରବଣ ଭାବରେ ଚିହ୍ନଟ କରି ଓଡ଼ିଶା ସରକାରଙ୍କ ଦ୍ୱାରା କିଛି ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ଯେଉଁଥିରେ ଶୋଷଣମୂଳକ ଆଗୁଆ ଦେୟ ବ୍ୟବସ୍ଥାର ମୁକାବିଲା, ଅନୌପଚାରିକ ନିଯୁକ୍ତି ଶୃଙ୍ଖଳକୁ ନିୟନ୍ତ୍ରଣ କରିବା, ସୂଚନାପ୍ରଦ ପ୍ରବାସ ପାଇଁ ସଚେତନତା ସୃଷ୍ଟି କରିବା, ଦକ୍ଷତା ବିକାଶ ସଂଯୋଗକୁ ସୁଦୃଢ଼ କରିବା, ସେବାଗୁଡ଼ିକର ଆନ୍ତଃରାଜ୍ୟ ପୋର୍ଟେବିଲିଟି ଦିଗରେ କାର୍ଯ୍ୟ କରିବା ଆଦି ପ୍ରମୁଖ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି । ଏଥିସହିତ, ରାଜ୍ୟରେ ପ୍ରବାସୀ ଶ୍ରମିକ ସହାୟତା ଡେସ୍କ, ୧୫ ଲକ୍ଷ ଟଙ୍କାର ଜିଲ୍ଲା ସ୍ତରୀୟ ଜରୁରୀକାଳୀନ ପାଣ୍ଠିର ବ୍ୟବସ୍ଥା ଇତ୍ୟାଦି ଉପରେ ଆଲୋକପାତ କରି ବିଶ୍ୱ ସମୁଦାୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆହୁରି ମଧ୍ୟ କହିଥିଲେ ଯେ, ପ୍ରବାସୀ ଶ୍ରମିକ ପଞ୍ଜିକରଣ ସମେତ ପରିଶ୍ରମ ପୋର୍ଟାଲ୍ ମାଧ୍ୟମରେ ୬୭ ଟି ଅନଲାଇନ୍ ସେବା ପ୍ରଦାନ କରାଯାଉଛି । ଏହି ସମ୍ମିଳନୀ ସୀମାପାର ସହଯୋଗକୁ ସୁଦୃଢ଼ କରିବ ଏବଂ ପ୍ରବାସୀ ଶ୍ରମିକଙ୍କୁ ସଶକ୍ତ କରିବାରେ ସହାୟକ ହେବ ।

## ବାଂଲାଦେଶରେ ପୁଣି କ୍ଷମତା...

ଦେଶର ଦୁଇଟି ପ୍ରମୁଖ ରାଜନୈତିକ ଦଳ ଶେଖ ହାସିନାଙ୍କ ଆୱାମୀ ଲିଗ୍ ଏବଂ ଖାଲେଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି)କୁ ଏକାଠି କରି ଦେଶ ପାଇଁ ନିର୍ବାଚନରେ ଅଂଶଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି। ୟୁନୁସ ସରକାରଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ମାଧ୍ୟମରେ ବନ୍ଦୀମାନଙ୍କୁ ମୁକ୍ତ କରିବା ସେନାର ସବୁଠାରୁ ବଡ଼ ଚିନ୍ତାର ବିଷୟ।

# ପଞ୍ଚାୟତ ଉପନିର୍ବାଚନ ବାତିଲ ନିଷ୍ପତ୍ତି କାହା ଚାପରେ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଖାଲିଥିବା ୧୧୩୧ ପଦବୀ ସକାଶେ ଉପନିର୍ବାଚନ ନିମନ୍ତେ ୨୦ ତାରିଖରେ ରାଜ୍ୟ ନିର୍ବାଚନ କମିଶନ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବୁଧବାର ସନ୍ଧ୍ୟାରେ ସେହି ବିଜ୍ଞପ୍ତିର ବାତିଲ ସମ୍ବନ୍ଧିତ ଅନ୍ୟ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିଶନ ଏଭଳି ନିଷ୍ପତ୍ତି କାହା ଚାପର ବଶବର୍ତ୍ତୀ ହୋଇ ନେଇଛନ୍ତି ବୋଲି ବିଜୁ ଜନତା ଦଳ ପ୍ରଶ୍ନ କରିଛି। ବୁଧବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା




ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟ ସରକାରଙ୍କ ଅପରିପକ୍ୱ ଓ ଅନୁଭୂତି ବିହୀନ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି।

ଡ. ମହାନ୍ତି କହିଥିଲେ ଯେ, ରାଜ୍ୟ ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା। ୨୪ ଘଣ୍ଟା ମଧ୍ୟରେ ଏଭଳି ନିଷ୍ପତ୍ତି ପରିବର୍ତ୍ତନ କରିବା କମିଶନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୌସୁମୀ ଆଗମନର ଆଳ ଦେଖାଇ ୨୪ ଘଣ୍ଟା ଭିତରେ ବିଜ୍ଞପ୍ତି ବାତିଲ ଗ୍ରହଣୀୟ ନୁହେଁ। ବିଜ୍ଞପ୍ତି ପ୍ରକାଶ କରିବା ସମୟରେ ସରକାର କ'ଣ ମୌସୁମୀ ଆଗମନ ବିଷୟରେ ଅବଗତ ନଥିଲେ କି? ସରକାରକୁ ଆସିବାର ୧ ବର୍ଷ ବିତିଯାଇଥିଲେ ମଧ୍ୟ ବିଜେପି ତା'ର ଅପାରଗତା ପାଇଁ ଲୋକଙ୍କୁ ସମ୍ମୁଖୀନ ହେବାକୁ ଭୟ କରୁଛି। ଯେଉଁଥିପାଇଁ ମୌସୁମୀ ଆଗମନର ଆଳ ଦେଖାଇ ୨୪ ଘଣ୍ଟା ଭିତରେ ବିଜ୍ଞପ୍ତି ବାତିଲ କରାଯାଇଛି। ବିଜେପି ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଡବଲ ଇଞ୍ଜିନ ସରକାରଙ୍କ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଏହା ଡବଲ ଧୋକା।

# ଓବିସି, ଏସ୍‌ସି-ଏସ୍‌ଟିଙ୍କ ସଂଖ୍ୟାନୁପାତିକ ସଂରକ୍ଷଣ ପାଇଁ ରାଜରାସ୍ତାକୁ ଓହ୍ଲାଇଲା ବିଜେଡି





**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ଏସଇବିସି/ଓବିସି ବର୍ଗ ପାଇଁ ୨୭% ସଂରକ୍ଷଣ ଓ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫% ସଂରକ୍ଷଣ ଦାବିରେ ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ବିଶାଳ ଜନଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର କର୍ମୀଙ୍କ ଉପସ୍ଥିତିରେ ଦଳର ବରିଷ୍ଠ ନେତାମାନେ ଏହି ନ୍ୟାଯ୍ୟ ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଦଳର ଏହି ଦାବି ସମ୍ବନ୍ଧରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ବିଧାୟକ ତଥା ବିଜେଡି ଓବିସି ସେଲ୍‌ର ଆବାହକ ଡ଼ ଅରୁଣ କୁମାର ସାହୁ, ଦଳର ଏସ୍‌ଟି ସେଲ୍‌ର ଆବାହକ ମଙ୍ଗଳା କିସାନ ଓ ଦଳର ଏସ୍‌ସି ସେଲ୍‌ର ଆବାହକ ମହେଶ ସାହୁଙ୍କ ଆବାହକତ୍ୱରେ ଏହି ଜନଆନ୍ଦୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦଳ ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକ ପତ୍ରରେ ନିକଟରେ ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଦାନ କରାଯାଇଥିବା ୧୧.୨୫ ପ୍ରତିଶତ ସଂରକ୍ଷଣ ଏକ ପ୍ରବଞ୍ଚନା ବୋଲି କୁହାଯାଇଛି । ବିଶେଷକରି, ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗ ପାଇଁ କୌଣସି ସଂରକ୍ଷଣ ପ୍ରଦାନ କରାଯାଇ ନଥିବାକୁ ଦଳ ତରଫରୁ ନାପସନ୍ଦ କରାଯାଇଛି। ଯେଉଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକାଂଶ ଆସନଗୁଡିକ ଖାଲିପଡୁଛି, ସେ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରାଯିବା ଓବିସି ବର୍ଗ ପାଇଁ ଏକ ପ୍ରତାରଣା ଛଡ଼ା ଆଉ କିଛି ନୁହେଁ। ତେଣୁ ତୁରନ୍ତ ରାଜ୍ୟର ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡ଼ିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରାଯାଇଛି।

ସ୍ମାରକପତ୍ରରେ ଆହୁରି କୁହାଯାଇଛି, କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଗୁଡିକରେ ଓ ଅନେକ ରାଜ୍ୟରେ ଓବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ରାଜ୍ୟର ଏସସି ଓ ଏସଟି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଚ୍ଚଶିକ୍ଷାରେ ୩୮.୭୫% ସଂରକ୍ଷଣ ପ୍ରଦାନ କରାଯାଉଥିବା ବେଳେ ଇଞ୍ଜିନିୟରିଂ, ମେଡିକାଲ ଓ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ୨୦% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେଣୁ ଏସସି, ଏସଟି ଛାତ୍ରଛାତ୍ରୀମାନଙ୍କ ପାଇଁ ଇଞ୍ଜିନିୟରିଂ, ମେଡିକାଲ ଓ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ମଧ୍ୟ ୩୮.୭୫ % ସଂରକ୍ଷଣ ପ୍ରଦାନ ପାଇଁ ବିଜୁ ଜନତା ଦଳ ତରଫରୁ ଦାବି କରାଯାଇଛି।

# ପୁଣି ଶିମିଳିପାଳରୁ ୨ଶିକାରୀ ଗିରଫ : ଗୋଟିଏ ବନ୍ଧୁକ ଜବଦ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଶିକାର ମୁକ୍ତ ଶିମିଳିପାଳ ଏବଂ ଜୀବଜନ୍ତୁଙ୍କ ଗତି ବିଧି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା ଟ୍ରାପ୍ କ୍ୟାମେରା ପୁଣି ଶିମିଳିପାଳରୁ ୨ ଜଣ ଶିକାରୀଙ୍କୁ ଧରାଇ ଦେଇଛି। ସେମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବଦ ହୋଇଥିବା ଜଣାଯାଇଛି। ଶିମିଳିପାଳ କୋର ଏରିଆରେ ଶିକାରୀମାନେ ପ୍ରବେଶ କରି ଶିକାର କରୁଥିବା ବେଳେ ଶିମିଳିପାଳରେ ଲାଗିଥିବା ଏଆଇ ଟ୍ରାପ୍ କ୍ୟାମେରାରେ ସେମାନଙ୍କର ଫୋଟ ଏବଂ ଗତିବିଧି କଣ୍ଟ୍ରୋଲ ରୁମ୍‌ରେ କଏଦ୍ ହୋଇଥିଲା। ଏଆଇ କ୍ୟାମେରା ଫୁଟେଜ ଆଧାରରେ ଚଢ଼ଉ କରାଯାଇ ଶିକାରୀମାନଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ବନ୍ଧୁକ ଜବଦ କରାଯାଇଛି। ଗିରଫ ହୋଇଥିବା ଶିକାରୀମାନେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ହାତୀକୁଟ ଗ୍ରାମର ଗୋପାଳ ସୋରେନ ଓରଫ ବନମାଳୀ, ଏବଂ ମଣ୍ଡଳ ସିଂ ବୋଲି ଜଣାଯାଇଛି। ଏମାନଙ୍କୁ ବନ୍ୟପ୍ରାଣୀ ଶିକାର ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବହାର ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଥିବାର ଜଣାଯାଇଛି।

# ଅନୁଗୁଳ ଯୁବତୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା : ଅଭିଯୁକ୍ତଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଅନୁଗୁଳର ୨୩ ବର୍ଷର ଯୁବତୀଙ୍କ ଦୁଷ୍କର୍ମ ଓ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ବିଧାନ ଦାବିରେ ଏଆଇଏମ୍‌ଏସ୍‌ଏସର ରାଜ୍ୟ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ମୃତା ଯୁବତୀଙ୍କ ବାପା ଡିଜିପିଙ୍କୁ ସାକ୍ଷାତ କରିଛନ୍ତି। ଗତ ଏପ୍ରିଲ୍ ୨୬ ତାରିଖ ଦିନ ଯୁବତୀ ଜଣଙ୍କ ଭୁବନେଶ୍ୱର ଯିବାକୁ ଟ୍ରେନ୍ ଧରିବା ପାଇଁ ତାଳଚେର ରେଳ ଷ୍ଟେସନ ନିକଟରୁ ନିଖୋଜ ଥିଲେ । ମେ' ୪ ତାରିଖ ଦିନ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ ବଅଁରପାଳ ଥାନା ଅଧୀନ ଏକ ସ୍ଥାନରୁ ମିଳିଥିଲା। ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିଥିବା ଅଟୋ ଡ୍ରାଇଭରକୁ ମେ' ୧୭ ତାରିଖରେ ଗିରଫ କରାଯାଇଛି। ନିଖୋଜ ଦିନ ଜିଆରପି ଥାନା ପୋଲିସ କୌଣସି ପ୍ରକାରର ସହଯୋଗ କରିନଥିଲେ। ଏମିତିକି ହତ୍ୟାକାରୀଙ୍କୁ ଡାକି ମଧ୍ୟ ପୂର୍ବରୁ ଛାଡ଼ି ଦେଇଥିଲେ।

C-364

**CUTTACK MUNICIPAL CORPORATION**

"e" PROCUREMENT NOTICE
Tender ID : 2025_ORULB_112668
Bid Reference No. MC(CMC)CTC_Div-II_No.06/2025-26
Tender Call Notice No. 6267 (PW) Date. 20.05.2025

Name of Works : Civil Works
No of Works : 01 Nos
Bid Value : Rs. 7.27 Lakh
Date of Completion : Two Calendar Months
Date and Time schedule :

| Start | End | Opening |
|---|---|---|
| 3.00 PM on dt. 21.05.2025 | 5.00 PM on dt.30.05.2025 | 11.00 A.M. on dt. 03.06.2025 |

Tender Details : can be seen from the procurement portal : www.tendersorissa.gov.in

Sd/- Executive Engineer, City Div-II
OIPR-13031/11/0182/2526

# ମୁମ୍ବାଇରେ ଏକ ପୁରୁଣା ବିଲ୍ଡିଂରେ ସ୍ଲାବ୍ ଖସି ଏକାଧିକ ଲୋକଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁମ୍ବାଇରେ ଏକ ପୁରୁଣା ବିଲ୍ଡିଂରେ ସ୍ଲାବ ଖସି ଏକାଧିକ ଲୋକଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ମୃତାହତଙ୍କ ମଧ୍ୟରେ ଓଡ଼ିଆଙ୍କ ସମ୍ପର୍କରେ ଜାଣି ଅତ୍ୟନ୍ତ ମର୍ମାହତ ହୋଇପଡିଛନ୍ତି ମୁଖ୍ୟମନ୍ତ୍ରୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁମ୍ବାଇର କଲ୍ୟାଣରେ ଏକ ପୁରୁଣା ବିଲ୍ଡିଂର ସ୍ଲାବ୍ ଖସିବା ଯୋଗୁଁ ଦୁର୍ଘଟଣାରେ ଏକାଧିକ ଲୋକଙ୍କ ପ୍ରାଣହାନି ଖବର ମୋତେ ବ୍ୟଥିତ କରିଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ମୃତାହତଙ୍କ ମଧ୍ୟରେ ଓଡ଼ିଆଙ୍କ ସମ୍ପର୍କରେ ଜାଣି ମୁଁ ଅତ୍ୟନ୍ତ ମର୍ମାହତ ଏବଂ ସେମାନଙ୍କ ପରିବାରର ଦୁଃଖରେ ମୁଁ ସମଦୁଃଖୀ। ସେମାନଙ୍କ ପ୍ରତି ସମବେଦନା ଜଣାଇବା ସହ ସମସ୍ତ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ।

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674 - 2340573, Email- mdosscltd456@gmail.com

CAD-498

TENDER CALL NOTICE
No- OSSC/ Engg- 117/ 2025

The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt of Odisha www.tenderodisha.gov.in. *Percentage Rate Tenders* from eligible Civil works contractors registered under Competent authority of Govt of Odisha

*Amount in Rs.*

| Sl | Name of the work | Estimated Amt | EMD | Cost of tender document with GST | Completion period | Eligibility class of Contractors |
|---|---|---|---|---|---|---|
| 1 | Repair of Seed Storage Godown by replacing GCI Sheet with Profile Sheet in Roof at Angul | 10,40,596.00 | 10406/- | 6720/- | 90 | D or above |

The details of location of work, estimated amount regarding construction work along-with cost of Tender Document, EMD and other criteria along with critical dates for the above Tenders can be seen in the *Detailed Tender Call Notice* posted in Website of Govt of Odisha www.tenderodisha.gov.in.
The last date for uploading of tender to tender portal is dt. 04.06.2025

OIPR-01045/11/0068/2526

Sd/- Managing Director
OSSC Ltd. BBSR

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

CAD-500

ପତ୍ର ସଂଖ୍ୟା ୯୪୫୨ / ଭୁ.ଉ.କ., ଭୁବନେଶ୍ୱର
CPM-II-(S)-107/93

**ସୂଚନା**

ତା ୧୯.୦୫.୨୦୨୫ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ MIG ଘର ନଂ. ଏସ-୨/୬୩୯କୁ ବଳଭଦ୍ର ଖଟୋଇ, ପିତା- ମୁରଳୀ ଖଟୋଇ, ଗ୍ରାମ-ସାନ-ନକୁଳ, ପୋଷ୍ଟ-ଡେଲାଙ୍ଗ, ଥାନା-ଡେଲାଙ୍ଗ, ଜିଲ୍ଲା-ପୁରୀ, ରାଜ୍ୟ-ଓଡ଼ିଶା ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ବଳଭଦ୍ର ଖଟୋଇ ଗତ ତା-୧୧.୦୫.୨୦୨୧ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death certificate No. 1800015/2021 Dated.16.05.2021 Legal heir certificate No. E-LHC/2023/65387) ବର୍ତ୍ତମାନ (୧) ସୁଧାଂଶୁବାଳା ଜଗଦ୍ଦେବ (ସ୍ତ୍ରୀ), (୨) ଆଦିତ୍ୟ ରାୟ (ପୁତ୍ର), ଆନିନ୍ଦ୍ୟ ରାୟ (ପୁତ୍ର) ଏବଂ ଅନନ୍ୟ ରାୟ (ପୁତ୍ର) ଉକ୍ତ ଘରର ଉତ୍ତରାଧିକାରୀ ଅଟନ୍ତି। ବର୍ତ୍ତମାନ ଉତ୍ତରାଧିକାରୀମାନେ ଉକ୍ତ ଘରର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଘରର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13033/11/0300/2526

ଭୁବନେଶ୍ୱର
୨୨ ମଇ,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଅଚ୍ୟୁତ ସାମନ୍ତଙ୍କ ନାମରେ ନାମିତ ହେଲା ଆମେରିକାର ଗବେଷଣା ପ୍ରତିଷ୍ଠାନ

**ନ୍ୟୁୟର୍କ, ୨୧/୦୫**

ଆମେରିକାର ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟିରେ ଶିକ୍ଷାବିତ୍ ଓ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ନାମରେ ଏକ ଗବେଷଣା ପ୍ରତିଷ୍ଠାନ ନାମିତ କରାଯାଇଛି। ପ୍ରତିଷ୍ଠାନର ନାମ ରହିଛି 'ଅଚ୍ୟୁତ ସାମନ୍ତ ଇଣ୍ଡିଆ ଇନିସିଏଟିଭ୍ କ୍ୟୁନି କ୍ରେଷ୍ଟ ଇନଷ୍ଟିଚ୍ୟୁଟ' (ଏଏସଆଇଆଇସିସିଆଇ)। ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କରେ ମଙ୍ଗଳବାର ଆମେରିକାର ବହୁ ଶିକ୍ଷାବିତ୍ ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। କୌଣସି ଭାରତୀୟଙ୍କ ନାମରେ ଆମେରିକାରେ ଏଭଳି ଗବେଷଣା ପ୍ରତିଷ୍ଠାନ ନାମିତ ହେବା ଏହା ହେଉଛି ପ୍ରଥମ। ଏହି ପ୍ରତିଷ୍ଠାନ ଆମେରିକୀୟ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ସମୃଦ୍ଧ କଳା ଏବଂ ଐତିହ୍ୟ ଉପରେ ଗବେଷଣା କରିବାର ସୁଯୋଗ ପ୍ରଦାନ କରିବା ସହ ଜନଜାତି ସଂପ୍ରଦାୟର ସାମାଜିକ-ଆର୍ଥିକ ବିକାଶରେ ଡ. ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ସଫଳତା ବିଷୟରେ ମଧ୍ୟ ଗବେଷଣା କରାଯିବ। ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ ଅଧୀନରେ ଥିବା






ବ୍ରୋଙ୍କସ୍ କମ୍ୟୁନିଟି କଲେଜର ଅଧ୍ୟକ୍ଷ ଡ. ମିଲଟନ୍ ସାଣ୍ଟିଆଗୋ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ଏଠାରେ ସେ ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟଧାରା ଓ ଜୀବନଶୈଳୀ ବିଷୟରେ ଜାଣିବାକୁ ପାଇଥିଲେ। ଡ. ସାମନ୍ତଙ୍କ କାର୍ଯ୍ୟଧାରା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଭାରତରୁ ଫେରିବା ପରେ ସେ ଡ. ଅଚ୍ୟୁତ ସାମନ୍ତଙ୍କ ନାମାନୁସାରେ ତାଙ୍କ ବିଶ୍ୱବିଦ୍ୟାଳୟରେ ଏକ ଗବେଷଣା ପ୍ରତିଷ୍ଠାନ ଏଏସଆଇଆଇସିସିଆଇ ନାମରେ ନାମିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପରେ ସାଣ୍ଟିଆଗୋଙ୍କ ଏହି ପ୍ରସ୍ତାବ ବିଶ୍ୱବିଦ୍ୟାଳୟ ବୋର୍ଡ ଦ୍ୱାରା ଗୃହୀତ ହୋଇଥିଲା। ଏହି ନୂତନ ଗବେଷଣା ପ୍ରତିଷ୍ଠାନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡ. ଅଚ୍ୟୁତ ସାମନ୍ତଙ୍କୁ ଯୋଗ ଦେବା ପାଇଁ ସାଣ୍ଟିଆଗୋ ନିମନ୍ତ୍ରଣ କରିଥିଲେ। ସାଣ୍ଟିଆଗୋଙ୍କ ନିମନ୍ତ୍ରଣ କ୍ରମେ ଡ. ସାମନ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନଙ୍କୁ ଉଦ୍‌ବୋଧନ ଦେଇ ଡ. ସାଣ୍ଟିଆଗୋ କହିଲେ, ଏହି ପ୍ରତିଷ୍ଠାନ ଆମେରିକାର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ହେବ। ଏହା ବିଭିନ୍ନ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କୁ ଅର୍ଥପୂର୍ଣ୍ଣ ଗବେଷଣା କରିବାରେ ସହାୟକ ହେବ। ଆମେରିକାର ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ ଏକ ସରକାରୀ ପ୍ରତିଷ୍ଠାନ। ଏହା ଆମେରିକାର ୧୭୫ବର୍ଷର ଏକ ପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ୨୫ଟି ମହାବିଦ୍ୟାଳୟ ରହିଥିବା ବେଳେ ସିଟି ୟୁନିଭରସିଟି ୧୨୨ଟି ଦେଶର ବିବିଧ ଛାତ୍ର ସଙ୍ଗଠନକୁ ସେବା ପ୍ରଦାନ କରୁଛି। ଏହି ଅବସରରେ ଡ. ସାମନ୍ତ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କ କର୍ତ୍ତୃପକ୍ଷଙ୍କୁ ନିଜର କୃତଜ୍ଞତା ଜଣାଇବା ସହ କହିଲେ, ଆମେରିକା ବିଶ୍ୱବିଦ୍ୟାଳୟ ତାଙ୍କର ଗବେଷଣା ପ୍ରତିଷ୍ଠାନକୁ ଜଣେ ଭାରତୀୟ ବିଶେଷ କରି ଜଣେ ଓଡ଼ିଆ ବ୍ୟକ୍ତିଙ୍କ ନାମ ଅନୁସାରେ ନାମିତ କରିଛି- ଏହା ଏକ ଅତ୍ୟନ୍ତ ସମ୍ମାନଜନକ ମୁହୂର୍ତ୍ତ। ଏହା ଯେକୌଣସି ଭାରତୀୟ, ବିଶେଷକରି ଓଡ଼ିଶା ତଥା କିଟ୍ ଓ କିସ୍ ପାଇଁ ମଧ୍ୟ ଏକ ଗର୍ବର ବିଷୟ। ଏହି ପ୍ରତିଷ୍ଠାନ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଏବଂ ମୋ କାର୍ଯ୍ୟଧାରା ବିଷୟରେ ଅଧିକ ଗବେଷଣା ଏବଂ ବୁଝାମଣାକୁ ଉତ୍ସାହିତ କରିବ ବୋଲି ସେ କହିଥିଲେ। ଏହାସହ ଡ. ସାମନ୍ତ ଏହି ସଫଳତାକୁ ଓଡ଼ିଶାର ଜନସାଧାରଣ ତଥା କିଟ୍ ଓ କିସ୍ ପରିବାରକୁ ଉତ୍ସର୍ଗ କରିଥିଲେ। ଏହି ଅବସରରେ ଡ. ସାମନ୍ତଙ୍କୁ ସିଟି ୟୁନିଭରସିଟି ଅଫ୍ ନ୍ୟୁୟର୍କର ସର୍ବୋଚ୍ଚ ସମ୍ମାନ ପ୍ରେସିଡେନ୍‌ସିଆଲ୍ ମେଡ଼ାଲ୍ ପ୍ରଦାନ କରାଯାଇଥିଲା।

# ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା ଆରମ୍ଭ



**ପୁରୀ, ୨୧/୦୫**
**ନ୍ୟୁଜ ବ୍ୟୁରୋ**

ବୁଧବାରଠାରୁ ବଡ଼ଦେଉଳରେ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ୨୧ଦିନିଆ ଭିତର ଚନ୍ଦନ ଯାତ୍ରା । ଶୁକ୍ରବାର ଜ୍ୟେଷ୍ଠ କୃଷ୍ଣ ଏକାଦଶୀରେ ଅନୁଷ୍ଠିତ ହେବ ପ୍ରଥମ ଜଳକ୍ରୀଡ଼ା ଉତ୍ସବ । ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇ ରୋହିଣୀ କୁଣ୍ଡ ନିକଟସ୍ଥ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିବେ। ଶ୍ରୀମନ୍ଦିରସ୍ଥ ଜଳକ୍ରୀଡ଼ା ମଣ୍ଡପରେ ଠାକୁରେ 'ଜଳକ୍ରୀଡ଼ା' କରିବେ। ସୁବାସିତ ପୁଷ୍ପ, କର୍ପୂର, ଚନ୍ଦନ ଇତ୍ୟାଦି ସୁଗନ୍ଧିତ ଦ୍ରବ୍ୟଯୁକ୍ତ ପାଣିରେ ଠାକୁରେ ଅଧିଷ୍ଠିତ ହେବେ । ପୂଜାପଣ୍ଡା ସାଆନ୍ତ ପଞ୍ଚୋପଚାରରେ ଶୀତଳ ଭୋଗ ପରେ ଠାକୁରଙ୍କ ବେଶ ଅନୁଷ୍ଠିତ ହୋଇଛି। ମୁଦିରସ୍ତ ପ୍ରସାଦ ଲାଗି କରିଛନ୍ତି । ଚନ୍ଦନ ପାଣି ପିଚକାରୀ ନୀତି ବଢ଼ିଛି । ଏହି ଅବସରରେ ଠାକୁରଙ୍କ ଆଲଟ ଲାଗି ଓ ଚନ୍ଦନ ଲାଗି ନୀତି ହୋଇଛି। ଏଥିସହ ୨୭ ତାରିଖ ମଙ୍ଗଳବାର ସାବିତ୍ରୀ ଅମାବାସ୍ୟା, ଜୁନ୍ ୧ ତାରିଖ ରବିବାର ଶୀତଳ ଷଷ୍ଠୀ ଓ ୬ ତାରିଖ ଶୁକ୍ରବାର ରୁକ୍ମିଣୀ ହରଣ ଏକାଦଶୀ ତିଥିରେ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହେବ।

# ୧୯୨୩ ମସିହାରୁ ୱାକଫ ଆଇନରେ ସମସ୍ୟା ଥିଲା : ଏସଜି

**ନୂଆଦିଲ୍ଲୀ, ୨୧/୦୫**

ସୁପ୍ରିମକୋର୍ଟରେ ବୁଧବାର ୱାକଫ ସଂଶୋଧନ ଆଇନ ବିରୁଦ୍ଧରେ ଦାୟର ଆବେଦନ ଉପରେ ଶୁଣାଣି ସମୟରେ, କେନ୍ଦ୍ର କହିଛି ଯେ କୌଣସି ଆବେଦନକାରୀ ବ୍ୟକ୍ତିଗତ ଭାବରେ ଆଇନ ଦ୍ୱାରା ପ୍ରଭାବିତ ନୁହଁନ୍ତି। କେବଳ କିଛି ଲୋକ ଏକ ଆବେଦନ ଦାଖଲ କରି ସମଗ୍ର ମୁସଲିମ ସମ୍ପ୍ରଦାୟର ପ୍ରତିନିଧି ହୋଇପାରିବେ ନାହିଁ। ଆବେଦନକାରୀ କେବେ କହିପାରିବେ ନାହିଁ ଯେ, ଯେଉଁ ବିଷୟ ବା ସମସ୍ୟା ଗୁଡ଼ିକରେ ଆବେଦନ କରାଯାଇଛି ବା ଆଲୋଚନା ଚାଲିଛି, ସମଗ୍ର ମୁସଲିମ ସମ୍ପ୍ରଦାୟ ମଧ୍ୟ ସମାନ ସମସ୍ୟା ବିଷୟରେ ଭାବୁଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ହାଜର ହୋଇଥିଲେ। ସେ କହିଥିଲେ ଯେ ସଂସଦ ସତର୍କତାର ସହ ବିଚାର କରିବା ପରେ ଆଇନ ତିଆରି କରିଛି ଏବଂ ଆଇନ ତିଆରି କରିବା ପୂର୍ବରୁ ଲକ୍ଷ ଲକ୍ଷ ଲୋକଙ୍କ ପରାମର୍ଶ ନିଆଯାଇଥିଲା। ଏସଜି ମେହେଟା କହିଛନ୍ତି ଯେ କିଛି ଲୋକ ନିଜକୁ ସମଗ୍ର ମୁସଲିମ ସମ୍ପ୍ରଦାୟର ପ୍ରତିନିଧି ବୋଲି କହିପାରିବେ ନାହିଁ ଏବଂ ୧୯୨୩ ମସିହାରୁ ୱାକଫ ଆଇନରେ ଏକ ତ୍ରୁଟି ଚାଲିଆସିଥିଲା, ଯାହାକୁ ସଂଶୋଧନ କରାଯାଇଛି। ମଙ୍ଗଳବାର ଦିନ ମଧ୍ୟ ଏହି ମାମଲାର ଶୁଣାଣି ହୋଇଥିଲା, ଯେଉଁଥିରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ, ଅଭିଷେକ ମନୁ ସିଂଘଭି ଏବଂ ରାଜୀବ ଧାୱନ ଯୁକ୍ତି ବାଢ଼ିଥିଲେ। ଏସଜି ତୁଷାର ମେହେଟା କେନ୍ଦ୍ର ପକ୍ଷରୁ ଉପସ୍ଥାପନ କରି କହିଥିଲେ ଯେ ୧୯୨୩ରୁ ୧୯୯୫ ପର୍ଯ୍ୟନ୍ତ କେବଳ ମୁସଲମାନମାନେ ୱାକଫ କରିପାରିବେ ବୋଲି ବ୍ୟବସ୍ଥା ଥିଲା, କିନ୍ତୁ ୨୦୧୩ ମସିହାରେ ନିର୍ବାଚନ ପୂର୍ବରୁ ଏକ ଆଇନ ପ୍ରଣୟନ କରାଯାଇଥିଲା ଯେ ଯେକୌଣସି ବ୍ୟକ୍ତି ୱାକଫ କରିପାରିବେ। ସେ କହିଛନ୍ତି ଯେ ସରକାର ଏଥିରେ ସଂଶୋଧନ କରିଛନ୍ତି ଏବଂ ୱାକଫ ପାଇବା ପାଇଁ ଅତି କମରେ ପାଞ୍ଚ ବର୍ଷ ପାଇଁ ଇସଲାମ ଧର୍ମ ପାଳନ କରିବାକୁ ଏକ ସର୍ତ୍ତ ରଖାଯାଇଛି। ଏସଜି ତୁଷାର ମେହେଟା କହିଛନ୍ତି, "ଯଦି କେହି କୌଣସି ସ୍ଥାନ ବ୍ୟବହାର କରୁଛନ୍ତି, ତେବେ ତାଙ୍କ ପାଖରେ ସେହି ସ୍ଥାନର କାଗଜପତ୍ର ନାହିଁ ଏବଂ ସେ ଦାବି କରନ୍ତି ଯେ ଏହା ବ୍ୟବହାରକାରୀଙ୍କ ଦ୍ୱାରା ପଞ୍ଜୀକୃତ ନ ଥିବା ୱାକଫ ଅଟେ।' ଯଦି ସରକାରୀ ରେକର୍ଡ ଅନୁଯାୟୀ ସମ୍ପତ୍ତିଟି ସରକାରୀ ସମ୍ପତ୍ତି, ତେବେ ଏହାର ତଦନ୍ତ କରାଯିବ କି ନାହିଁ? ଶୁଣାଣିରେ ଆବେଦନକାରୀମାନେ ସମ୍ପତ୍ତିର ପଞ୍ଜୀକରଣ ଉପରେ ଆପତ୍ତି ଉଠାଇ କହିଥିଲେ ଯେ ୧୦୦-୨୦୦ ବର୍ଷ ପୁରୁଣା ୱାକଫ କାଗଜପତ୍ର କେଉଁଠାରୁ ଆସିବ? ତେବେ ତମାମ ପ୍ରସଙ୍ଗକୁ ନେଇ ବର୍ତ୍ତମାନ ସୁଦ୍ଧା ମଧ୍ୟ ଆବେଦନକାରୀ, କେନ୍ଦ୍ର ଏବଂ ସୁପ୍ରିମକୋର୍ଟଙ୍କ ମଧ୍ୟରେ ଆଲୋଚନା ଚାଲିଛି।

# ସାତକୋଶିଆରେ ରାଫ୍ଟିଙ୍ଗ୍, ହୀରାକୁଦରେ ହଟ୍ ଏୟାର ବେଲୁନ୍ ପର୍ଯ୍ୟଟନର ବିକାଶ କରାଯିବ

**ଭୁବନେଶ୍ୱର, ୨୧।୫**
**ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀକୁ ଚୂଡ଼ାନ୍ତ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ୟାନ୍ୟ କ୍ଷେତ୍ର ସହିତ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ 'ଥିଙ୍କ୍ ଇଣ୍ଡିଆ, ଥିଙ୍କ୍ ଓଡ଼ିଶା' ଦୃଷ୍ଟିଭଙ୍ଗୀ ନେଇ ଓଡ଼ିଶାରେ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ବିକାଶ କରାଯିବ। ଦୁଃସାହସିକ ପର୍ଯ୍ୟଟନ କ୍ଷେତ୍ରକୁ ଏପରି ଆକର୍ଷଣୀୟ କରାଯିବ, ଯେପରି ଲୋକ ଭାରତକୁ ଆସିବା କଥା ଚିନ୍ତା କଲେ, ପ୍ରଥମେ ଓଡ଼ିଶା କଥା ତାଙ୍କ ମନକୁ ଆସିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ-୨୦୪୭ର ପରିକଳ୍ପନା ସହିତ ତାଳଦେଇ ଓଡ଼ିଶାର ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଯୋଜନା କରାଯାଉଛି ଏବଂ ପର୍ଯ୍ୟଟନ ମଧ୍ୟ ଆମ ସରକାରଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ଓଡ଼ିଶାର ବିକାଶ ପାଇଁ ଯେଉଁ ବ୍ୟାପକ ଦୃଷ୍ଟିଭଙ୍ଗୀ ରଖାଯାଇଛି, ଏହି ନିର୍ଦ୍ଦେଶାବଳୀ ତାହାର ଏକ ଅଂଶବିଶେଷ । ଓଡ଼ିଶାରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟମୟ ଓ ରୋମାଞ୍ଚକ ସ୍ଥାନଗୁଡ଼ିକୁ ଦୁଃସାହସିକ ପର୍ଯ୍ୟଟନର ପ୍ରମୁଖ ଗନ୍ତବ୍ୟସ୍ଥଳୀ ଭାବରେ ବିକଶିତ କରିବା ଏହାର ଲକ୍ଷ୍ୟ। ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ଏହି ଦୁଃସାହସିକ ପର୍ଯ୍ୟଟନର ସମ୍ଭାବନା ଥିବା ସ୍ଥାନଗୁଡ଼ିକର ମ୍ୟାପିଙ୍ଗ୍ କରାଯାଇ ଏଗୁଡ଼ିକର ବିକାଶ କରାଯିବ। ସାତକୋଶିଆରେ ରାଫ୍ଟିଙ୍ଗ୍ ଓ ହୀରାକୁଦ ଉପରେ ହଟ୍ ଏୟାର ବେଲୁନ୍ ପର୍ଯ୍ୟଟନର ବିକାଶ ସହିତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏହିପରି ପର୍ଯ୍ୟଟନ ସୁବିଧାର ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରଖାଯାଇଛି।

ଏହି ପର୍ଯ୍ୟଟନ ଲୋକପ୍ରିୟ ହେବା ସହିତ ଏହା ରାଜ୍ୟର ଯୁବଶକ୍ତି ପାଇଁ ମଧ୍ୟ ବ୍ୟାପକ ସୁଯୋଗ ସୃଷ୍ଟି କରିବ। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଳ, ସ୍ଥଳ ଓ ଆକାଶ- ବିଭିନ୍ନ ଦୁଃସାହସିକ ପର୍ଯ୍ୟଟନ ପାଇଁ ଯୁବବର୍ଗଙ୍କୁ ତାଲିମ ଓ ପ୍ରମାଣପତ୍ର ଦିଆଯିବ। ଏହା ଦ୍ୱାରା ସେମାନଙ୍କ ପାଇଁ ବ୍ୟାପକ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇପାରିବ । ଏଥିପାଇଁ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ । 'ଗୋ ଆଡ୍‌ଭେଞ୍ଚର' ପୋର୍ଟାଲ ଜରିଆରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ଅନୁମୋଦନ ଦିଆଯିବ ।

ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ଘରୋଇ ସଂସ୍ଥାଗୁଡ଼ିକୁ ଓଡ଼ିଶା ପର୍ଯ୍ୟଟନ ନୀତି-୨୦୨୨ ଅଧୀନରେ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ମଧ୍ୟ ବ୍ୟବସ୍ଥା ରଖାଯାଇଛି । ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିବ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଉପସ୍ଥିତ ଥିଲେ।

# ସାତକୋଶିଆ ଗଣ୍ଡରେ ଜନ୍ମନେଲେ ୨୯ ଘଡିଆଳ ଶାବକ

**ହରଭଙ୍ଗା, ୨୧/୦୫**

ବିରଳ ପ୍ରଜାତିର ଘଡିଆଳ କୁମ୍ଭୀର ପାଇଁ ପରିଚିତ ସାତକୋଶିଆ ଆଣିଛି ଆଉ ଏକ ଖୁସି ଖବର । ଗତ ୧୮ ତାରିଖରେ ସାତକୋଶିଆର ବଳଦମଡା ନିକଟରେ ଏକ ମାଈ ଘଡିଆଳ କୁମ୍ଭୀର ୨୯ଟି ଶାବକକୁ ଜନ୍ମ ଦେଇଛି । ୪୦ବର୍ଷର ବ୍ୟବଧାନ ପରେ ଏଥରକୁ ମିଶାଇ ଲଗାତର ୫ମ ଥର ପ୍ରାକୃତିକ ଆବାସ ସ୍ଥଳୀରେ ଅଣ୍ଡା ଫୁଟାଇଛି ମା' ଘଡିଆଳ । ଏଭଳି ଖୁସି ଖବର କେବଳ ସାତକୋଶିଆ ପାଇଁ ନୁହେଁ ସମଗ୍ର ଓଡ଼ିଶା ପାଇଁ ଖୁସି ଆଣିଛି । ପ୍ରକାଶ ଯେ ସାତକୋଶିଆ ଗଣ୍ଡ ଅଭୟାରଣ୍ୟର ବଳଦମଡା ନିକଟରେ ଗତ ମାର୍ଚ୍ଚ ମାସରେ ଏକ ମାଈ ଘଡିଆଳ କୁମ୍ଭୀର ଅଣ୍ଡା ଦେଇଥିଲା । ଅଣ୍ଡା ଦେବାର ଏକ ମାସ ପରେ ଛୁଆ ଫୁଟିବା କଥା । ମାତ୍ର ଅତ୍ୟଧିକ ଗରମ କାରଣରୁ ଅଣ୍ଡାରୁ ଛୁଆ ଫୁଟିବା ବିଳମ୍ବ ଘଟିଥିଲା । ଏହାକୁ ନେଇ ବନ୍ୟପ୍ରାଣୀ ବିଭାଗ ବିଚଳିତ ହୋଇପଡିଥିଲା । ଘଡିଆଳ ପ୍ରଜନନକୁ ଦୃଷ୍ଟିରେ ରଖି କୋର ଏରିଆରେ ମାଛମରା, ଡଙ୍ଗା ଇତ୍ୟାଦି ଚଳାଚଳକୁ କଡାକଡି ବନ୍ଦ କରାଯାଇଥିଲା । ବିଳମ୍ବରେ ହେଉପଛେ ମାଈ ଘଡିଆଳ ୨୯ ଶାବକ ଜନ୍ମ ଦେବା ପରେ ସାତକୋଶିଆ ବନ୍ୟପ୍ରାଣୀ କର୍ମଚାରୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ପ୍ରକାଶ ଯେ ସାତକୋଶିଆ ଗଣ୍ଡ ଅଭୟାରଣ୍ୟର ମହାନଦୀ ବନ୍ୟପ୍ରାଣୀ ଅନୁଗୁଳ ବନଖଣ୍ଡ ଅଧୀନରେ ଥିବା ଟିକରପଡାଠାରେ ୧୯୭୫ ମସିହାରେ ଘଡିଆଳ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟଥିଲା ମହାନଦୀର ପ୍ରାକୃତିକ ପରିବେଶରେ ଘଡିଆଡ କୁମ୍ଭୀର ବଂଶବୃଦ୍ଧି। ଏହି ଉଦ୍ଦେଶ୍ୟରେ ଟିକରପଡାଠାରେ ଏକ କୁମ୍ଭୀର ଗବେଷଣା କେନ୍ଦ୍ର ସହିତ ସଂରକ୍ଷଣ କେନ୍ଦ୍ର



ଖୋଲାଯାଇଥିଲା। ମାତ୍ର ବିଭିନ୍ନ ସମୟରେ ବାହାରୁ ଅଣ୍ଡା ଅଣାଯାଇ ପ୍ରଜନନ ପରେ ବି ସାତକୋଶିଆରେ ଘଡିଆଳ ବଂଶବୃଦ୍ଧି ନଘଟିବା କାରଣ ଦିଗରେ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଥିଲା । ୨୦୨୦ରେ ଘଡିଆଳ ବଂଶବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରାକୃତିକ ପ୍ରଜନନ ପାଇଁ କେତୋଟି ମାଈ ଏବଂ ପୁରୁଷ ଘଡିଆଳ ଗଣ୍ଡରେ ଛଡାଯାଇ ସେମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଥିଲା । ଶେଷରେ ୨୦୨୨ରେ ପ୍ରଥମଥର ପାଇଁ ଏକ ମାଈ ଘଡିଆଳ ସାତକୋଶିଆର ବଳଦମଡାଠାରେ ୨୮ଟି ଶାବକକୁ ଜନ୍ମ ଦେଇଥିଲା । ୨୦୨୨ ମେ'ରେ ପୁଣି ମାଈ ଘଡିଆଳ କୁମ୍ଭୀର ୩୦ଟି ଶାବକକୁ ନେଇ ଖେଳୁଥିବା ଚିତ୍ର ବନ୍ୟପ୍ରାଣୀ ବିଭାଗ ଜାରିକରିଥିଲା । ଗତ ୨୦୨୩ ମେ'ରେ ଘଡିଆଳ କୁମ୍ଭୀର ୩୫ଟି ଶାବକ ଜନ୍ମ ଦେଇଥିଲା । ଲଗାତାର ଚତୁର୍ଥ ଥର ପାଇଁ ଗତ ୨୩ ମେ' ୨୦୨୪ରେ ଘଡିଆଳ କୁମ୍ଭୀର ୩୫ଟି ଶାବକ ଜନ୍ମ ଦେବା ସାତକୋଶିଆ ପାଇଁ ଖୁସିଖବର ଆଣିଛି । ଲଗାତାର ପଞ୍ଚମଥର ପାଇଁ ଘଡିଆଳ କୁମ୍ଭୀର ଶାବକ ଜନ୍ମ ଦେବା ଘଟଣା ସାତକୋଶିଆରେ ଏହି ପ୍ରଜାତିର କୁମ୍ଭୀର ବଂଶବୃଦ୍ଧି ଦିଗରେ ସଫଳତା ଆଡକୁ ଗତିକରୁଥିବା ଜଣାପଡୁଛି । ପ୍ରତିବର୍ଷ ମେ' ମାସରେ ସାତକୋଶିଆ ପାଇଁ ଘଡିଆଳ କୁମ୍ଭୀର ଖୁସି ଖବର ଆଣୁଥିବାରୁ ମେ' ମାସ ସାତକୋଶିଆ ପାଇଁ ସ୍ୱତନ୍ତ୍ର ବୋଲି ମତପ୍ରକାଶ ପାଉଛି । ବର୍ତ୍ତମାନ ଘଡିଆଳ ଶାବକଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ନୟାଗଡ଼ ବନ୍ୟପ୍ରାଣୀ ଡିଏଫଓ ଫଲଗୁନୀ ମଲ୍ଲିକ ସୂଚନା ଦେଇଛନ୍ତି ।

# ଭିଜିଲାନ୍ସ ଜାଲରେ ଫରେଷ୍ଟ ଉପ-ରେଞ୍ଜର

**ସୁନ୍ଦରଗଡ଼, ୨୧/୦୫ ନ୍ୟୁଜ ବ୍ୟୁରୋ**

ବିଡ଼ା ବିଡ଼ା ଟଙ୍କା । ସୁନା ଗହଣା ଦେଖି ଆଖି ଜଳକା । ବୃତ୍ତିରେ ଫରେଷ୍ଟ ରେଞ୍ଜର, ହେଲେ ଘରୁ ମିଳିଲା ପୁଳାପୁଳା ଟଙ୍କା । ୧୮ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗ ପରେ ବିସ୍ରା ଫରେଷ୍ଟ ଉପ-ରେଞ୍ଜର ଅସିତ୍ କୁମାର ପଟ୍ଟନାୟକଙ୍କ ଘରେ ଭିଜିଲାନ୍ସ ଛାପା ମାରିଥିଲା । ଏଥିରେ ୮ ଲକ୍ଷ ୩୭ ହଜାର ନଗଦ କ୍ୟାସ୍ ସହ ୩୯୦ ଗ୍ରାମ୍‌ର ସୁନା ଗହଣା ମିଳିଛି । ଘଟଣାର ତଦନ୍ତ ଜାରି ରହିଛି । ରାଉରକେଲା ବନ ବିଭାଗ ପକ୍ଷରୁ ବିସ୍ରା ଉପ-ରେଞ୍ଜର ଅସିତ୍ କୁମାର ପଟ୍ଟନାୟକଙ୍କ ନାମରେ ଲାଞ୍ଚ ନେବାର ଅଭିଯୋଗ ହୋଇଥିଲା । ଜଣେ ଗାଡ଼ି ମାଲିକଙ୍କଠୁ ଅସିତ୍ ୧୮ହଜାର ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ରହିଥିଲା । ସରକାରୀ ଉଦ୍ଦେଶ୍ୟରେ ପୂର୍ବରୁ ନିୟୋଜିତ ଥିବା ତାଙ୍କ ଗାଡ଼ି ଭଡ଼ା ଶୁଳ୍କ ଛାଡ଼ କରିବା ପାଇଁ ଜାଲ ବିଛାଇଥିଲେ । ଏହି ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ଅସିତ୍‌ଙ୍କ ୪ ଠିକଣାରେ ଏକକାଳୀନ ରେଡ୍ ହୋଇଥିଲା । ଛାପାରେ ନଗଦ ୮.୩୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହା ସହିତ ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ତାଙ୍କ ବାସଭବନରୁ ପ୍ରାୟ ୩୯୦ ଗ୍ରାମ୍‌ର ସୁନା ଅଳଙ୍କାର ମିଳିଛି ।

# ଦଶହରା ପୂର୍ବରୁ କଲେଜ୍ ଇଲେକ୍ସନ୍ : ମନ୍ତ୍ରୀ ଦେଲେ ଗ୍ରିନ୍ ସିଗ୍‌ନାଲ୍

**ଭୁବନେଶ୍ୱର, ୨୧/୦୫ ନ୍ୟୁଜ ବ୍ୟୁରୋ**

କେବେ ହେବ ଛାତ୍ର ସଂସଦ ନିର୍ବାଚନ? ଏହି ପ୍ରଶ୍ନ ସବୁବେଳେ ଉଠିଆସୁଥିବା ବେଳେ କେବେ ହେବ କଲେଜ୍ ଇଲେକ୍ସନ୍ ସେନେଇ ଗ୍ରିନ୍ ସିଗନାଲ୍ ଦେଇଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ। ଦଶହରା ପୂର୍ବରୁ କ୍ୟାମ୍ପସ ନିର୍ବାଚନ ସରିବ ବୋଲି ସୂଚନା ଦେଇଛନ୍ତି ସୂରଜ ସୂର୍ଯ୍ୟବଂଶୀ। ମନ୍ତ୍ରୀ କହିଛନ୍ତି, କଲେଜ୍ ଇଲେକ୍ସନ୍ ପାଇଁ ଚିନ୍ତା କରୁଛି ଉଚ୍ଚଶିକ୍ଷା ବିଭାଗ। ଏଣୁ ସଠିକ୍ ସମୟରେ ସବୁ ଶେଷ କରିବାକୁ ପ୍ରୟାସ ଜାରି ରହିଛି।

ପୂର୍ବ ସରକାର ସମୟରୁ କ୍ୟାମ୍ପସ ନିର୍ବାଚନ ବନ୍ଦ ରହିଥିଲା। ବିଭିନ୍ନ ଆଳ ଦେଖାଇ କ୍ୟାମ୍ପସ୍ ନିର୍ବାଚନକୁ କରାଇ ଦିଆଯାଉନଥିଲା। ପ୍ରଥମେ କଲେଜରେ ବିଶୃଙ୍ଖଳା, ପରେ କରୋନାର ଆଳ ଦେଖାଇ କ୍ୟାମ୍ପସ ନିର୍ବାଚନକୁ ବନ୍ଦ ରଖାଯାଇଥିଲା। ଯାହାକୁ ନେଇ ପରବର୍ତ୍ତୀ ମୁହୂର୍ତ୍ତରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଛାତ୍ର ସଂସଦ ନିର୍ବାଚନକୁ ନେଇ ସେତେବେଳର ସରକାର ବିଜେଡି ଉପରେ ବିଜେପି ଘନ ଘନ ଆକ୍ରମଣ କରିଥିବା ବେଳେ ଛାତ୍ରମାନେ ମଧ୍ୟ ପୁଣି କ୍ୟାମ୍ପସ ନିର୍ବାଚନ କରିବାକୁ ଦାବି କରିଆସୁଥିଲେ। ଏବେ ବିଜେପି କ୍ଷମତାକୁ ଆସିଛି, ଆଉ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଗ୍ରିନ୍ ସିଗନାଲ୍ ପରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଆଶା ବଢିଛି।

## ନାଲ୍‌କୋର ଆର୍ଥିକ ଫଳାଫଳ ଇତିହାସରେ ସର୍ବବୃହତ ରେକର୍ଡ

# ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବକାଳିନ ସର୍ବାଧିକ ୫,୩୨୫ କୋଟିର ନିଟ୍ ଲାଭ

**ଭୁବନେଶ୍ୱର, ୨୧/୦୫**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଆର୍ଥିକ ବର୍ଷ ୨୦୨୪-୨୫ରେ ସର୍ବକାଳିନ ସର୍ବାଧିକ ନିଟ୍ ଲାଭ ଅର୍ଜନ କରିବାର ରେକର୍ଡ ହାସଲ କରିଛି। ବୁଧବାର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲ୍‌କୋ ଆର୍ଥିକ ବର୍ଷ ୨୦୨୪-୨୫ରେ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନିଟ୍ ଲାଭ କରି ଏକ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ନିଟ୍ ଲାଭ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୫୮% ବୃଦ୍ଧି ପାଇଛି। ଏଥିସହ, ଆର୍ଥିକ ବର୍ଷ ୨୦୨୪-୨୫ରେ କମ୍ପାନୀ ସର୍ବକାଳିନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି।



୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭରେ ୧୦୫% ଅଭିବୃଦ୍ଧି ଘଟି ସର୍ବକାଳିନ ସର୍ବାଧିକ ୨,୦୭୮ କୋଟି ଟଙ୍କା ହୋଇଥିବା ବେଳେ ଆର୍ଥିକ ବର୍ଷ ୨୦୨୩-୨୪ର ଚତୁର୍ଥ ତ୍ରୈମାସରେ ନିଟ୍ ଲାଭ ୧୦୧୬ କୋଟି ଟଙ୍କା ଥିଲା। ସେହିପରି ଚତୁର୍ଥ ତ୍ରୈମାସିକରେ କମ୍ପାନୀ ୫,୨୬୮ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ ବିଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଏହି ପରିମାଣ ୩,୫୭୯ କୋଟି ଟଙ୍କା ଥିଲା।

ଆଲୁମିନା ଓ ଆଲୁମିନିୟମ ଦରରେ ବୃଦ୍ଧି ତଥା କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ବିଭିନ୍ନ ସଂପ୍ରସାରଣ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଦ୍ୱାରା ନାଲ୍‌କୋ ଏହାର ସମସ୍ତ ବ୍ୟବସାୟିକ ୟୁନିଟରେ ତଥା ଲାଭ ଅର୍ଜନ କ୍ଷେତ୍ରରେ ଆଶାତୀତ ଅଭିବୃଦ୍ଧି ହାସଲ କରିଛି। ସୂଚନାଯୋଗ୍ୟ ଯେ, ଏଥି ସହ ନାଲ୍‌କୋ ଆର୍ଥିକ ବର୍ଷ ୨୦୨୪-୨୫ ରେ ସର୍ବକାଳୀନ ସର୍ବାଧିକ ୭୬.୪୮ ଲକ୍ଷ ଟନ୍ ବକ୍ସାଇଟ୍ ଉତ୍ତୋଳନ କରିବା ସହ ଘରୋଇ ବଜାରରେ ସର୍ବକାଳୀନ ସର୍ବାଧିକ ୪.୫୫ ଲକ୍ଷ ଟନ୍ ଧାତୁ ବିକ୍ରୟ କରିଛି।

ଏହି ଅବସରରେ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, 'ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ଏବଂ ଚତୁର୍ଥ ତ୍ରୈମାସିକରେ କମ୍ପାନୀର ଉଲ୍ଲେଖନୀୟ ପ୍ରଦର୍ଶନ କର୍ମଚାରୀଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ଅଟେ। ନାଲ୍‌କୋ ଏହାର ଦୃଢ଼ ଆର୍ଥିକ ପ୍ରଦର୍ଶନ ଏବଂ ବ୍ୟବସାୟିକ ଅଭିବୃଦ୍ଧି ବଳରେ ଆଜିର ପ୍ରଭାବଶୀଳ ବଜାର ପରିବେଶରେ ପ୍ରତିଯୋଗିତାମୂଳକ ମୂଲ୍ୟ ବଜାୟ ରଖିବାରେ ସଫଳ ହୋଇପାରିଛି'। ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ସୁଦକ୍ଷ କର୍ମଚାରୀ ତଥା କାର୍ଯ୍ୟାନ୍ୱୟନ ଶୈଳୀରେ ଉନ୍ନତି ଫଳରେ କମ୍ପାନୀ ଆଗକୁ ବଢି ପାରିଛି। ଆଲୁମିନିୟମର ମୂଲ୍ୟ ତଥା ନିରନ୍ତର ଚାହିଦା ବୃଦ୍ଧି ସହ ନାଲ୍‌କୋ ଏହାର ଅଭିବୃଦ୍ଧି ବଜାୟ ରଖିବା ନିମନ୍ତେ ପ୍ରସ୍ତୁତ ରହିଛି'। ଆଲୁମିନା ରିଫାଇନେରୀର ପଞ୍ଚମ ଷ୍ଟ୍ରିମ୍ ସମ୍ପ୍ରସାରଣ, ପୋଟାଙ୍ଗି ବକ୍ସାଇଟ୍ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍ଟର ପ୍ଲାଣ୍ଟ ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ମାଧ୍ୟମରେ କମ୍ପାନୀର ଦୀର୍ଘକାଳୀନ ଅଭିବୃଦ୍ଧି ନିମନ୍ତେ ପ୍ରତିବଦ୍ଧତାକୁ ଶ୍ରୀ ସିଂହ ଗୁରୁତ୍ୱାରୋପ କରିଥିଲେ। ଏହି ପଦକ୍ଷେପଗୁଡ଼ିକ ସ୍ଥାୟୀ ଏବଂ ସ୍ଥିର ଅଭିବୃଦ୍ଧି ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିବ, ଯାହା ବିଶ୍ୱ ଆଲୁମିନିୟମ ବ୍ୟବସାୟ କ୍ଷେତ୍ରରେ ନାଲ୍‌କୋର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ସେ ମତ ପ୍ରକଟ କରିଛନ୍ତି।


## ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବୃଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

Tel: +91 674 2611000 | Email: memoriam@imfa.in